ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ଜାନୁୟାରୀ ୨୮ /୨୦୧୯ (୧୬ ପୃଷ୍ଠା) | Rayagada, Monday, January 28 / 2019 ★
୮ମ ଭାଗ ୩୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**'ରାମ ଲଖନ୍' ପାଇଁ ନାଚିଲେ ମାଧୁରୀ**
ଲୋକପ୍ରିୟ ସିନେମା 'ରାମ ଲଖନ୍'ର ୩୦ବର୍ଷ ପୂର୍ତ୍ତି ପାଳନ ଅବସରରେ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ପୂର୍ବ ସ୍ମୃତି ମନେପକାଇ ନୃତ୍ୟ କରିଛନ୍ତି। **୦୨**

**୧୪** **ଜୋକୋଭିଚ୍‌ଙ୍କୁ ରେକର୍ଡ ଟାଇଟଲ**
ସର୍ବିୟାର ନୋଭାକ ଜୋକୋଭିଚ୍ ୭ଥର ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ଟେନିସ ଟାଇଟଲ ଜିତି ରେକର୍ଡ ପ୍ରତିଷ୍ଠା କରିଛନ୍ତି।



# ଗଞ୍ଜାମ ଭାଗଚାଷୀଙ୍କୁ 'କାଳିଆ' ଟଙ୍କା

**ବ୍ରହ୍ମପୁର ଅଫିସ୍,୨୭।୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସି ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରେ ଆୟୋଜିତ ବିଶାଳ କୃଷକ ସମାବେଶରେ ଯୋଗଦେଇଥିଲେ। ଏହି ଅବସରରେ ସେ 'କାଳିଆ' ଯୋଜନାରେ ଭାଗଚାଷୀଙ୍କୁ ସହାୟତା ଟଙ୍କା ବଣ୍ଟନ କରିଥିଲେ। ଓଡ଼ିଶାର ମୋଟ ୫୭୬୧୪ ଜଣ ଭାଗ ଚାଷୀଙ୍କ ମଧ୍ୟରୁ ଗଞ୍ଜାମ ଜିଲାର ୧୪ ହଜାର ୫୩୧ଚାଷୀ ଏହା ଦ୍ୱାରା ଉପକୃତ ହେବେ। ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ୍‌କୁ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୫ହଜାର ଟଙ୍କା ଲେଖାଏ ପ୍ରେରଣ କରାଯାଇଛି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ସୁଇଚ୍ ଟିପି ଟଙ୍କା ପ୍ରେରଣ କରିଥିଲେ। ଏଥିସହ ୭୧୬କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ୪୮ ପ୍ରକଳ୍ପର ଭୂମିପୂଜା ଏବଂ ୨୯୫କୋଟି ଟଙ୍କାରେ ନିର୍ମିତ ୨୩୧ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ।

ଉପସ୍ଥିତ ଚାଷୀଙ୍କୁ ଏକ ଭିଡ଼ିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଥିଲେ, ୧୯୯୯ ମହାବାତ୍ୟା ଓଡ଼ିଶାର ମେରୁଦଣ୍ଡ ଭାଙ୍ଗିଦେଇଥିଲା। ଚାଷବାସ ସବୁ ନଷ୍ଟ ହୋଇଯାଇଥିଲା। ୨୦୦୦ରେ ମୁଖ୍ୟମନ୍ତ୍ରୀ ହେବା ପରେ ଆଗରେ ଥିଲା ଅନେକ ଆହ୍ୱାନ। ସେହି ସମୟରେ ରିଲିଫ୍ ଦେବାକୁ ମଧ୍ୟ ଚାଉଳ ନ ଥିଲା। କେନ୍ଦ୍ରକୁ ଫୋନ୍ କରିବାକୁ ପଡୁଥିଲା। ଚାଉଳ ଆଣିବା ପାଇଁ ରେଳ ୱାଗନ୍ ମାଗିବାକୁ ପଡୁଥିଲା। ଅନ୍ୟ ରାଜ୍ୟର ବଳକା ଚାଉଳ ଆସିଲେ ଓଡ଼ିଶାରେ ରିଲିଫ୍ ବଣ୍ଟନ ହେଉଥିଲା। ଖାଦ୍ୟ ସୁରକ୍ଷାରେ ବଣ୍ଟନ ପାଇଁ ମଧ୍ୟ ଚାଉଳ ନ ଥିଲା। ଏଭଳି ସ୍ଥିତିରେ ସଂକଳ୍ପ ନେଇଥିଲି। କାହା ଆଗରେ ହାତ ନ ପତେଇ ଯଥେଷ୍ଟ ଫସଲ ଅମଳ କରିବା। ୨୦୦୭ରୁ ସ୍ଥିତି ବଦଳିଲା। ଜଳସେଚନର ଉନ୍ନତି, ବୈଜ୍ଞାନିକ ଉପାୟରେ ଚାଷ ଏବଂ ସହଜରେ ଋଣ ମିଳିବା ଯୋଗୁ କୃଷି କ୍ଷେତ୍ରରେ ପରିବର୍ତ୍ତନ ଆସିଲା। ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ଚାଷୀଙ୍କ କଠିନ ପରିଶ୍ରମ ଯୋଗୁ ଖାଦ୍ୟ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ହୋଇପାରିଛି। ଏପରିକି ଅନ୍ୟ ରାଜ୍ୟକୁ ଆମେ ଖାଦ୍ୟ ଯୋଗାଉଛୁ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଓଡ଼ିଶାର ଅଧିକ ଯୋଗଦାନ। ଓଡ଼ିଶା ପାଞ୍ଚ ପାଞ୍ଚ ଥର କୃଷି କର୍ମଣ ପୁରସ୍କାର ଜିତିଛି। ଗତ ୪ବର୍ଷରେ ଜଳସେଚନ ପାଇଁ ୩୦ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୮ଲକ୍ଷ ହେକ୍ଟର ଜମିକୁ ପାଣି ଯୋଗାଯାଇଛି। ସ୍ୱତନ୍ତ୍ର କୃଷି ବଜେଟ୍ ଏବଂ କୃଷି କ୍ୟାବିନେଟ୍ ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୨୦୧୪ରେ ୧୦ଲକ୍ଷ ହେକ୍ଟରରୁ ଅଧିକ ଚାଷଜମିକୁ ଜଳସେଚନ ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଥିଲା, ତାହା ଆସନ୍ତା ଏପ୍ରିଲ୍ ସୁଦ୍ଧା ପୂରଣ ହେବ। ଦାରିଦ୍ର୍ୟ ଓଡ଼ିଶାର ଆଜି ପରିଚୟ ହୋଇରହିନାହିଁ। ଦାରିଦ୍ର୍ୟ ହଟାଇବାରେ ଓଡ଼ିଶା ସବୁଠୁ ଆଗରେ। ୨୦୦୪-୦୫ ରୁ ୨୦୧୧-୧୨ଭିତରେ ୮୦ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଅଣାଯାଇଛି। ଚାଷୀ ଭାଇ ଭଉଣୀଙ୍କ କଲ୍ୟାଣ ଏବଂ ଚାଷରେ ଉନ୍ନତି ପାଇଁ 'କାଳିଆ' ଯୋଜନା ଆରମ୍ଭ ହୋଇଛି। ଏହା କୃଷି ଶ୍ରମିକ, ଭୂମିହୀନ ଭାଗଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଚାଷ ପାଇଁ ସବୁ ସୁବିଧା ଯୋଗାଇ ଦେବା ସହିତ ଦାରିଦ୍ର୍ୟ ଦୂର କରିବାରେ ଏକ ଅମୋଘ ଅସ୍ତ୍ର ହେବ ବୋଲି ☞ପୃଷ୍ଠା-୪



ମଞ୍ଚ ଉପରେ ଚାଷୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

- **୧୪,୫୩୧ ହିତାଧିକାରୀ ଉପକୃତ**
- **୧୦୧୧ କୋଟି ଟଙ୍କା ପ୍ରକଳ୍ପର ଭୂମିପୂଜା, ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

## ଗୁଣିଗାରେଡ଼ି ସନ୍ଦେହର କରୁଣ ପରିଣତି

# ପରିବାରର ୫ଜଣଙ୍କୁ ହତ୍ୟା

**ଟେନ୍‌ସା, ୨୭।୧ (ଡି.ଏନ.ଏ)**

- **ମା', ୪ପିଲାଙ୍କ ମୃତଦେହ କୂଅରୁ ଉଦ୍ଧାର**
- **୬ଜଣଙ୍କୁ ଅଟକ ରଖି ପୋଲିସର ପଚରାଉଚରା**
- **ହତ୍ୟାରେ ବ୍ୟବହୃତ ଶାବଳ, ଫାଉଡ଼ା ଜବତ**

ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ କୋଇଡା ଥାନା ଅନ୍ତର୍ଗତ ଇନ୍ଦୁପୁର ଗ୍ରାମ କନ୍ଦାସାହିରେ ଗୁଣିଗାରେଡି ସନ୍ଦେହର କରୁଣପରିଣତି ଦେଖିବାକୁ ମିଳିଛି। ଶୁକ୍ରବାର ରାତିରେ ଶୋଇଥିବାବେଳେ ଗୋଟିଏ ପରିବାରର ୫ଜଣଙ୍କୁ ହତ୍ୟା କରାଯାଇଛି। ଶନିବାର ଏହି ଘଟଣା ଜଣାପଡ଼ିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। କୂଅରୁ ମା'ଓ ୪ ସନ୍ତାନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। କୋଇଡ଼ା ପୋଲିସ ଏହି ଘଟଣାରେ ରବିବାର ୬ଜଣଙ୍କୁ ଅଟକରଖି ପଚରାଉଚରା କରୁଛି। କୂଅ ଭିତରୁ ହତ୍ୟାରେ ବ୍ୟବହୃତ ଶାବଳ, ଫାଉଡ଼ା ଆଦି ଉଦ୍ଧାର ପରେ ଜବତ ହୋଇଛି। ମୃତଦେହଗୁଡ଼ିକ ବ୍ୟବଚ୍ଛେଦ ପାଇଁ କୋଇଡ଼ା ଡ଼ାକ୍ତରଖାନା ପଠାଯାଇଛି। ହତ୍ୟାର ଶିକାର ହୋଇଛନ୍ତି ମାଙ୍ଗିରି ମୁଣ୍ଡା (୩୦), ତାଙ୍କ ବଡ଼ଝିଅ ମାର ମୁଣ୍ଡା (୧୦), ପୁଅ ଟେକଲା ମୁଣ୍ଡା (୭), ଚାମରା ମୁଣ୍ଡା (୪) ଓ ବର୍ଷକର ଝିଅ।

ମାଙ୍ଗିରିଙ୍କ ସ୍ୱାମୀ ସୁଦାମ ଡମ୍ପର ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ତେଣୁ ସେ ବେଳେ ବେଳେ ଘରକୁ ଆସିପାରନ୍ତି ନାହିଁ। ଶନିବାର ସକାଳେ ସେ ଘରକୁ ଫେରିଥିଲେ। ଘର କବାଟ ଭଙ୍ଗା ହୋଇଥିବା ଏବଂ ଭିତରେ ରକ୍ତର ଛିଟାଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସ୍ତ୍ରୀ ପିଲାମାନଙ୍କୁ ଦେଖି ନ ପାରି ଚାରିଆଡେ ଖୋଜାଖୋଜି କରିଥିଲେ। କିଛି ସନ୍ଧାନ ନ ପାଇବାରୁ ସେ କୋଇଡା ଥାନାରେ ଅଭିଯୋଗ କରିଥିଲେ। କୋଇଡା ଥାନା ଅଧିକାରୀ ସୁଶାନ୍ତ ଦାସ ସଦଳବଳ ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ରକ୍ତଛିଟା ପଡ଼ିଥିବା କୂଅ ପାଖକୁ ସନ୍ଧାନୀ କୁକୁର ଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ କୂଅ ଭିତର ଜଳ ନିଷ୍କାସନ କରିବା ପରେ ଶନିବାର ବିଳମ୍ବିତ ରାତିରେ ୩ଟି ଓ ରବିବାର ସକାଳେ ୨ଟି ମୃତଦେହ ଉଦ୍ଧାର କରାଯାଇଥିଲା। ପରେ ବଣାଇ ଏସ୍‌ଡିପିଓ ଅବକାଶ ରାଉତରାୟ, ରାଉରକେଲା ଏସ୍‌ପି ଉମାଶଙ୍କର ଦାଶ, ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ସୁଦାମଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଛି। ଗୁଣିଗାରେଡି ସନ୍ଦେହରେ ତାଙ୍କ ସ୍ତ୍ରୀ ଓ ପିଲାଙ୍କୁ ହତ୍ୟା କରାଯାଇଛି ବୋଲି ସୁଦାମ କହିଛନ୍ତି। ପୋଲିସ ମଧ୍ୟ ଗୁଣିଗାରେଡି ସନ୍ଦେହରେ ଏଭଳି ଘଟିଥିବା କହିଛି। ତେବେ ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି କୋଇଡା ଥାନା ଅଧିକାରୀ ସୁଶାନ୍ତ ଦାସ କହିଛନ୍ତି।


କୂଅରୁ ମୃତଦେହ ଉଦ୍ଧାର କରାଯାଉଛି।

# ବେପରୁଆ ଗାଡି ଚାଳନା: ମାମୁ, ଭାଣିଜୀ ମୃତ

**ଚିତ୍ରକୋଣ୍ଡା/କୋରକୋଣ୍ଡା,୨୭।୧**

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଦୋରାଗୁଡା ପଞ୍ଚାୟତ ବାଇଲିଗୁଡା ପୋଲଠାରେ ବାଇକ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ମାମୁ ଭାଣିଜୀ ବୋଲି ଜଣାପଡିଛି। ଜଣେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଖବରରୁ ଜଣାପଡିଛି ବାଲିମେଳା ନୀଳାକାମ୍ବେରୁ ଗ୍ରାମର ସମରା ମାଝି (୪୫) ଓ ଗୁକୁନା ନାୟକ (୨୮) କୌଣସି ଏକ ଭୋଜି ଥିବାରୁ ଚିତ୍ରକୋଣ୍ଡା ଗୁଣ୍ଟାୱାଡ଼ା ପଞ୍ଚାୟତ ମାଝିଗୁଡା ଗ୍ରାମକୁ ଖବର ଦେବାକୁ ଭଉଣୀ ଘରକୁ ଆସିଥିଲେ। ଗାଁରେ ପୁଷପରବ ଚାଲିଥିବାରୁ ଭଉଣୀ ଘରେ ଖାଇ ପିଇ ମଦ୍ୟପାନ କରି ଭାଣିଜୀ ନିର୍ମଳା ପାଡ଼ାଲ(୧୫)ଙ୍କୁ ଭୋଜି କାମରେ ସହଯୋଗ କରିବାକୁ ସାଙ୍ଗରେ ଧରି ଆସୁଥିଲେ। ମାମୁ ସମରା ଦ୍ରୁତ ଗତିରେ ବାଇକ ଚଲାଉଥିଲେ। ବାଇଲିଗୁଡା ଛକ ପାଖରେ ପୋଲ ପାର୍ଶ୍ୱକୁ ବୁଲାଣି ଥିବାରୁ ବାଇକ ☞ପୃଷ୍ଠା-୪

# ଆରପାରିରେ କଣ୍ଠଶିଳ୍ପୀ ଅର୍ଜୁନ ସାମଲ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଲୋକପ୍ରିୟ ଓଡ଼ିଆ କଣ୍ଠଶିଳ୍ପୀ ତଥା ଜଣାଶୁଣା ସଙ୍ଗୀତଜ୍ଞ ଅର୍ଜୁନ ଚରଣ ସାମଲଙ୍କ ଶନିବାର ପରଲୋକ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ୭୭ବର୍ଷ ହୋଇଥିଲା। ଭଜନ, ଛାନ୍ଦ ଓ ଜଣାଣ ଗାଇବାରେ ପ୍ରସିଦ୍ଧି ଅର୍ଜନ କରିଥିବା ଅର୍ଜୁନ କିଛିଦିନ ତଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଶନିବାର ରାତି ପ୍ରାୟ ୮ଟା ୩୦ରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସମ୍ମାନରେ ଅସମ୍ମାନିତ**

**ଆଜିର ମନ୍ତବ୍ୟ**

"ଯୁବପିଢ଼ି ଭୋଟ ଦେଇ ନ ପାରିଲେ ଦୁଃଖିତ ହେବା ଉଚିତ।
-ନରେନ୍ଦ୍ର ମୋଦି,ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୮ ଡିସେମ୍ବରରେ କୋଲ ଇଣ୍ଡିଆ ଲିମିଟେଡ ପକ୍ଷରୁ ଦେଶର ଶକ୍ତି କ୍ଷେତ୍ରକୁ କୋଇଲା ଯୋଗାଣରେ ୧.୯% ବୃଦ୍ଧି ଘଟି ୪୨.୪ ନିୟୁତ ଟନ ରହିଛି।
– କୋଇଲା ମନ୍ତ୍ରଣାଳୟ




**SUDHAKAR**
PIPES AND FITTINGS
PIONEER IN PIPING SOLUTIONS
**WANTED DEALERS**
CONTACT US
94370 38192
94370 17191
sales@sudhakarpipes.com

NATIONAL EGG CO-ORDINATION COMMITTEE 27.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 81 | 133 | 143 |
| CTC | 82 | 135 | 145 |
| DKL | 81 | 133 | 143 |
| BDK | 84 | 137 | 147 |
| BLS | 84 | 137 | 147 |
| ANG | 82 | 135 | 145 |

*Conditions Apply
**Eggs Retail Price- 52/-Dozen**
Issued in the Interest of Consumers





ଜଣେ ଉତ୍ତମ ପ୍ରଧାନମନ୍ତ୍ରୀ ହେବା ଲାଗି ସମସ୍ତ ଗୁଣ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କଠାରେ ରହିଛି। ତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ପାଇଁ ଭାଜପା ପ୍ରଚାରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି।
-ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା




# ଆଲୋଚନା ଟେବୁଲରେ ଆମେରିକା-ତାଲିବାନ

କାବୁଲ,୨୭।୧(ଏଏଫପି)

ଆଫଗାନିସ୍ତାନ ଉପରେ ଆମେରିକା ଆକ୍ରମଣର ୧୭ ବର୍ଷ ପରେ ୱାଶିଂଟନ ଏବଂ ତାଲିବାନ ନେତା ପରସ୍ପରର ନିକଟତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଶାନ୍ତି ଆଲୋଚନା ଲାଗି ଉଦ୍ୟମ ଆରମ୍ଭ ହୋଇଥିବାରୁ ଦେଶର ଭବିଷ୍ୟତକୁ ନେଇ ଆଶା ସଞ୍ଚାର ହୋଇଛି। କାତାର ଆଲୋଚନାରେ ଯଥେଷ୍ଟ ଅଗ୍ରଗତି ହୋଇଥିବା ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଜାଲ୍‌ମେ ଖଲିଲଜାଦ୍ ଟୁଇଟ୍ କରିଛନ୍ତି। କାବୁଲ ଯାଇ ସେ ଆଫଗାନ ସରକାରୀ ଅଧିକାରୀଙ୍କ ସହ ପରାମର୍ଶ କରିବେ ବୋଲି କହିଛନ୍ତି। ଆଲୋଚନା ସଫଳ ହୋଇଥିବା ତାଲିବାନ ମଧ୍ୟ ସ୍ୱୀକାର କରିଛି। ତେବେ ସମାଧାନ ହୋଇପାରି ନ ଥିବା କେତେକ ପ୍ରସଙ୍ଗ ଉପରେ ଆଲୋଚନା ଜାରି ରହିବ ବୋଲି ତାଲିବାନ ମୁଖପାତ୍ର କହିଛନ୍ତି।

ଉଭୟଙ୍କ ମଧ୍ୟରେ ହେବାକୁ ଥିବା ବୁଝାମଣାରେ ଆଫଗାନିସ୍ତାନରୁ ଆମେରିକା ନେତୃତ୍ୱାଧୀନ ସେନା ପ୍ରତ୍ୟାହାର ପ୍ରସଙ୍ଗ



ରହିଛି। ଆମେରିକା ସେନା ପ୍ରତ୍ୟାହାର ପରବର୍ତ୍ତୀ ପରିସ୍ଥିତି କ'ଣ ହେବ ତାକୁ ନେଇ ଆଶଙ୍କା ବଢ଼ିଚାଲିଥିଲା। ପୁଣି ଥରେ ଦେଶରେ ରକ୍ତପାତ ହେବା ସହ ନିର୍ବାଚିତ ସରକାରରେ ପରିବର୍ତ୍ତନ ସମ୍ଭାବନା ସୃଷ୍ଟି ହୋଇଥିଲା।

ଗତ କିଛି ଦିନରେ ଆମେରିକା ଏବଂ ତାଲିବାନ ପ୍ରତିନିଧିଙ୍କ ମଧ୍ୟରେ ଏକାଧିକ ଆଲୋଚନା ହେଲାଣି। କାତାରରେ ୬ ଦିନ ଧରି ଚାଲିଥିବା ବୁଝାମଣା ବୈଠକ ଶନିବାର ଶେଷ ହୋଇଛି। ଆଲୋଚନାରେ ସାଉଦି ଆରବ, ୟୁଏଇ ଏବଂ ପାକିସ୍ତାନ ସାମିଲ

■୧୮ ମାସରେ ବିଦେଶୀ ସେନା ଫେରିଯିବେ

■ଅଲ୍‌କାଏଦା ଓ ଆଇଏସ୍ ଆତଙ୍କବାଦୀଙ୍କୁ ଆଫଗାନ୍ ମାଟି ବ୍ୟବହାର କରିବାକୁ ଦିଆଯିବନି

ହୋଇଥିବାବେଳେ ଆଫଗାନ ସରକାର ସେମାନଙ୍କ ଉପସ୍ଥିତିକୁ ବିରୋଧ କରୁଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର ଚାହୁଁଥିବାରୁ ଏହାକୁ ଆଲୋଚନାରେ ଅଧିକ ଗୁରୁତ୍ୱ ଦିଆଯାଇଛି। ପ୍ରସ୍ତାବିତ ବୁଝାମଣା ଅନୁଯାୟୀ ଡିଲ୍ ସ୍ୱାକ୍ଷର ହେବାର ୧୮ ମାସ ମଧ୍ୟରେ ଆଫଗାନିସ୍ତାନରୁ ବିଦେଶୀ ସେନା ପ୍ରତ୍ୟାହୃତ ହେବେ। ଏଥିସହିତ ଅଲ୍-କାଏଦା ଏବଂ ଇସ୍‌ଲାମିକ ଷ୍ଟେଟ (ଆଇଏସ୍) ସଂଗଠନକୁ ଆମେରିକା ବିରୋଧୀ କାର୍ଯ୍ୟରେ ଆଫଗାନିସ୍ତାନ ମାଟିକୁ ବ୍ୟବହାର କରିବାକୁ ଦିଆଯିବ ନାହିଁ। ୨୦୧୪ରୁ ଆଫଗାନିସ୍ତାନରୁ ବିଦେଶୀ ସେନା ପ୍ରତ୍ୟାହାର ଆରମ୍ଭ ହୋଇଥିଲା। ସେବେଠାରୁ ତାଲିବାନ ପୁଣିଥରେ ଶକ୍ତିଶାଳୀ ହୋଇଛି। ଗତ ୪ ବର୍ଷ ମଧ୍ୟରେ ଆଫଗାନିସ୍ତାନର ୪୫ ହଜାର ସୈନ୍ୟ ତାଲିବାନ ଆକ୍ରମଣରେ ନିହତ ହୋଇଛନ୍ତି। ପାଖାପାଖି ୧୫ ନିୟୁତ ବସବାସ କରୁଥିବା ଅଞ୍ଚଳ ତାଲିବାନ ନିୟନ୍ତ୍ରଣରେ ରହିଛି କିମ୍ବା ଉକ୍ତ ସଂଗଠନର ଆତଙ୍କବାଦୀମାନେ ସେଠାରେ ବିଭିନ୍ନ ସମୟରେ ଆକ୍ରମଣ ଜାରି ରଖିଥିବା ରାଷ୍ଟ୍ରପତି ଅଶ୍ରଫ ଘନି କହିଛନ୍ତି। ତେଣୁ ବିଦେଶୀ ସେନା ସମ୍ପୂର୍ଣ୍ଣ ପ୍ରତ୍ୟାହୃତ ହେଲେ ଆଫଗାନ ପରିସ୍ଥିତି ଆହୁରି ସଙ୍ଗୀନ ହୋଇପଡିବା ଆଶଙ୍କା କରାଯାଉଛି।

## ୨୯ରେ ହେବନି ଅଯୋଧ୍ୟା ଶୁଣାଣି

ନୂଆଦିଲ୍ଲୀ,୨୭।୧

ଆସନ୍ତା ୨୯ ତାରିଖରେ ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଅଯୋଧ୍ୟା ଜମି ବିବାଦ ମାମଲାର ଶୁଣାଣି କରିବେ ନାହିଁ। ଜଷ୍ଟିସ୍ ଏସ.ଏ. ବୋବ୍‌ଡେଙ୍କ ଅନୁପସ୍ଥିତି ଯୋଗୁ ଜାନୁୟାରୀ ୨୯ରୁ ଆରମ୍ଭ ହେବାକୁ ଥିବା ଏହି ଶୁଣାଣିକୁ ବାତିଲ କରିଦିଆଯାଇଛି। ପରବର୍ତ୍ତୀ ଶୁଣାଣି କେବେ ହେବ ତାହା ସ୍ଥିର ହୋଇନାହିଁ। ଅଯୋଧ୍ୟା ମାମଲାର ଶୁଣାଣି ଲାଗି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଦୁଇ ଦିନ ତଳେ ସାମ୍ବିଧାନିକ ଖଣ୍ଡପୀଠ ଗଠନ କରିଥିଲେ। ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଖଣ୍ଡପୀଠରେ ଜଷ୍ଟିସ ବୋବ୍‌ଡେଙ୍କ ସମେତ ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ, ଅଶୋକ ଭୂଷଣ, ଏସ.ଏ. ନାଜିର ଏବଂ ଜଷ୍ଟିସ ଏନ.ଭି. ରମାନା ରହିଛନ୍ତି। ପୂର୍ବ ଖଣ୍ଡପୀଠରୁ ଜଷ୍ଟିସ ୟୁ.ୟୁ. ଲଳିତ ଓହରିଯିବାରୁ ଜାନୁୟାରୀ ୧୦ରେ ହେବାକୁ ଥିବା ରାମ ଜନ୍ମଭୂମି-ବାବ୍‌ରୀ ମସ୍‌ଜିଦ ଜମି ବିବାଦର ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା।

■ ୩୧ରୁ ବଜେଟ ଅଧିବେଶନ

## ସର୍ବଦଳୀୟ ବୈଠକ ଡାକିଲେ ବାଚସ୍ପତି

ନୂଆଦିଲ୍ଲୀ,୨୭।୧(ପି.ଟି.)



ଆସନ୍ତା ୩୧ ତାରିଖରୁ ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ ହେଉଥିବାବେଳେ ରାଜ୍ୟ ସଭା ଅଧ୍ୟକ୍ଷ ଏମ. ଭେଙ୍କାୟା ନାଇଡୁ ଏବଂ ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ ଅଲଗା ଅଲଗା ସର୍ବଦଳୀୟ ବୈଠକ ଡାକିଛନ୍ତି। ବାଚସ୍ପତି ବୁଧବାର ବୈଠକ ଡାକିଥିବାବେଳେ ନାଇଡୁ ଗୁରୁବାର ସକାଳେ ସବୁଦଳର ରାଜ୍ୟ ସଭା ନେତାଙ୍କ ବୈଠକ ଆହ୍ୱାନ କରିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରର ଏହା ଶେଷ ପାର୍ଲାମେଣ୍ଟ ଅଧିବେଶନ ହୋଇଥିବାରୁ ଗୃହକାର୍ଯ୍ୟ ପରିଚାଳନାରେ ସହଯୋଗ ଲାଗି ଏହି ବୈଠକ ଡକାଯାଇଛି। ଏହା ବ୍ୟତୀତ ସରକାରଙ୍କ ପକ୍ଷରୁ ୩୦ ତାରିଖରେ ଉଭୟ ଗୃହର ସର୍ବଦଳୀୟ ନେତାଙ୍କ ବୈଠକ ଅନୁଷ୍ଠିତ ହେବା ଆଶା କରାଯାଉଛି। ଏହି ବୈଠକରେ ପ୍ରଧାନମନ୍ତ୍ରୀ ଉପସ୍ଥିତ ରହିପାରନ୍ତି। ଏହି ଅଧିବେଶନ ଫେବୃଆରୀ ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ୧ ତାରିଖରେ ବଜେଟ ଉପସ୍ଥାପନ କରାଯିବ।

## ଶିକ୍ଷକଙ୍କୁ ଅଣଶୈକ୍ଷିକ କାର୍ଯ୍ୟ ଲାଗି କୁହାଯାଇପାରିବ ନାହିଁ: ହାଇକୋର୍ଟ

ନୂଆଦିଲ୍ଲୀ,୨୭।୧(ପି.ଟି.)

ସ୍କୁଲ ଶିକ୍ଷକମାନଙ୍କୁ ଶିକ୍ଷାଦାନ ବ୍ୟତୀତ ଅନ୍ୟ କାର୍ଯ୍ୟ କରିବାକୁ କୁହାଯାଇପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷା ଅଧିକାର ଆଇନ ବାହାରେ ମ୍ୟୁନିସିପାଲ କର୍ପୋରେଶନ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକମାନଙ୍କୁ କୌଣସି କାର୍ଯ୍ୟ କରିବାକୁ କହିପାରିବେ ନାହିଁ। ପରିବାର ସର୍ଭେ ଏବଂ ୱାର୍ଡ ଶିକ୍ଷା ପଞ୍ଜିକା ପ୍ରସ୍ତୁତି କାର୍ଯ୍ୟ ଲାଗି ମ୍ୟୁନିସିପାଲ କର୍ପୋରେଶନ ପକ୍ଷରୁ ଜାରି ବିଜ୍ଞପ୍ତିକୁ କୋର୍ଟ ଖାରଜ କରିଦେଇଛନ୍ତି।

## ସାଂସ୍କୃତିକ ବିବିଧତା ଦେଖିଲେ ରାମାଫୋସା

**ନୂଆଦିଲ୍ଲୀ,୨୭।୧(ପି.ଟି.):** ଦିଲ୍ଲୀର ଐତିହାସିକ ରାଜପଥଠାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ୭୦ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚିତ୍ତାକର୍ଷକ ପରେଡ୍‌ର ଅଭିବାଦନ ଗ୍ରହଣ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ସୀତାରାମନ ଏବଂ ୩ ସେନା ମୁଖ୍ୟଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦି ଅମର ଜୱାନ ଜ୍ୟୋତିରେ ଶ୍ରଦ୍ଧାଞ୍ଜଳି ଦେବା ପରେ ପରେଡ୍ ଆରମ୍ଭ ହୋଇଥିଲା। ଇଣ୍ଡିଆନ ନ୍ୟାଶନାଲ ଆର୍ମି (ଆଇଏନ୍‌ଏ)ର ୯୦ ବର୍ଷୀୟ ୪ ଭେଟେରାନ୍ ଏଥିରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ, ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ,



ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ଦେବଗୌଡ଼, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଗୁଲାମ ନବୀ ଆଜାଦ୍ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ନେଲସନ ମଣ୍ଡେଲାଙ୍କ ପରେ ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ରାଷ୍ଟ୍ରପତି ଭାବେ ରାମାଫୋସା ସମୃଦ୍ଧ ଭାରତର ସାଂସ୍କୃତିକ ବିବିଧତା ଓ ସାମରିକ ଶକ୍ତି ସହ ପରିଚିତ ହୋଇଛନ୍ତି।

ଚଳିତବର୍ଷ ସାଧାରଣତନ୍ତ୍ର ଦିବସରେ ଅହିଂସାର ପୂଜାରୀ, ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନର ନାୟକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଗୁରୁତ୍ୱ ବହନ କରିଥିଲା। ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ଼ରେ ଏହି ବିଷୟବସ୍ତୁ ପ୍ରତିଫଳିତ ହୋଇଥିଲା। ଭାରତର ସାମରିକ ସମରସଜ୍ଜାରେ ସାମିଲ୍ ହୋଇଥିବା ଆମେରିକାର ଅଲ୍‌ଟ୍ରା ଲାଇଟ୍ ଏମ୍‌୭୭୭ ଲାଇଟ୍ ହାୱିଜର ତୋପ, ସ୍ୱୟଂଚାଳିତ କେ୯ ବଜ୍ର ପ୍ରଥମଥର ରାଜପଥରେ ପ୍ରଦର୍ଶିତ ହୋଇଥିଲା। ଏଥିସହ ଟି-୯୦ ଟ୍ୟାଙ୍କ, ସର୍‌ଫେସ୍ ମାଇନ୍ କ୍ଲିୟରିଂ ସିଷ୍ଟମ, ଟ୍ରାନ୍ସପୋର୍ଟେବଲ ସାଟେଲାଇଟ୍ ଟର୍ମିନାଲ, ଗ୍ରୁପ୍ ଲେଭଲ ରାଡାର ସୋ' ଏବଂ ପ୍ରଥମଥର ଆସାମ ରାଇଫଲ୍ସ ମହିଳା ଦଳଙ୍କ ନାରୀଶକ୍ତି ଏଥର ଇତିହାସ ସୃଷ୍ଟି କରିଥିବା କୁହାଯାଇଛି।

## ଡ୍ୟାମ୍ ଭୁଶୁଡ଼ି ୪୦ ମୃତ

ବ୍ରୁମାଡିନୋ (ବ୍ରାଜିଲ),୨୭।୧(ଏଏଫ୍‌ପି)

ବ୍ରାଜିଲ୍‌ର ଏକ ଡ୍ୟାମ୍ ଭୁଶୁଡିବାରୁ ୪୦ଜଣଙ୍କର ମୃତ୍ୟୁ ଘଟିବା ସହ ୩୦୦ରୁ ଊର୍ଦ୍ଧ୍ୱ ନିଖୋଜ ହୋଇଯାଇଛନ୍ତି। ଡ୍ୟାମ୍ ଭୁଶୁଡି ପଙ୍କ କାଦୁଅ ମାଡ଼ିଆସିବାରୁ ଅନେକ ଘର ଏବଂ ଗାଡି ପୋତିହୋଇପଡିଥିଲା। ୧୭୦ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୩ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାର୍ଯ୍ୟରେ ୧୦୦୦ ସୈନ୍ୟ, ଅଗ୍ନିଶମ କର୍ମଚାରୀଙ୍କ ସମେତ ବହୁସଂଖ୍ୟାରେ ହେଲିକପ୍ଟରକୁ ନିୟୋଜିତ କରାଯାଇଛି। ରାଷ୍ଟ୍ରପତି ଜାଏର ବୋଲସୋନାରୋ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।



ଫୁର୍‌ସତ

## ଟ୍ରେନ୍ ୧୮ ହେଲା 'ବନ୍ଦେ ଭାରତ ଏକ୍ସପ୍ରେସ'

**ନୂଆଦିଲ୍ଲୀ:** ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଟ୍ରେନ୍ ୧୮କୁ ରବିବାର 'ବନ୍ଦେ ଭାରତ ଏକ୍ସପ୍ରେସ' ନାମକରଣ କରାଯାଇଛି। ଏହା ନୂଆଦିଲ୍ଲୀ ଏବଂ ପ୍ରଧାନମନ୍ତ୍ରୀଙ୍କ ସଂସଦୀୟ ନିର୍ବାଚନମଣ୍ଡଳୀ ବାରାଣସୀ ମଧ୍ୟରେ ଚଳାଚଳ କରିବ ବୋଲି ରେଳମନ୍ତ୍ରୀ ପୀୟୂଷ ଗୋୟଲ୍ ସୂଚନା ଦେଇଛନ୍ତି। ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗୋୟଲ୍ କହିଲେ, ଟ୍ରେନ୍ ୧୮କୁ ଏକ ସ୍ୱତନ୍ତ୍ର ପରିଚୟ ମିଳିଛି। ଏହି ନାମ ୧୨୫ କୋଟି ଭାରତୀୟଙ୍କ ଦ୍ୱାରା ପ୍ରଶଂସିତ ହୋଇପାରିବ। ଟ୍ରେନ୍ ୧୮ର ଡିଜାଇନ୍ ଭାରତରେ ପ୍ରସ୍ତୁତ କରାଯିବା ସହିତ ଭାରତୀୟ ଇଞ୍ଜିନିୟରଙ୍କ ଦ୍ୱାରା



ଚେନ୍ନାଇର ଇଣ୍ଟିଗ୍ରେଟେଡ କୋଚ୍ ଫ୍ୟାକ୍ଟ୍ରିରେ ୧୮ମାସ ମଧ୍ୟରେ ଟ୍ରେନ୍ ନିର୍ମିତ ହୋଇଛି। ଟ୍ରେନ୍‌ର ଯାତ୍ରାପଥରେ କାନପୁର ଏବଂ ଆଲ୍ଲାହାବାଦ୍ (ବର୍ତ୍ତମାନ ପ୍ରୟାଗରାଜ) ଦୁଇଟି ଷ୍ଟପେଜ ବ୍ୟବସ୍ଥା କରାଯାଇଛି। ଏହି ଟ୍ରେନ୍ ନିର୍ମାଣ ଦ୍ୱାରା 'ମେକ୍ ଇନ୍ ଇଣ୍ଡିଆ ଇନିସିଏଟିଭ୍' ଅଧୀନରେ ବିଶ୍ୱ ସ୍ତରୀୟ ଟ୍ରେନ୍ ନିର୍ମାଣ ସମ୍ଭାବନା ସୃଷ୍ଟି ହୋଇଛି।

# ପ୍ରଧାନମନ୍ତ୍ରୀଙ୍କ ଉପହାର ନିଲାମ

**ନୂଆଦିଲ୍ଲୀ:** ୨୦୧୪ଠାରୁ ପ୍ରଧାନମନ୍ତ୍ରୀଙ୍କୁ ଉପହାର ସ୍ୱରୂପ ମିଳିଥିବା ପାଖାପାଖି ୧,୮୦୦ ସ୍ମାରକୀ ରବିବାର ନିଲାମ ହୋଇଛି। ସେଗୁଡ଼ିକର ବିକ୍ରିଲବ୍ଧ ଅର୍ଥ 'ନମାମି ଗଙ୍ଗେ ପ୍ରକଳ୍ପ' ପାଇଁ ବ୍ୟୟ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହିସବୁ ସ୍ମାରକୀ ଓ ଉପହାର ନ୍ୟାଶନାଲ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟରେ ସଂରକ୍ଷିତ କରି ରଖାଯାଇଥିଲା। ଦେଶର ବିଭିନ୍ନ କଳା ଓ ସଂସ୍କୃତିର ଛବି ରହିଥିବା ବିଭିନ୍ନ ଦ୍ରବ୍ୟ ମଧ୍ୟରେ ଖଣ୍ଡା, ବାଦ୍ୟଯନ୍ତ୍ର, ପଗଡି, ଶାଲ୍, ଅଙ୍ଗବସ୍ତ୍ର, ପାରମ୍ପରିକ ଜ୍ୟାକେଟ୍, ଧନୁତୀର, ମୁଖା, କାନ୍‌ଭାସ, ଐତିହାସିକ ଓ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଫଟୋଚିତ୍ର ଏବଂ ଧାତୁ, ପଥର, କାଠ ଓ ପ୍ଲାଷ୍ଟର ଅଫ୍ ପ୍ୟାରିସରେ ନିର୍ମିତ ବିଭିନ୍ନ କଳାକୃତି ଏଥିରେ ସ୍ଥାନ ପାଇଛି।



ନିଲାମ କାର୍ଯ୍ୟକ୍ରମରେ ଯୋଗଦେଇ ରେଳମନ୍ତ୍ରୀ ପୀୟୂଷ ଗୋୟଲ୍ କହିଲେ, ପ୍ରଧାନମନ୍ତ୍ରୀଙ୍କ ଉପହାର ବିକ୍ରିରୁ ମିଳିଥିବା ଅର୍ଥ ନମାମି ଗଙ୍ଗେ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବ। ନ୍ୟାଶନାଲ୍ ଗ୍ୟାଲେରିରେ ଦୀର୍ଘ ୩ ମାସ ପ୍ରଦର୍ଶନ ପାଇଁ ରଖାଯାଇଥିଲା। କେତେକ ଉପହାରକୁ ଘୂର୍ଣ୍ଣାୟମାନ ପ୍ରଦର୍ଶନ ପାଇଁ ରଖାଯାଇଛି। ଦେଶର ବିଭିନ୍ନ ଭାଗରୁ ୬୦ଜଣ ନିଲାମ ଡକାଳି ସାମଗ୍ରୀ ନେବାପାଇଁ ଭିଡ଼ ଜମାଇଥିଲେ। ୧୮୦୦ ସାମଗ୍ରୀ ମଧ୍ୟରୁ ନିଲାମର ପ୍ରଥମ ଅଧଘଣ୍ଟା ମଧ୍ୟରେ ୧୦୦ରୁ ଅଧିକ ସାମଗ୍ରୀ ବିକ୍ରି ହୋଇଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ପ୍ରତିମୂର୍ତ୍ତି ଏବଂ ଛବି ନେବା ପାଇଁ ଗ୍ରାହକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଥିଲା। ଥାଙ୍କା ୱାଲ୍ ହ୍ୟାଙ୍ଗିଂ ସର୍ବାଧିକ ୧୨,୫୦୦ଟଙ୍କାରେ ବିକ୍ରି ହୋଇଥିଲା। ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ମୋଦି ଶ୍ରଦ୍ଧାଞ୍ଜଳି ଦେଉଥିବାର ଏକ ଛୋଟ ପ୍ରତିମୂର୍ତ୍ତି ୧୧,୦୦୦ଟଙ୍କାରେ ଓ ମହାତ୍ମା ଗାନ୍ଧୀ, ସ୍ୱାମୀ ବିବେକାନନ୍ଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ନରେନ୍ଦ୍ର ମୋଦିଙ୍କ ପ୍ରତିମୂର୍ତ୍ତି ୯,୦୦୦ଟଙ୍କା ଲେଖାଁ ବିକ୍ରି ହୋଇଥିଲା।

[ଇତିହାସର ଆଇନାରେ]

### ଜାନୁୟାରୀ ୨୮ର ପ୍ରମୁଖ ଘଟଣା

୧୫୪୭ ଜାନୁୟାରୀ ୨୮ରେ ହେନେରୀ ଅଷ୍ଟମଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କ ୯ବର୍ଷର ପୁତ୍ର ଏଡୱାର୍ଡ ଷଷ୍ଠଙ୍କୁ ରାଜଗାଦିରେ ଆସୀନ କରାଯାଇଥିଲା। ହେନେରୀ ଅଷ୍ଟମ ମୃତ୍ୟୁ ପର୍ଯ୍ୟନ୍ତ ଇଂଲଣ୍ଡର ରାଜା ଥିଲେ। ସେ ଥିଲେ ଦ୍ୱିତୀୟ ଟ୍ୟୁଡର ରାଜା। ତାଙ୍କ ପିତା ହେନେରୀ ସପ୍ତମଙ୍କର ସେ ଉତ୍ତରାଧିକାରୀ ଥିଲେ। ହେନେରୀ ଜୀବନକାଳ ମଧ୍ୟରେ ୬ଥର ବିବାହ କରି ଚର୍ଚ୍ଚାରେ ଥିଲେ।

୨୦୦୬ ଜାନୁୟାରୀ ୨୮ରେ ପୋଲାଣ୍ଡର କାଟୋୱାଇସ୍ ଇଣ୍ଟରନ୍ୟାଶନାଲ ଫେୟାର ଭବନର ଛାତ ଭୁଶୁଡି ପଡିବାରୁ ୬୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୭୦ ବ୍ୟକ୍ତି ଆହତ ହୋଇଥିଲେ। ଛାତରେ ପ୍ରବଳ ବରଫପାତ ଯୋଗୁ ଏହା ଭୁଶୁଡି ପଡିଥିଲା। କାଟୋୱାଇସ୍ ଇଣ୍ଟରନ୍ୟାଶନାଲ ଫେୟାର ହେଉଛି ଏକ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଭବନ ଏବଂ ପୋଲାଣ୍ଡର ସର୍ବବୃହତ୍ ଅଟ୍ଟାଳିକା। ପ୍ରତିବର୍ଷ ଏଠାରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୫ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୩.୦ | ୧୬.୦ |
| ଚାନ୍ଦବାଲି | ୨୬.୨ | ୧୬.୪ |
| କଟକ | ୨୩.୦ | ୧୬.୨ |
| ପାରାଦ୍ୱୀପ | ୨୫.୭ | ୧୭.୮ |
| ଭୁବନେଶ୍ୱର | ୨୫.୬ | ୧୭.୧ |
| ଗୋପାଳପୁର | ୨୭.୦ | ୧୮.୩ |
| ପୁରୀ | ୨୬.୪ | ୧୭.୮ |
| ଅନୁଗୋଳ | ୨୧.୧ | ୧୩.୬ |
| ବାରିପଦା | ୨୩.୮ | ୧୭.୨ |
| ଝାରସୁଗୁଡ଼ା | ୨୪.୨ | ୧୩.୬ |
| କେନ୍ଦୁଝର | ୧୯.୨ | ୧୪.୨ |
| ସମ୍ବଲପୁର | ୨୨.୮ | ୧୪.୫ |
| ସୁନ୍ଦରଗଡ଼ | ୨୬.୦ | ୧୦.୦ |
| ହୀରାକୁଦ | ୨୩.୬ | ୧୫.୫ |
| ତାଳଚେର | ୨୪.୬ | ୧୫.୦ |
| ଭବାନୀପାଟଣା | ୧୮.୨ | ୧୬.୦ |
| ବଲାଙ୍ଗୀର | --- | ୧୫.୫ |
| କୋରାପୁଟ | ୨୩.୬ | ୧୩.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୩.୦ |
| ମାଲକାନଗିରି | ୨୭.୦ | ୧୦.୮ |
| ସୋନପୁର | ୧୯.୪ | ୧୪.୪ |
| ଦାରିଙ୍ଗିବାଡ଼ି | ୧୬.୦ | ୧୪.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ନାଚିଲେ ମାଧୁରୀ, ଅନିଲ

**ମୁମ୍ବାଇ:** ଲୋକପ୍ରିୟ ଚଳଚ୍ଚିତ୍ର 'ରାମ ଲଖନ୍' ରିଲିଜ ହେବାର ୩୦ବର୍ଷ ପୂର୍ତ୍ତି ପାଳିତ ହୋଇଥିବା ବେଳେ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଏବଂ ଅନିଲ କପୁର ପୂର୍ବସ୍ମୃତି ମନେପକାଇ ସେହି ସିନେମା ସଂଗୀତର ତାଳେ ତାଳେ ନୃତ୍ୟ କରିଛନ୍ତି। ଏହି ଫିଲ୍ମର ଗୀତ ଓ ନୃତ୍ୟ ୩୦ବର୍ଷ ତଳର ସୁନ୍ଦର ସ୍ମୃତିକୁ ମନେପକାଇ ଦିଏ। ରାମ ଲଖନ୍ ଟିମ୍‌ରେ କାର୍ଯ୍ୟକରିବା ଖୁବ୍ ମୁଗ୍ଧକର ଥିଲା ବୋଲି ମାଧୁରୀ ରବିବାର ଟୁଇଟ୍ କରିଛନ୍ତି। ୨୮ ସେକେଣ୍ଡର ଏହି ଭିଡିଓରେ ମାଧୁରୀ 'ବଡ ଦୁଃଖ ଦିନ୍ ଓ ରାମ୍‌ଜୀ' ଗୀତର ଅବତାରଣା କରିଥିବା ବେଳେ ଅନିଲ ମଧ୍ୟ 'ମାଇଁ ନେମ୍ ଇଜ୍ ଲଖନ୍' ଗୀତରେ ତାଙ୍କ ସହ ନୃତ୍ୟରେ ସାମିଲ ହୋଇଥିଲେ। ସୁଭାଷ ଘାଇଙ୍କ ନିର୍ଦ୍ଦେଶିତ ତଥା ଅପରାଧମୂଳକ କାହାଣୀ ଭିତ୍ତିକ ଏହି ଫିଲ୍ମ ୧୯୮୯ରେ ରିଲିଜ ହୋଇଥିଲା। ଏଥିରେ ଅନିଲ କପୁର, ଜ୍ୟାକି ଶ୍ରଫ୍, ମାଧୁରୀ, ଡିମ୍ପଲ କପାଡିଆ, ରାଖୀ ଏବଂ ଅନୁପମ ଖେର ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଫିଲ୍ମର କାହାଣୀ ଦୁଇଭାଇଙ୍କ ଚରିତ୍ରକୁ ନେଇ ଗଢ଼ିଉଠିଛି। ଉଭୟ ପୋଲିସ ଚାକିରି କରିଥିଲେ ବି ଜଣେ ସଚ୍ଚୋଟ ପୋଲିସ ଅଫିସର ହୋଇଥିବା ବେଳେ ଅନ୍ୟ ଜଣେ ନିଜର କ୍ଷମତାର ଅପପ୍ରୟୋଗ କରି କିପରି ଟଙ୍କା ପାଇଁ ସ୍ମଗ୍‌ଲରଙ୍କୁ ସାହାଯ୍ୟ କରୁଛି ତାହା ବର୍ଣ୍ଣନା କରାଯାଇଛି। ସୁଭାଷ ଘାଇ ମଧ୍ୟ ରାମ ଲଖନ୍‌ର ୩୦ବର୍ଷ ପୂର୍ତ୍ତିରେ ନିଜର ଅନୁଭୂତି ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। କାହାଣୀକୁ ବାଦ୍ ଦେଲେ 'ମାଇଁ ନେମ୍ ଇଜ୍ ଲଖନ୍', 'ତେରା ନାମ୍ ଲିୟା' ଏବଂ 'ମେରେ ଦୋ ଅନମୋଲ୍ ରତନ' ଭଳି ହିଟ୍ ଗୀତ ଏବେ ବି ବହୁ ଶ୍ରୋତାଙ୍କୁ ବାନ୍ଧିରଖି ପାରିଛି।



ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

## ବିଜେଡି କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ

**ଭୁବନେଶ୍ୱର,୨୭।୧(ବ୍ୟୁରୋ):** ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତୋଳନ ସମୟରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।






# ନିର୍ବାଚନ ନ ଲଢ଼ି ପ୍ରଚାର କରିବେ ଶ୍ରୀକାନ୍ତ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ୨୦୧୯ ସାଧାରଣ ନିର୍ବାଚନ ଲଢ଼ିବେ ନାହିଁ କି କୌଣସି ରାଜନୈତିକ ଦଳରେ ଯୋଗଦେବେ ନାହିଁ। ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ସାରା ରାଜ୍ୟର ବିଭିନ୍ନ ଆଡ଼େ ସଭା କରିବେ। ମାଫିଆଙ୍କ କବଳରୁ ରାଜ୍ୟ ରାଜନୀତିକୁ ବଞ୍ଚାଇବା ପାଇଁ ଜନଗଣଙ୍କୁ ସଚେତନ କରାଇବେ। ରାଜ୍ୟକୁ ଲୁଟ୍ କରୁଥିବା ଦୁଇ ପଟ୍ଟନାୟକ ପରିବାରର ମୁଖା ଖୋଲିବେ ବୋଲି ସେ ଘୋଷଣା କରିଛନ୍ତି। ସେ ନିର୍ବାଚନ ନ ଲଢ଼ିବା ନେଇ ଶ୍ରୀକାନ୍ତ ରବିବାର ସ୍ପଷ୍ଟ କରିଛନ୍ତି। ସେହିପରି ଚଳିତ ମାସ ୩୧ରେ ସାମାଜିକ ନ୍ୟାୟ ସଙ୍ଗଠନ ପକ୍ଷରୁ ରାଜଧାନୀସ୍ଥିତ ଲୋୟର ପିଏମ୍‌ଜିରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେବେ। ଏହି ସଭାକୁ ମୁଖ୍ୟଅତିଥି ଭାବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ଆସୁଛନ୍ତି। ବିଏସ୍‌ପିରେ ଯୋଗଦେବାକୁ ଥିବା ପୂର୍ବତନ ବିଧାୟକ କୃଷ୍ଣ ଶଗରିଆ ମଧ୍ୟ ଉକ୍ତ ଦିନ ଉପସ୍ଥିତ ରହିବେ। ତେଣୁ ଶ୍ରୀକାନ୍ତ, ଅରବିନ୍ଦ ଏବଂ ଶଗରିଆଙ୍କ ବକ୍ତବ୍ୟ କ'ଣ ରହିବ, ତାହାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି।

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବୁଦ୍ଧିଜୀବୀ ସମ୍ମିଳନୀରେ ଶ୍ରୀକାନ୍ତଙ୍କ ମତ ଏବଂ ଉପସ୍ଥାପନ କରାଯାଇଥିବା ପ୍ରସଙ୍ଗକୁ ସମର୍ଥନ କରୁଥିବା ସ୍ୱୀକାର କରିଛନ୍ତି। ହେଲେ ବର୍ତ୍ତମାନ ପରିସ୍ଥିତିରେ ତାଙ୍କର କିଛି ବାଧ୍ୟବାଧକତା ରହିଥିବା ସ୍ୱୀକାର କରିଛନ୍ତି, ଏହାକୁ ନେଇ ଶ୍ରୀକାନ୍ତ ରାହୁଲ ଗାନ୍ଧୀଙ୍କୁ ରବିବାର ଏକ ପତ୍ର ଲେଖିଛନ୍ତି। ପତ୍ର ମାଧ୍ୟମରେ ଶ୍ରୀକାନ୍ତ କହିଛନ୍ତି ଯେ, ତାଙ୍କ ମତକୁ ରାହୁଲ ସମ୍ମାନ ଦେଇଥିବାରୁ ଧନ୍ୟବାଦ। ରାହୁଲଙ୍କ ବାଧ୍ୟବାଧକତା ସେ ବୁଝିପାରିଛନ୍ତି। ତେଣୁ ତାଙ୍କ ଦ୍ୱାରା ଉଠାଯାଇଥିବା ବହୁକୋଟି ଟଙ୍କାର ଖଣି ଲୁଟ୍ ଏବଂ ସାମାଜିକ ନ୍ୟାୟ ପ୍ରସଙ୍ଗ ସମ୍ପର୍କରେ ରାହୁଲ ସାଧାରଣ ସଭାରେ ଉଠାଇ ନ ଥିବା ଶ୍ରୀକାନ୍ତ କହିଛନ୍ତି। ଓଡ଼ିଶା ଅର୍ଥନୀତି ଭୁଶୁଡ଼ିବାର ମୂଳ କାରଣ ଖଣି ଲୁଟ୍। ହେଲେ ଆପଣ ଖଣି ଲୁଟ୍‌ର ମୁଖ୍ୟଙ୍କ ସହ ମଞ୍ଚରେ ବସିଥିବାରୁ, ସେ ସମ୍ପର୍କରେ କିଛି କହିଲେ ନାହିଁ। ତେଣୁ ଓଡ଼ିଶାରେ ଲୁଟେରାଙ୍କ ସହ ମଞ୍ଚାସୀନ ହୋଇ ସାରା ଭାରତରେ 'ଚୌକିଦାର ଚୋର ହୈ' କିପରି କହୁଛନ୍ତି। ଓଡ଼ିଶା କ'ଣ ଭାରତର ଅଂଶ ନୁହେଁ କି ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି। ସେହିଭଳି କଂଗ୍ରେସ ଦଳ ଉପରେ ସେ ରାଗିନାହାନ୍ତି। ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ଆସିବା ସହ ଯୁବାବସ୍ଥାରୁ ୧୯୬୯ରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସରେ ଯୋଗଦେଇଥିଲେ। ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ ଏବଂ ଗୋପବନ୍ଧୁ ଦାସଙ୍କ ଆଦର୍ଶ ହିଁ କଂଗ୍ରେସର ପରିଚୟ। ସାଧାରଣ ନାଗରିକ ଭାବେ ସେହି ଆଦର୍ଶକୁ ନେଇ କାର୍ଯ୍ୟ କରିବେ। ତେଣୁ ତାଙ୍କ ଦ୍ୱାରା ଉପସ୍ଥାପିତ ପ୍ରସଙ୍ଗ ଉପରେ ରାହୁଲ ପ୍ରତିକ୍ରିୟା ରଖିବେ ବୋଲି ଶ୍ରୀକାନ୍ତ ଚିଠିରେ ଉଲ୍ଲେଖ କରିଛନ୍ତି।



■ ୩୧ରେ କେଜ୍‌ରିୱାଲଙ୍କ ସହ ମିଶି ଲୋୟର ପିଏମ୍‌ଜିରେ ଦେବେ ଉଦ୍‌ବୋଧନ

■ ସାମାଜିକ ନ୍ୟାୟ ଅଭିଯାନକୁ ବିଏସ୍‌ପି, ଏସ୍‌ପି, ଏଏପିର ସମର୍ଥନ

ସାମାଜିକ ନ୍ୟାୟ ସଙ୍ଗଠନ ଅଭିଯାନରେ ବିଏସ୍‌ପି, ଏସ୍‌ପି ଏବଂ ଏଏପି ଯୋଡ଼ିହୋଇଛି। ଆଗାମୀ ଦିନରେ ଅନ୍ୟ କେତେକ ଜାତୀୟ ଦଳ ଏହି ଅଭିଯାନରେ ସାମିଲ ହୋଇପାରନ୍ତି ବୋଲି ସୂଚନା ମିଳିଛି। ଖଣି ଲୁଟ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସାମାଜିକ ନ୍ୟାୟ ପ୍ରତିଷ୍ଠା, ମଣ୍ଡଳ କମିଶନ ସୁପାରିସ ଲାଗୁ ଏବଂ ପଛୁଆ ବର୍ଗର ରାଜନୈତିକ ଅଧିକାରକୁ ଯେଉଁ ଦଳ କିମ୍ବା ପ୍ରାର୍ଥୀ ସମର୍ଥନ କରିବ, ତାଙ୍କ ପାଇଁ ସେ ପ୍ରଚାର କରିବେ ବୋଲି ଶ୍ରୀକାନ୍ତ କହିଛନ୍ତି। ତେଣୁ ଆସନ୍ତା ୩୧ରେ ଲୋୟର ପିଏମ୍‌ଜିରେ ହେବାକୁ ଥିବା ସଭାରେ ଅରବିନ୍ଦ ଏବଂ ଶ୍ରୀକାନ୍ତଙ୍କ ବକ୍ତବ୍ୟ କ'ଣ ରହୁଛି, ରାଜ୍ୟରେ ଉଭୟଙ୍କ ରାଜନୈତିକ ଭବିଷ୍ୟତ ଏବଂ କାର୍ଯ୍ୟପନ୍ଥାକୁ ନେଇ କି ଘୋଷଣା କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।

## ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**



ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦୁଇ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ବିମାନ ଯୋଗେ ଦିଲ୍ଲୀ ଯାଇଥିବାବେଳେ ଓଡ଼ିଶା ଭବନରେ ସେ ରାତ୍ରିଯାପନ କରିବେ। ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପସ୍ଥାପନ କରିବେ। ସୋମବାର ଓଡ଼ିଶା ଭବନଠାରେ କେନ୍ଦ୍ରର ବିଭିନ୍ନ ମନ୍ତ୍ରଣାଳୟରେ ରାଜ୍ୟର ଯେଉଁସବୁ କାର୍ଯ୍ୟ ପଡି ରହିଛି ସେନେଇ ଆଲୋଚନା କରିବେ। ୨୦୧୯ ସାଧାରଣ ନିର୍ବାଚନକୁ ଖୁବ୍ ସମୟ ରହିଛି। ତେଣୁ ଏହି ସମୟ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକୁ ଶେଷ କରିବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏହାସହ ଚଳିତ ଆର୍ଥିକବର୍ଷ ପାଇଁ କେନ୍ଦ୍ର ବକେୟା ରଖିଥିବା ଅର୍ଥକୁ ତୁରନ୍ତ ମଞ୍ଜୁର କରିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ବିଶେଷତଃ ଆଲୋଚନା କରିବେ।







## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରୋଜାଲିନ୍
ପରିବାରବର୍ଗ


ପ୍ରିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାମଚନ୍ଦ୍ର ପ୍ରତିହାରୀଙ୍କ ବିୟୋଗ



**ପୁରୀ ଅଫିସ,୨୭।୧**

ବିଶିଷ୍ଟ ମଞ୍ଚ ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ତଥା ବର୍ଷିଆନ ଚଳଚ୍ଚିତ୍ର କଳାକାର ରାମଚନ୍ଦ୍ର ପ୍ରତିହାରୀ ଆଉ ନାହାନ୍ତି। ରବିବାର ଅପରାହ୍ଣରେ ଅନ୍ନପୂର୍ଣ୍ଣା ଥିଏଟର ପରିସର ବାସଭବନରେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି। ମଞ୍ଚ ଜଗତର ଭୀଷ୍ମ ପିତାମହ ଭାବେ ପରିଚିତ ୮୩ ବର୍ଷୀୟ ରାମଚନ୍ଦ୍ର ଅସୁସ୍ଥତା ଯୋଗୁ କିଛିଦିନ ହେବ ଶଯ୍ୟାଶାୟୀ ଥିଲେ। ଦୀର୍ଘ ୬୩ ବର୍ଷ ଧରି ମଞ୍ଚ ନାଟକ ଓ ଚଳଚ୍ଚିତ୍ର ଜଗତ ସହିତ ରହିଆସିଥିବା ଏହି ଅଭିନେତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଖବର ପାଇ ପୂର୍ବତନ ସଂସ୍କୃତି ସହ-ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବରିଷ୍ଠ ଅଭିନେତା ପ୍ରଦୀପ ନାୟକ, ପୁରୀ ଆସୋସିଏଶନ ସଭାପତି ବିକାଶ ଦତ୍ତ, ସମ୍ପାଦକ ରାମକୃଷ୍ଣ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, କଳାକାର ଓ କଳାପ୍ରେମୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ପ୍ରଦୀପ ପ୍ରତିହାରୀ ମୁଖାଗ୍ନି ଦେଇଥିଲେ।

୧୯୩୬ ଜାନୁୟାରୀ ୧୭ରେ ପୁରୀ ହରଚଣ୍ଡୀ ସାହିସ୍ଥିତ ଶ୍ରୀମନ୍ଦିର ସେବାୟତ(ସୂପକାର) ପରିବାରରେ ରାମଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ। ପିତା ଜମ୍ବେଶ୍ୱର ପ୍ରତିହାରୀ ଓ ମାତା ଗୌରୀମଣି ଦେବୀଙ୍କ ସୁପୁତ୍ର ରାମଚନ୍ଦ୍ରଙ୍କଠାରେ ପିଲାଟି ଦିନରୁ କଳା ପ୍ରତିଭା ବାରିହୋଇ ପଡ଼ିଥିଲା। ଗୌଡବାଡ ସାହି ପ୍ରାଥମିକ ବିଦ୍ୟାଳୟରେ ପଢୁଥିବାବେଳେ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବରେ 'ରାମରାଜ୍ୟ' ନାଟକରେ ରାମ ଭୂମିକାରେ ଅଭିନୟ କରି ସମସ୍ତଙ୍କ ନଜରକୁ ଆସିଥିଲେ। ହାଇସ୍କୁଲ୍ ଓ କଲେଜ ପଢ଼ା ସମୟରେ ମଧ୍ୟ ଏକାଧିକ ନାଟକରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଣ୍ଟିଥିଲେ। ୧୯୫୧ରେ ପୁରୀ ଉତ୍କଳ ନାଟ୍ୟ ସଂଘ ପକ୍ଷରୁ ଆୟୋଜିତ ନାଟକ 'କର୍ଣ୍ଣାର୍ଜୁନ' ଥିଲା ମଞ୍ଚ ନାଟକରେ ପ୍ରଥମ ଅଭିନୟ। ପରେ 'ସ୍ୱର୍ଣ୍ଣଲଙ୍କା', 'ଦେବଳା ଦେବୀ', 'କାରଗାର' ଓ 'ଚକ୍ରଧାରା' ନାଟକ ତାଙ୍କୁ ଜଣେ ଅଭିନେତା ଭାବେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ମଞ୍ଚ ଅଭିନୟ ଲାଗି ସେ ୨୦ବର୍ଷ ବୟସରେ ଘର ଛାଡି ୧୯୫୬ ନଭେମ୍ବର ୧୭ରେ କଟକସ୍ଥିତ ଜନତା ରଙ୍ଗ ମଞ୍ଚରେ ଯୋଗଦାନ କରିଥିଲେ। ଏହି ସମୟରେ ବଳାଇ ଚାନ୍ଦ ବାନାର୍ଜୀ, କୃଷ୍ଣଚନ୍ଦ୍ର ପ୍ରତିହାରୀ, ରାଧାମୋହନ ମହାପାତ୍ରଙ୍କ ଭଳି ଲବ୍ଧ ପ୍ରତିଷ୍ଠିତ ନାଟ୍ୟ ନିର୍ଦ୍ଦେଶକଙ୍କ ସଂସ୍ପର୍ଶରେ ଆସିଥିଲେ। ଏହାପରେ ରାମଚନ୍ଦ୍ର ଆଉ ପଛକୁ ଫେରି ନାହାନ୍ତି। ସେ ଦୁଇ ଶହରୁ ଊର୍ଦ୍ଧ୍ୱ ନାଟକରେ ଅଭିନୟ କରିଥିବାବେଳେ ଶହେରୁ ଊର୍ଦ୍ଧ୍ୱ ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି। ୧୯୫୭ରେ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ମାନ୍ୟତା ପାଇଥିଲେ। ୧୯୬୦ରେ କଟକ ଘୋଷବଜାରସ୍ଥିତ ମଡର୍ନ ନାଟ୍ୟ ପ୍ରତିଷ୍ଠାନରେ ଯୋଗଦେଇ ପାୟଲ, କଙ୍ଗନ ଓ ବନ୍ଧନ ହିନ୍ଦୀ ନାଟକରେ ନିର୍ଦ୍ଦେଶନା ଦେଇଥିଲେ। ୧୯୬୧ରେ ପୁରୀ ଅନ୍ନପୂର୍ଣ୍ଣା ଥିଏଟର ଏ-ଗ୍ରୁପ୍‌ରେ ଜଣେ ଅଭିନେତା ତଥା ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ମଞ୍ଚ ଅଭିନୟ ସହ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ମଧ୍ୟ ସେ ନିଜକୁ ବେଶ୍ ପ୍ରତିଷ୍ଠିତ କରିପାରିଥିଲେ। ୧୯୭୫ରେ ଦୂରଦର୍ଶନ ଭୁବନେଶ୍ୱର ଓ କଟକ ଦ୍ୱାରା ପରିବେଷିତ ୧୪ ଟେଲି ଧାରାବାହିକରେ ଅଭିନୟ କରିଥିଲେ। ସେହିଭଳି ନୀଳମାଧବ, ନୂଆବୋଉ, ମାଣିକଯୋଡି, ଭାଇଭାଉଜ, କିଏ କାହାର, ଘରସଂସାର ଆଦି ୨୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଅନ୍ୟପକ୍ଷରେ 'ଶ୍ରୀକ୍ଷେତ୍ରରେ ଚନ୍ଦନଯାତ୍ରା' ଓ 'ପୁରୀକୁ ଚୈତନ୍ୟ ମହାପ୍ରଭୁଙ୍କ ଆଗମନ' ନାମକ ଦୁଇଟି ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ସେ ଅପେରା ଜଗତ ସହିତ ମଧ୍ୟ ଜଡିତ ଥିଲେ। ଉତ୍ତରକୂଳ ଅପେରାରେ ୧୦ଟି, ମଙ୍ଗଳା ଗଣନାଟ୍ୟରେ ୨ଟି, ବାଣେଶ୍ୱରୀ ଗଣନାଟ୍ୟରେ ୧୨ଟି ନାଟକରେ ସେ ନିର୍ଦ୍ଦେଶନା ଦେଇଥିଲେ। ପୁରୀର ଓଡ଼ିଶା ସଙ୍ଗୀତ ପରିଷଦରେ ଗୁରୁ ନୃସିଂହନାଥ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ସୀତାର ବାଦନ ଶିକ୍ଷାଗ୍ରହଣ କରିବା ସହ ବିଭିନ୍ନ ବାଦ୍ୟରେ ତାଙ୍କର ଅଭିଜ୍ଞତା ଥିଲା। ନିଖୁଣ ଅଭିନୟ ତଥା ନିର୍ଦ୍ଦେଶନା ଲାଗି ରାମଚନ୍ଦ୍ର ରାଜ୍ୟ ତଥା ଜାତୀୟ ସ୍ତରରେ ୫୪ରୁ ଊର୍ଦ୍ଧ୍ୱ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ଏଥିମଧ୍ୟରେ ଶ୍ରେଷ୍ଠ ଅଭିନେତା ପୁରସ୍କାର, ଜୟଦେବ ପୁରସ୍କାର, ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ, ଓଡ଼ିଶା ସଙ୍ଗୀତ ଏକାଡେମୀ ସମ୍ମାନ, ନାଟ୍ୟ ସମ୍ରାଟ ଅନ୍ୟତମ।

## ସମାଚାର ଉପସ୍ଥାପକ ସୁବୋଧଙ୍କ ପରଲୋକ



**କଟକ ଅଫିସ,୨୭।୧:** କଟକ ଆକାଶବାଣୀ ଓ ଭୁବନେଶ୍ୱର ଦୂରଦର୍ଶନର ବରିଷ୍ଠ ସମାଚାର ଉପସ୍ଥାପକ ତଥା କବି ସୁବୋଧ ନାୟକଙ୍କର ରବିବାର ସକାଳେ କଟକ ବଡ଼ ଡାକ୍ତରଖାନାରେ ପରଲୋକ ଘଟିଛି। ଦୂରଦର୍ଶନରେ ୧୯୮୯ରୁ ଓ ୧୯୯୨ରୁ କଟକ ଆକାଶବାଣୀରେ ସମାଚାର ଉପସ୍ଥାପନା କରିଆସୁଥିଲେ। ଉପସ୍ଥାପନାରେ ନୂତନ ଦିଗ ଉନ୍ମୋଚନ କରିବା ସହ ଅନନ୍ୟ ଶୈଳୀ ତାଙ୍କୁ ଦର୍ଶକ ଓ ଶ୍ରୋତାଙ୍କ ମହଲରେ ପରିଚିତ କରିଥିଲା। ଏପରି କି ସେ ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ୧୯୬୪ ଜୁନ୍ ୨୨ରେ ସୁବୋଧ ପୁରୀ ଜିଲା କାକଟପୁର ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। କଟକସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ(କ୍ୟାଟ୍)ରେ ସେ କାର୍ଯ୍ୟ କରୁଥିଲେ। ତାଙ୍କ ପାର୍ଥିବ ଶରୀରକୁ ଆକାଶବାଣୀ କେନ୍ଦ୍ରକୁ ନିଆଯାଇ ଶ୍ରଦ୍ଧାଞ୍ଜଳି ଦିଆଯିବା ପରେ ସତୀଚଉରାଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।


## classified




### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Ready 2BHK/ 3BHK flat, Kalinga Nagar, Bhubaneswar (ORERA Approved) @ 40 lakh, No GST. 7381087905.D-65530

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-65528

Developed residential plots at Hanspal, Atala, Nakhara, Aiginia, Rangabazar. 9438620034.D-65343

70,000/- booking ଦେଇ Xavier University ପାଖରେ plotର ମାଲିକ ହୁଅନ୍ତୁ। 6371481421. D-65455

Patia Bigbazarରୁ 5km ଦୂରତାରେ ରାସ୍ତାଥାଇ ବାସୋପଯୋଗୀ ପ୍ଲଟ sqft.- 600/- 9937686826, 9583430150. D-65345

Tamando ବଜାର ପଛପଟେ ଘରବାରି ପାଚେରି ହୋଇ ରହିଥିବା plot ମିଳୁଅଛି। 9439864322. D-65346

ORERA registered 1BHK studio flats @ Narendrakona Puri construction in full swing. Mobile: 9238356740, 9437030740. D-65532

Bhubaneswar Patia Patharagadia 200ft. road ପାଖରେ ଘରବାଡ଼ି ପ୍ଲଟ boundary electrification ଆଉ immediate registree ନିଅନ୍ତୁ। 8249693292, 7008524523. D-10755

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

New style ploting project Bhubaneswar Puri NH Gudiapokhari Chhakରୁ 300 mtrs. distanceରେ ସବୁ plot boundarywall, electric, water, plantation ସୁବିଧାଦେଇ sqft. 450/-ରେ ମିଳୁଅଛି। 9437421096, 9337288910. D-58033

Investment plot in BDA commercial zone pitapali Chaka sqft.- 199/-9348048204.D-65348

5000 sqft. BDA residential plot sale at K-9 Kalinga Vihar, Patrapada, Bhubaneswar 85lakhs. Contact: 9040013456, 9937097791. D-65347




Newly built GF 3BHK furnished flat in Bishal Enclave with garage at Garage Chhak Bhubaneswar- Puri road, ready for occupation. Contact: 7873726701, 9337651024. D-58032

Two rooms marble 1st floor 1181 Bomikhal Rs. 4500/-. 9437181633.D-10752




Ayurvedic full body massage ladies/ gents smart experts therapist. 9114697517. D-65804

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ବେପରୁଆ ଗାଡି ଚାଳନା...

କାଟିପାରି ନ ଥିଲେ। ଫଳରେ ବାଇକ୍ ସ୍ଲିପ କରି ପୋଲ ତଳକୁ ଖସିପଡିଥିଲା। ଆଖପାଖ ଲୋକ ମାନେ ସେମାନଙ୍କୁ ଉଦ୍ଧାର କରି ୧୦୨ ଓ ୧୦୮ ଆମ୍ବୁଲାନ୍ସକୁ ଡକାଇଥିଲେ। ମାତ୍ର ଦୁଇଟିଯାକ ଆମ୍ବୁଲାନ୍ସ ମରାମତି ପାଇଁ ଯାଇଥିବାରୁ ଆସିପାରୁ ନ ଥିବା ଖବର ପାଇଥିଲେ। ପରେ ଲୋକମାନେ ଆହତଙ୍କୁ ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଭାଣିଜୀ ନିର୍ମଳାଙ୍କ ମୃତ୍ୟୁ ହୋଇଥିଲା। ପରେ ଅନ୍ୟ ୨ଜଣଙ୍କୁ ଚିତ୍ରକୋଣ୍ଡାରୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମାମୁ ସମରାଙ୍କ ମୃତ୍ୟୁ ହୋଇଥିଲା।

ପରେ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ବ୍ୟବଚ୍ଛେଦ ପରେ ସେମାନଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ମୃତଦେହକୁ ନେବାକୁ କୌଣସି ଗାଡ଼ି ନ ପାଇବାରୁ ପରିବାର ବର୍ଗ ବାଧ ହୋଇ ଏକ ଟୋକେଇରେ ଲଞ୍ଚ ଘାଟ ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ଏକ ଡଙ୍ଗା ଯୋଗେ ନିଜ ଗ୍ରାମ ମାଝିଗୁଡ଼ାକୁ ନେଇଥିଲେ । ସରକାର ମୃତଦେହ ନେବାକୁ ପୋଲିସ ପାଣ୍ଠି ଗଠନ କରି ସେଥିରୁ ଅର୍ଥ ସହାୟତା ପ୍ରଦାନ ପାଇଁ ନିୟମ କରିଥିବା ବେଳେ ତାହା କାର୍ଯ୍ୟକାରୀ ହେଉନି। ଏହି ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏଠାରେ ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ଚିତ୍ରକୋଣ୍ଡାରେ ମଧ୍ୟ ଏଭଳି ଏକ ଘଟଣା ଦେଖିବାକୁ ମିଳିଥିଲା । ମୃତଦେହକୁ ନିଜ ପରିବାର ବର୍ଗ ଏକ ପଟା ରିକ୍ସାରେ ନେଇଥିବା ବିଷୟ ସେତେବେଳେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଥିଲା ।

### ଗଞ୍ଜାମ ଭାଗଚାଷୀଙ୍କୁ ...

ମୁଖ୍ୟମନ୍ତ୍ରୀ ଭିଡ଼ିଓ ବାର୍ତ୍ତାରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ଉଷା ଦେବୀ ଏବଂ ବିକ୍ରମ କେଶରୀ ଆରୁଖଙ୍କ ସମେତ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଏବଂ ଆସିକା ଏମ୍‌ପି ଲଡୁକିଶୋର ସ୍ୱାଇଁ ଓ ଜିଲାର ସମସ୍ତ ବିଧାୟକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ କମିଶନର୍ ତଥା ଶାସନସଚିବ କିଷନ୍ କୁମାର, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଜପତି ଜିଲାପାଳ ଅନୁପମ ଶାହା, ଗଞ୍ଜାମର ପୂର୍ବତନ ଜିଲାପାଳ ପ୍ରେମଚନ୍ଦ୍ର ଚୌଧୁରୀ, ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ ସିଂ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଏବଂ ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀମାନେ ଏହାକୁ ପରିଚାଳନା କରିଥିଲେ। ଅଭିନେତା ତଥା ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଏହି ସମାବେଶରେ ପ୍ରାୟ ଦେଢ଼ ଲକ୍ଷ ଚାଷୀ ଯୋଗ ଦେଇଥିଲେ ବୋଲି ପ୍ରଶାସନ ତରଫରୁ କୁହାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ସହ ମଞ୍ଚରେ ବସିଲେ ଚାଷୀ

ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରେ ମେଗା ଚାଷୀ ସମାବେଶକୁ ନେଇ ପ୍ରଶାସନ ପକ୍ଷରୁ ଦୀର୍ଘ ଦିନ ହେଲା ପ୍ରସ୍ତୁତି ଚାଲିଥିଲା। ସରକାରୀ ଅଧିକାରୀ ଏବଂ ଜିଲାର ନେତାମାନେ ଦିନରାତି ପରିଶ୍ରମ କରୁଥିଲେ। ହେଲେ ରବିବାର ମଞ୍ଚ ଉପରେ କୌଣସି ନେତା, ମନ୍ତ୍ରୀ କିମ୍ବା ସରକାରୀ ଅଧିକାରୀ ବସିନ ଥିଲେ। ବରଂ ମୁଖ୍ୟମନ୍ତ୍ରୀଙ୍କ ସହ ମଞ୍ଚରେ ବସିଥିଲେ ୧୪ ଚାଷୀ। ସେମାନେ ହେଲେ ଛତ୍ରପୁରର ସତ୍ୟ ବିଷୋୟୀ, ବେଗୁନିଆପଡ଼ାର ମହେଶ୍ୱର ବରଡ଼ା, ହିଞ୍ଜିଳିକାଟୁର ସଂଯୁକ୍ତା ବେହେରା ଏବଂ ସୁରେନ୍ଦ୍ର ନାୟକ, ପୁରୁଷୋତ୍ତମପୁରର ଗଙ୍ଗାଧର ନାହାକ, ପୋଲସରାର ସତ୍ୟବାଦୀ ସାହୁ, ରଙ୍ଗେଇଲୁଣ୍ଡାର ସୁବାସ ମଣ୍ଡଳ, ଚିକିଟିର ଜ୍ୟୋତ୍ସ୍ନା ପାଣିଗ୍ରାହୀ, ସାନଖେମୁଣ୍ଡିର ନୀଳାଞ୍ଚଳ ଗୌଡ଼, ଦିଗପହଣ୍ଡିର ଗଙ୍ଗାଧର ପଣ୍ଡା, ଆସିକାର ବସନ୍ତ ନାୟକ, ବେଲଗୁଣ୍ଠାର ସୁରେଶ କୁମାର ମହାନ୍ତି, ଭଞ୍ଜନଗରର ସୁବାସ ଚନ୍ଦ୍ର ସ୍ୱାଇଁ ଏବଂ ବେଗୁନିଆପଡ଼ାର ନିରଞ୍ଜନ ବେହେରା। ସେମାନଙ୍କୁ ମୁଖମନ୍ତ୍ରୀ ପଟ୍ଟନାୟକ 'କାଳିଆ' ସହାୟତା ମାନପତ୍ର ପ୍ରଦାନ କରିଥିଲେ।

### ଆରପାରିରେ କଣ୍ଠଶିଳ୍ପୀ...


ଅର୍ଜୁନ ସାମଲ

ସେ ଚିରଦିନ ପାଇଁ ଆଖି ବୁଜିଦେଇଥିଲେ। ଯାଜପୁର ଜିଲା ଚିକଣା ପଞ୍ଚାୟତ ବ୍ରାହ୍ମଣୀ ଗାଁରେ ଜନ୍ମଗ୍ରହଣ କରିଥିବା ଅର୍ଜୁନ ଚରଣ ଲୋକପ୍ରିୟ କଣ୍ଠଶିଳ୍ପୀ ସାଙ୍ଗକୁ ଓଡ଼ିଶା ପ୍ରଶାସନିକ ସେବାର ଜଣେ ଅଧିକାରୀ ଥିଲେ। ଅବସର ପରେ ମଧ୍ୟ ସେ ସଙ୍ଗୀତ ସାଧନା ଜାରି ରଖିଥିଲେ। ୧୯୭୮ରେ ରିଲିଜ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର 'ସୁନା ସଂସାର'ର 'ମିଛ ମାୟା ଭରା ଏ ସାରା ଦୁନିଆ କେହି ନୁହେଁ ଆପଣାର' ଗୀତରେ କଣ୍ଠଦାନ କରି ଓଡ଼ିଶାର ଘରେ ଘରେ ପରିଚିତ ହୋଇଥିଲେ। ଏହି ଫିଲ୍ମରେ ସେ ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ଏହାସହ ଅନେକ ଲୋକଗୀତ ବି ଗାଇଥିଲେ। ଓଡ଼ିଆ ଭଜନ, ଛାନ୍ଦ ଓ ଜଣାଣ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରି ସେ ୮ଟି ଭଜନର ସମାହାରରେ ଏକ ମ୍ୟୁଜିକ୍ ସିଡୀ 'ଦୀନବାନ୍ଧବ' ପ୍ରସ୍ତୁତ କରିଥିଲେ। ଓଡ଼ିଆ ଭଜନର ଲୋକପ୍ରିୟତା ଦିନକୁ ଦିନ କମିଯାଉଥିବା ବେଳେ ଭଜନ ଓ ଜଣାଣର ସେହି ପୁରୁଣା ଗୌରବ ଫେରାଇ ଆଣିବାକୁ ସେ ଏହି ଭଜନ ସିଡୀ ନିଜ ଉଦ୍ୟମରେ ତିଆରି କରିଥିଲେ। ଦୂରଦର୍ଶନ ଓ ଆକାଶବାଣୀରେ ପ୍ରସାରିତ ଅର୍ଜୁନ ଚରଣଙ୍କ ବହୁ ଓଡ଼ିଆ ଗୀତ ଲୋକଙ୍କ ହୃଦୟକୁ ଛୁଇଁପାରିଥିଲା। ଆକାଶବାଣୀ ପାଇଁ ସେ ଗାଇଥିବା ଗୀତ ମଧ୍ୟରୁ 'ଯଶୋମତୀ ଜନନୀ ଗୋ ମାର ନାହିଁ ଆଉ' ସେ ସମୟର ଏକ ହିଟ୍ ଗୀତ ଥିଲା। ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପଦ ସହ ଜଣେ ପ୍ରଶାସନିକ ଅଧିକାରୀ ଭାବେ ସେ ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ କେବଳ ସଙ୍ଗୀତ ଜଗତ ନୁହେଁ, ଓଡ଼ିଆ ସିନେ ଜଗତ ଏବଂ ପ୍ରଶଂସକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।


## ମନେ ପଡ଼ନ୍ତି

**ଦଶମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଡାକ୍ତର ବ୍ରହ୍ମାନନ୍ଦ ସାବତ
ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ
ଆବିର୍ଭାବ: ୧୯୪୧ ଫେବୃୟାରୀ ୨୧ ତାରିଖ ଗୁରୁବାର
ତିରୋଧାନ: ୨୦୦୯ ଜାନୁୟାରୀ ୨୮ ତାରିଖ ବୁଧବାର
ତୁମର ଅତୁଟ ସ୍ନେହ, ପ୍ରେମ, ଧର୍ମନିଷ୍ଠା, ସେବା ପରାୟଣତା ଏବଂ କର୍ତ୍ତବ୍ୟନିଷ୍ଠା ଯୋଗୁଁ ତୁମେ ଚିରଦିନ ଆମ ପାଖରେ ଅମର ହୋଇ ରହିଅଛ ଓ ରହିଥିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଅମର ଆତ୍ମାକୁ ଚିରଦିନ ସଦ୍‌ଗତି ଓ ଶାନ୍ତି ଦିଅନ୍ତୁ। ଏତିକି ତାଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।
ଚିରଦୁଃଖୀ ତୁମର ସ୍ତ୍ରୀ ଓ ପିଲାମାନେ। ଧ-୬୫୮୦୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଡାକ୍ତର ମଞ୍ଜୁଲତା ପରିଡା
ଆବିର୍ଭାବ: ୧୬।୪।୧୯୬୨
ତିରୋଧାନ- ମାଘଶୁକ୍ଳ ପକ୍ଷ ଅଷ୍ଟମୀ
କିଏ ସୁତ କିଏ ଦାରା ଭଉଣୀ ଓ ଭାଇ ଅଦୃଶ୍ୟ ଆତ୍ମାର ନାମକରଣ ବା କାହିଁ ? ଏ ଜୀବଜଗତ ଡାକେ ତ୍ରାହିତ୍ରାହି ଶରଣାଗତରେ ପୁନର୍ଜନ୍ମ ଦିଅ ନାହିଁ। ମା' -ବର୍ଷେ ବିତିଗଲା, ତୁମର ଆଶିଷ ସଦା ବରଷୁ ଥାଉ।
ବଉଳଗଡ଼ ଛକ, ପୁରୁଣା ଭୁବନେଶ୍ୱର
ଧ-୧୦୭୭୫

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଅଶୋକ କୁମାର ମିଶ୍ର
ଆବିର୍ଭାବ: ୦୧।୦୯।୧୯୫୯
ତିରୋଧାନ: ୨୪।୦୧।୨୦୧୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ମୋକ୍ଷ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଭାବପୂତ ବିନତି ଆପଣଙ୍କର ଆଶୀର୍ବାଦ ସବୁବେଳେ ଆମ ଉପରେ ଥାଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ।
ଧ-୬୩୯୩୩

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଏକାଦଶାହ ଉପଲକ୍ଷେ



ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି. ନୈନଂ ଦହତି ପାବକଃ ।
ନୈନଂ କ୍ଳେଦୟନ୍ତ୍ୟାପୋ. ନ ଶୋଷୟତି ମାରୁତଃ ।
✓ ଚକ୍ରଧର ସାହୁ
ପଥୁରିପଡ଼ା, ବାଙ୍କି, ଜିଲ୍ଲା-କଟକ
ଆବିର୍ଭାବ : ୧୮.୦୪.୧୯୨୭
ତିରୋଧାନ : ୧୮.୦୧.୨୦୧୯
ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ପରକୁ ଆପଣାର କରିବାର ବ୍ୟକ୍ତିତ୍ୱ ଚିରସ୍ମରଣୀୟ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ ।
- ଶୋକସନ୍ତପ୍ତ -
ଅରବିନ୍ଦ, ମମତା, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀମାନେ ଏବଂ ପରିବାର ବର୍ଗ । ଶ୍ରୀ ମା ଅରବିନ୍ଦ ଜୁଏଲାରୀ, ଡ଼ମଣାଛକ, ଭୁବନେଶ୍ୱର, ମୋହିନୀ ଅଳଙ୍କାର, ଶୈଳେଶ୍ରୀ ବିହାର, ଭୁବନେଶ୍ୱର ଓ କର୍ମଚାରୀବୃନ୍ଦ ।
ଧ-୧୦୭୮୩

**ଏକାଦଶାହ ଉପଲକ୍ଷେ**



✓ ପ୍ରିୟନାଥ ଦାସ (ଟୁଲୁ)
ଆବିର୍ଭାବ - ୦୫.୦୫.୧୯୫୦
(ବାଲିସାହି, ବାଲିକୁଦା, ଜଗତସିଂହପୁର)
ତିରୋଧାନ - ୧୮.୦୧.୨୦୧୯
(ସିଆରପି ଛକ, ନୟାପଲ୍ଲୀ, ଭୁବନେଶ୍ୱର)
ଆପଣଙ୍କ ଶୂନ୍ୟତା ଆମମାନଙ୍କ ପାଇଁ ସର୍ବଦା ଅପୂରଣୀୟ । ଆପଣଙ୍କ ଦେହାନ୍ତରେ ଆମେ ସମସ୍ତେ ମର୍ମାହତ । ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
-: ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ :-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ଧ-୬୫୫୩୯

Your Classified Advertisement published in Dharitri will be listed free in Dharitri Online Edition: www.dharitri.com


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ରାହୁ ନକ୍ଷତ୍ରରେ ଅବସ୍ଥାନ କରି ଭୁଲ୍ ବୁଝାମଣାରୁ ପାରିବାରିକ କିମ୍ବା ବନ୍ଧୁମାନଙ୍କ ସହ ମନାନ୍ତର ସୃଷ୍ଟି କରିବ। ଟଙ୍କା,ପଇସାର ଅଭାବ ରହିବ ନାହିଁ, କିନ୍ତୁ ସମ୍ପର୍କୀୟମାନଙ୍କ ବେପରୁଆ ଓ ଖାପଛଡ଼ା କଥା ମନକୁ ବାଧିବ। ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା ଓ ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** ମିତ୍ର ବୁଧଙ୍କ ନକ୍ଷତ୍ରସ୍ଥ ଶୁକ୍ର ଯାତ୍ରାରେ ଲକ୍ଷ୍ୟପୂରଣ କରିବା ସହ ବାଣିଜ୍ୟ,ବ୍ୟବସାୟରେ ସୁଫଳ ପ୍ରଦାନ କରିବେ। ସଭାସମିତିରେ ବନ୍ଧୁମିଳନ ଘଟିବ ଏବଂ ହାତକୁ ଦି'ପଇସା ମଧ୍ୟ ବିଭିନ୍ନ ବାଟରୁ ଆସିବ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। କୌଣସି ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

**ମିଥୁନ** ବୁଧ ଧନାଧିପ ଚନ୍ଦ୍ରଙ୍କ ନକ୍ଷତ୍ରସ୍ଥ ହୋଇ ବନ୍ଧୁଙ୍କୁ ଅନୁରୋଧରୁ କିମ୍ବା ସନ୍ତାନ ହେତୁକ ଅର୍ଥର ଆବଶ୍ୟକତାକୁ ପୂରଣ କରିପାରିବେ। ଖୋଜୁଥିବା ବ୍ୟକ୍ତି ହଠାତ୍ ପାଖକୁ ସ୍ୱତଃ ପ୍ରବୃତ୍ତଭାବରେ ଚାଲି ଆସିବା ପାରିବାରିକ ସମସ୍ୟା ପୂର୍ବପରି ରହିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ଆଜିର ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟିହୀନତା କାରଣରୁ ପାରିବାରିକ ପ୍ରତିକୂଳତା ଆପଣଙ୍କ ଉପରେ କୌଣସି ପ୍ରଭାବ ପକାଇପାରିବ ନାହିଁ। କିନ୍ତୁ କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ଟେନ୍‌ସନ ବୃଦ୍ଧି ପାଇବ। ଅର୍ଥନୈତିକ ଦୃଷ୍ଟିକୋଣରୁ କେତେକ ବ୍ୟତିକ୍ରମ ସକାଶେ ଚିନ୍ତିତ ରହିବେ। ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରି ଅପଦସ୍ଥ ହୋଇପାରନ୍ତି।

**ସିଂହ** ରବି ଚନ୍ଦ୍ରଙ୍କ କେନ୍ଦ୍ରରେ ବୁଧଗ୍ରହ କେତୁଯୁକ୍ତ କାରଣରୁ ଅର୍ଥପ୍ରାପ୍ତିରେ କୌଣସି ସମସ୍ୟା ଉପୁଜିବା ଆଶଙ୍କା ରହିଛି। ସାମାନ୍ୟ ଅବହେଳାରୁ ବଡ଼ ସୁଯୋଗଟିଏ ହାତଛଡ଼ା ହେବା ଅନୁଭବ କରିପାରନ୍ତି। ସଭାସମିତିରେ ଆଲୋଚନା, ଚୁକ୍ତିପତ୍ର, ଶିକ୍ଷା, ଯାତ୍ରା, ବ୍ୟବସାୟ, ବାଣିଜ୍ୟରେ ଝଟକା ଲାଗିପାରେ।

**କନ୍ୟା** ରାଶି ଓ ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟି ଭାଇ,ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ କଳହର କାରଣ ହୋଇପାରେ। ଯାହା ଆଶା କରୁଛନ୍ତି ତାହା ପାଇବା ସହଜସାଧ୍ୟ ହେବନି। ପରିବାରର ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। କଳା,ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବା ସହ କୌଣସି ଶୁଭଖବର ପାଇ ଉତ୍‌ଫୁଲ୍ଲିତ ହୋଇପାରନ୍ତି।

**ତୁଳା** ରାଜଯୋଗକାରକ ଶନିଙ୍କ ଦୃଷ୍ଟି ରାଶି କିମ୍ବା ରାଶ୍ୟାଧିପତିଙ୍କ ଉପରେ ପଡୁ ନ ଥିବାରୁ ସବୁ ସୁଯୋଗ ହାତକୁ ଆସି ବାଏଁ ବାଏଁ ଚାଲିଯାଇପାରେ। ସକାଳୁ ସକାଳୁ ଜଣେ ନୂତନ ବନ୍ଧୁଙ୍କ ଆବିର୍ଭାବ ପାରିବାରିକ ଜୀବନକୁ ଚଳଚଞ୍ଚଳ କରିବ। ସବୁ ଅଭାବ, ଅସୁବିଧାକୁ ପଛରେ ପକାଇ କୌଣସି ଗୁରୁତ୍ୱପୂର୍ଣ୍ଣ କାମଟିକୁ ଅଗ୍ରାଧିକାର ଦେଇପାରନ୍ତି।

**ବିଛା** ରାଶିରେ ଦୁଇ ଶୁଭ ଗ୍ରହ ଥିଲେ ମଧ୍ୟ ବଳବାନ୍ ରାହୁଙ୍କ ନବମଦୃଷ୍ଟି ପ୍ରତ୍ୟେକ ପରିସ୍ଥିତିକୁ ବିଗାଡ଼ିଦେବାରେ ସମର୍ଥ ହେବ। ଯାତ୍ରା, ଯୋଗାଯୋଗ, ସତ୍‌ସଙ୍ଗ, ଆଲୋଚନା, ଜାରି ରଖିଲେ କେତେକାଂଶରେ ଧନିଷ୍ଠା ନକ୍ଷତ୍ର ଉପକୃତ ହୋଇପାରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ କ୍ଷେତ୍ରରେ ତତ୍ପର ରହିବେ।

**ଧନୁ** ଆଜି ଯାହା ଚିନ୍ତା କରୁଛନ୍ତି ତାହା କାମ ସମୟକୁ ଓଲଟା ହୋଇଯିବା ଆଶଙ୍କା ରହିଛି। ଦୃଢ଼ ମନୋବଳ ନେଇ କାମ କରିବାର ସୁଯୋଗ ପାଇବେ, ଯଦ୍ୱାରା ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି। ପରିବାର, କର୍ମକ୍ଷେତ୍ର, ବନ୍ଧୁବର୍ଗ, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ର ପୂର୍ବପରି ରହିବ।

**ମକର** ନିଜର ବିଚାର ବୁଦ୍ଧିକୁ ଜଳାଞ୍ଜଳି ଦେଇ ଅନ୍ୟର କାନକୁହା କଥାରେ ପରିଚାଳିତ ହେଲେ ପଶ୍ଚାତ୍ତେ ମନସ୍ତାପ କରିବାକୁ ପଡ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ମନ କଥା ମନରେ ରଖି ବିନୟଭାବ ପୋଷଣ କରିପାରିଲେ ସୁବିଧାରେ କାମ ହାସଲ କରପାରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଲୋଚନା ଓ ରାଜନୀତି କ୍ଷେତ୍ର ପ୍ରାୟତଃ ଭଲ ରହିବ।

**କୁମ୍ଭ** ଧୈର୍ଯ୍ୟ,ସାହସ ପୂର୍ଣ୍ଣମାତ୍ରାରେ ରହିଥିଲେ ମଧ୍ୟ ମଙ୍ଗଳଙ୍କ ପ୍ରଭାବରୁ ରୋକ୍‌ଠୋକ୍ କଥା ଅନ୍ୟମାନଙ୍କ ଗାତ୍ରଦାହ ସୃଷ୍ଟିକରିବ। ଆପଣଙ୍କ କାର୍ଯ୍ୟକୁ ନିଜ ଲୋକମାନେ ନିନ୍ଦାକରିପାରନ୍ତି। ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟିହେଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। ଆକସ୍ମିକ ଦରକାର ପଡୁଥିବା ସମୟରେ ଅର୍ଥାଭାବ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମୀନ** ନୂତନ କର୍ମାରମ୍ଭ ସାଙ୍ଗକୁ ସହକର୍ମୀଙ୍କ ସାହାଯ୍ୟକାରୀ ପରାମର୍ଶ ଓ ପ୍ରେରଣା କାମକୁ ଆସିବ। ପରିବାରରେ ମତାନ୍ତର ଜନିତ ଅଶାନ୍ତିର ଝଲକ ଦେଖିବାକୁ ମିଳିପାରେ। କଳା,ସାହିତ୍ୟ,ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ତଥା କୃତି ଓ କୃତିତ୍ୱରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ । ଆଜିର ଯାତ୍ରା,ବାଣିଜ୍ୟ,ବ୍ୟବସାୟ ଓ ବନ୍ଧୁଙ୍କ ସହ ଆଲୋଚନା ପ୍ରତିପ୍ରଦ ରହିବ।

ଆଜି ମାଘ କୃଷ୍ଣ ଅଷ୍ଟମୀ ସୋମବାର,ଜାନୁୟାରୀ ୨୮ ତାରିଖ,ଲାଲା ଲାଜପତ୍ ରାୟଙ୍କ ଜୟନ୍ତୀ,ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ୭।୫୨ମି. ମଧ୍ୟେ ଘ୧।୨୫ମି. ଗତେ, ଘ୨।୪୮ମି. ମଧ୍ୟେ ଘ୪।୧୧ମି. ଗତେ, ଘ୫।୩୫ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୫ମି. ଗତେ ଘ୧୦।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୫୦ମି. ଗତେ ଘ୯।୧୩ମି. ମଧ୍ୟେ ରାହୁକାଳ।

**ସଂକ୍ଷେପରେ**

## ଫିଲିପାଇନ୍ସ ଚର୍ଚ୍ଚରେ ବିସ୍ଫୋରଣ: ୨୭ ନିହତ

ମାନିଲା,୨୭।୧(ପି.ଟି.)-ଫିଲିପାଇନ୍ସର ସୁଲୁ ପ୍ରଦେଶରେ ଥିବା ଏକ ଚର୍ଚ୍ଚରେ ରବିବାର ଦୁଇଟି ବିସ୍ଫୋରଣରେ ୨୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୧୧ ଆହତ ହୋଇଛନ୍ତି। ମିନ୍ଦାନାଓ ଦ୍ୱୀପସ୍ଥିତ ରୋମାନଥ କାଥୋଲିକ୍ ଚର୍ଚ୍ଚରେ ସମୂହ ପ୍ରାର୍ଥନା ବେଳେ ଏହି ବିସ୍ଫୋରଣ ହୋଇଥିଲା। ପ୍ରଥମ ବିସ୍ଫୋରଣ ଜୋଲୋ କ୍ୟାଥେଡ୍ରାଲର ମୁଖ୍ୟ ଫାଟକରେ ହୋଇଥିଲା। ବିସ୍ଫୋରଣ ଏତେଟା ଶକ୍ତିଶାଳୀ ନ ଥିଲେ ବି ଆତଙ୍କିତ ଲୋକେ ଚର୍ଚ୍ଚରୁ ବାହାରିବାକୁ ଧାଁଦଉଡ କରିବାରୁ ଦଳାଚକଟାରେ କେତେଜଣ ଶ୍ରଦ୍ଧାଳୁ ଆହତ ହୋଇଥିଲେ। ଏହାର ଗୋଟିଏ ମିନିଟ ପରେ ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ଶକ୍ତିଶାଳୀ ଆଇଇଡି ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ୫ ସୁରକ୍ଷା କର୍ମୀଙ୍କ ସମେତ ୨୭ ଜଣ ନିହତ ହୋଇଥିଲେ। ଆହତଙ୍କ ମଧ୍ୟରେ ୧୭ ସୁରକ୍ଷା କର୍ମୀ, ୨ ପୋଲିସ, ୨ ତଟସୁରକ୍ଷା ବାହିନୀ କର୍ମଚାରୀ ଏବଂ ୯୦ ସାଧାରଣ ନାଗରିକ ରହିଛନ୍ତି। ବିସ୍ଫୋରଣ ପ୍ରଭାବରେ କେତେଜଣଙ୍କ ଖଣ୍ଡବିଖଣ୍ଡିତ ମୃତଦେହ କିଛି ଦୂର ପର୍ଯ୍ୟନ୍ତ ଛିଟିକି ପଡିଥିଲା। ପାର୍କିଂସ୍ଥଳରେ ଥିବା ଏକ ମୋଟରସାଇକେଲରେ ଉକ୍ତ ଆଇଇଡି ଖଞ୍ଜା ହୋଇଥିବା କୁହାଯାଉଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଗୁରୁତରଙ୍କୁ ହେଲିକପ୍ଟର ଯୋଗେ ଜମ୍ବୋଙ୍ଗା ସହରକୁ ସ୍ଥାନାନ୍ତର କରାଯାଇଛି। ବିସ୍ଫୋରଣ ଲାଗି କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ତେବେ ମୁସଲିମ୍ ଆତଙ୍କବାଦୀ ଏଠାରେ ସକ୍ରିୟ ଥିବାରୁ ଆକ୍ରମଣରେ ଉକ୍ତ ସଂଗଠନ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଆକ୍ରମଣକାରୀଙ୍କୁ ଆଇନ କେବେ କ୍ଷମା ଦେବନାହିଁ ବୋଲି ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେ କହିଛନ୍ତି। ସରକାରଙ୍କ ସାମର୍ଥ୍ୟକୁ ଚ୍ୟାଲେଞ୍ଜ କରିଥିବା ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ସେ ସଶସ୍ତ୍ର ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି।

## ଅନ୍ତରବା କନ୍ୟାଶ୍ରମରୁ ୨୯ ଛାତ୍ରୀ ନିଖୋଜ

ମୋହନା,୨୭।୧(ଡି.ଏନ୍.ଏ.)- ଗଜପତି ଜିଲା ମୋହନା ବ୍ଲକ ଅନ୍ତରବା କନ୍ୟାଶ୍ରମରୁ ଶନିବାର ରାତିରୁ ୨୯ ଛାତ୍ରୀ ନିଖୋଜ ଥିବା ଜଣାପଡିଛି। ଏନେଇ କନ୍ୟାଶ୍ରମ କାନ୍ଥରେ ଏକ ହାତଲେଖା ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି କନ୍ୟାଶ୍ରମରେ ଲାଗିରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିବାକୁ ଯାଉଥିବା ଏଥିରେ ଉଲ୍ଲେଖ ରହିଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଚାଲିଥିଲେ ମଧ ଖବର ଲେଖାହେବା ସୁଦ୍ଧା ସେମାନଙ୍କର କୌଣସି ପତ୍ତା ମିଳିନାହିଁ। ଅପରାହ୍ନରେ ଜିଲାପାଳ ଅନୁପମ ଶାହା କନ୍ୟାଶ୍ରମରେ ପହଞ୍ଚିଛନ୍ତି। ଛାତ୍ରୀମାନଙ୍କୁ ଠାବ କରିବାକୁ ଜିଲାର ବିଭିନ୍ନ ଥାନାକୁ ସୂଚନା ଦିଆଯାଇଥିବା ଜିଲାପାଳ ଓ ଏସ୍‌ପି ଅମୂଲ୍ୟ କୁମାର ଦାଶ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଶନିବାର କନ୍ୟାଶ୍ରମରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନ୍ତେବାସୀମାନେ ନାଚଗୀତ କରିଥିଲେ। କନ୍ୟାଶ୍ରମ କର୍ମଚାରୀମାନେ ରବିବାର ସକାଳୁ ୯ମ ଶ୍ରେଣୀର ୨୯ ଛାତ୍ରୀ ହଷ୍ଟେଲରେ ନ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ମୋହନା ବିଡିଓ ବଂଶୀଧର ଖୋସଲା ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଞ୍ଜନ ଜେନାଙ୍କୁ ଜଣାଇଥିଲେ। ବିଡିଓ ଖୋସଲା ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜେନା ପହଞ୍ଚି କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ହଷ୍ଟେଲ ଛାଡିଥିବା ଛାତ୍ରୀମାନଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ମଧ ପଚାରି ବୁଝିଥିଲେ। ତେବେ ସେମାନେ ଘରକୁ ଯାଇ ନ ଥିବା ବେଳେ ଜିଲାପାଳଙ୍କ ପାଖରେ ମଧ ପହଞ୍ଚି ନ ଥିବା ଜଣାପଡ଼ିଛି। ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ ରଥ, ଆର୍.ଉଦୟଗିରି ଏସ୍‌ଡିପିଓ ଅନିଲ କୁମାର ପ୍ରଧାନ, ଅଡବା ପୋଲିସ ବିଭିନ୍ନ ଅଞ୍ଚଳକୁ ଗସ୍ତକରି ଖୋଜାଖୋଜି ଚଳାଇଛନ୍ତି। ଜିଲାପାଳ ଶାହା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରଣା ଚନ୍ଦ୍ରଗିରିରେ ପହଞ୍ଚିବା ସହ ୪ଟିଟିମ୍ ଗଠନ କରି ଖୋଜାଖୋଜି ଜାରି ରଖିଛନ୍ତି। ସକାଳ ପ୍ରାୟ ସାଢେ଼୯ଟାରେ ଚନ୍ଦ୍ରଗିରି ନିକଟସ୍ଥ ଟାଙ୍ଗିଲିପଦର ଗ୍ରାମ ନଳକୂଅରେ ୨୫ ରୁ ୩୦ଜଣ ଝିଅ ମୁହଁ ଧୋଉଥିବା ଗ୍ରାମର କେତେଜଣ ଲୋକ ଦେଖିଥିବା ଖବରପାଇ ସେଠାରେ ଜିଲାପାଳ ପହଞ୍ଚିଛନ୍ତି।

# ଜୀବିତ ସ୍ୱାଧୀନତା ସଂଗ୍ରାମୀଙ୍କୁ ବକ୍ତବ୍ୟରେ ମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ନବରଙ୍ଗପୁର,୨୭।୧(ବି.ପ୍ର.)


ଖବରଦାତା ସମ୍ମିଳନୀରେ କଂଗ୍ରେସ ଜିଲା ସଭାପତିଙ୍କ ସହ ଅନ୍ୟମାନେ।

**ବାଣିଜ୍ୟ ଓ ପରିବହନ ମନ୍ତ୍ରୀ କ୍ଷମା ମାଗନ୍ତୁ : କଂଗ୍ରେସ**

ସାଧାରଣତନ୍ତ୍ର ଦିବସରେ ଜାତୀୟ ସଙ୍ଗୀତ, ଶହୀଦ ଓ ଜାତୀୟ ପତାକାକୁ ସମ୍ମାନ ଦିଆଯାଇଥାଏ। ଦୁର୍ଭାଗ୍ୟକଥା ନବରଙ୍ଗପୁର ଷ୍ଟାଡିୟମ ଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡଃ. ନୃସିଂହ ଚରଣ ସାହୁ ଜାତୀୟ ପତାକା ଉତ୍ତୋଳନ କରିବା ପରେ ବକ୍ତବ୍ୟରେ ଜୀବିତ ଥିବା ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜୀ ସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାକୁ କଂଗ୍ରେସ ନିନ୍ଦା କରିବା ସହ ମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି ଖବରଦାଦା ସମ୍ମିଳନୀରେ କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ ଦାବି କରିଛନ୍ତି। ସେ କହିଛନ୍ତି ଯେ, ଓଡିଶାର ୧୨ ଜଣ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ଜୀବିତ। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ମହମ୍ମଦ ବାଜୀ ସାହେବ। ସେ ରାଜ୍ୟର ଜଣେ ରତ୍ନ। ଯିଏକି ସ୍ୱାଧୀନତା ସଂଗ୍ରାମ ପାଇଁ ବହୁବାର କାରାବରଣ କରିଛନ୍ତି। ୧୨ ଶହ କିଲୋମିଟର ପଦଯାତ୍ରା କରିଥିଲେ। ଏହିଭଳି ଜଣେ ଜାତୀୟ ସମ୍ପତ୍ତିକୁ ମନ୍ତ୍ରୀ ସାହୁ ମୃତ ଘୋଷଣା କଲେ ତାହାକୁ ଜିଲା କଂଗ୍ରେସ କମିଟି ନିନ୍ଦା କରୁଛି। ଏହିଭଳି ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ମନ୍ତ୍ରୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହିତ ପ୍ରଥମେ ଆଲୋଚନା କରିବା ଆବଶ୍ୟକ ରହିଥିଲା। ଦିଆଯାଇଥିବା ଲେଖାକୁ ପଢିଦେଲେ। ସେ ଏହାକୁ କିଭଳି ଭାବରେ ଉପସ୍ଥାପନ କଲେ ବୋଲି ମୁନା ତ୍ରିପାଠୀ ପ୍ରଶ୍ନ କରିଛନ୍ତି। ଏହା କିଏ ଯୋଗାଇଲା। ଏଥିପାଇଁ ଜିଲାପାଳଙ୍କ ଜ୍ଞାତ ରହିଛି କି ନାହିଁ। ଏସୁବୁ ଆଲୋଚ୍ୟ ବିଷୟ ହୋଇଛି। ସମସ୍ତ ଗଣମାଧ୍ୟମ ସମ୍ମୁଖରେ ମନ୍ତ୍ରୀ କ୍ଷମା ପ୍ରାର୍ଥନା କରନ୍ତୁ ନଚେତ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ଡାବୁଗାଁ ବିଧାୟକ ଭୁଜବଳ ମାଝୀ, ପୂର୍ବତନ ବିଧାୟକ ସଦନ ନାୟକଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପନ୍ଥା ଗ୍ରହଣ କରାଯିବ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ଉପସଭାପତି ଦିଲ୍ଲୀପ ବେହେରା, ନଗର ସଭାପତି ଉତ୍ତମ ତ୍ରିପାଠୀ, ସମ୍ପାଦକ କୁନା ପାଢୀ, ସୁମିତ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଶହୀଦ ସ୍ମୃତି ସାଂସ୍କୃତିକ ସଂଘର କାର୍ଯ୍ୟକାରୀ ସଭାପତି ଭାବେ ତ୍ରିପାଠୀ କହିଛନ୍ତି ଯେ, ମନ୍ତ୍ରୀ କ୍ଷମା ମାଗିବା ସହ ଯିଏ ଦୋଷ କରିଛି ତାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

# ପଦ୍ମଶ୍ରୀ ଗ୍ରହଣ କରିବାକୁ ମନାକଲେ ଗୀତା

ଭୁବନେଶ୍ୱର,୨୭।୧(ପି.ଟି.)



- ପୁରସ୍କାର ଗ୍ରହଣ ନ କରିବା ରାଷ୍ଟ୍ରପତିଙ୍କୁ ଅସମ୍ମାନ: ଭାଜପା
- ଭିତିରି ବୁଝାମଣା ପଦାରେ ପଡିବା ଭୟ: କଂଗ୍ରେସ
- ଏହା ଗୀତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି: ବିଜେଡି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ଭଉଣୀ ତଥା ବିଶିଷ୍ଟ ଲେଖିକା ଗୀତା ମେହେଟ୍ଟା ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିବାକୁ ବିନମ୍ରତାର ସହ ମନା କରିଦେଇଛନ୍ତି। ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଥିବାରୁ ସେ ଭାରତ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ତେବେ ନିର୍ବାଚନ ବର୍ଷରେ ପୁରସ୍କାର ପ୍ରଦାନ ଭୁଲ୍ ଅର୍ଥ ସୃଷ୍ଟି କରିପାରେ ବୋଲି ସେ କହିଛନ୍ତି।

ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଗୀତାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ ନିମନ୍ତେ ଶୁକ୍ରବାର କେନ୍ଦ୍ର ସରକାର ଘୋଷଣା କରିଥିଲେ। ଏହି ପୁରସ୍କାର ଲାଗି ସରକାର ତାଙ୍କୁ ଉପଯୁକ୍ତ ବିବେଚନା କରିଥିବାରୁ ସେ ଯଥେଷ୍ଟ ସମ୍ମାନିତ ଅନୁଭବ କରୁଛନ୍ତି। ତେବେ ଆଗକୁ ସାଧାରଣ ନିର୍ବାଚନ ଏବଂ ଓଡ଼ିଶା ବିଧାନସଭା ନିର୍ବାଚନ ଥିବାରୁ ପୁରସ୍କାର ପ୍ରଦାନର ସମୟ ଭୁଲ୍ ଅର୍ଥ ସୃଷ୍ଟି କରିପାରେ। ସେଥିପାଇଁ ଦୁଃଖର ସହ ଏହାକୁ ଗ୍ରହଣ କରିବାକୁ ମନା କରିଥିବା ସେ କହିଛନ୍ତି। ଗୀତା ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିବାକୁ ମନା କରିଦେବା ପରେ ଏହାକୁ ନେଇ ରାଜନୀତି ଜୋର ଧରିଛି। ପୁରସ୍କାର ଗ୍ରହଣ ନ କରିବା ନିଷ୍ପତ୍ତି ଠିକ୍ ନୁହେଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହି ସମସ୍ତ ଘଟଣାରୁ ଭାଜପା ଏବଂ ବିଜୁ ଜନତା ଦଳ (ବିଜେଡି) ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଥିବା ସ୍ପଷ୍ଟ ହେଉଛି ବୋଲି କଂଗ୍ରେସ କହିଛି। ଏହା ସହ ବରିଷ୍ଠ ନେତା ଦିଲୀପ ରାୟ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ଦିଆଯିବା ନେଇ ଦାବି କରିଛନ୍ତି। କିଛି ଦିନ ତଳେ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ସେ ଅନୁରୋଧ କରିଥିଲେ। ସରକାରଙ୍କ ପକ୍ଷରୁ ଭାରତରତ୍ନ ପ୍ରଦାନ ସମ୍ପର୍କିତ ତାଲିକା ପ୍ରକାଶ ପାଇଥିବାବେଳେ ଏଥିରେ ବିଜୁ ପଟ୍ଟନାୟକଙ୍କ ନାମ ନ ରହିବା ନେଇ ଦିଲୀପ ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ର ସରକାର ବିଜୁବାବୁଙ୍କୁ ଭାରତରତ୍ନ ପ୍ରଦାନ ନ କରିବା ଏକ ଜାତୀୟ ଧୋକା ବୋଲି ଦିଲୀପ କହିଛନ୍ତି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପୁରସ୍କାର ଗ୍ରହଣ କରିବା ନ କରିବା ଉକ୍ତ ବ୍ୟକ୍ତି ଉପରେ ନିର୍ଭର କରେ। ତେବେ ଏକ ଜାତୀୟ ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରିବା ଭାରତର ରାଷ୍ଟ୍ରପତିଙ୍କ ପ୍ରତି ଅସମ୍ମାନ। ଅନ୍ୟପକ୍ଷରେ ଭାଜପା–ବିଜେଡି ମଧ୍ୟରେ ଥିବା ଭିତିରି ବୁଝାମଣା ପଦାରେ ପଡିଯିବା ଭୟରେ ଗୀତା ପୁରସ୍କାର ଗ୍ରହଣ କରିନାହାନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି କହିଛନ୍ତି। ସୂଚନାଯୋଗ୍ୟ, ଗତ ଶୁକ୍ରବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିଥିବାବେଳେ ନବୀନଙ୍କ ରିମୋଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତରେ ବୋଲି ଅଭିଯୋଗ କରିଥିଲେ। ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି, ପୁରସ୍କାର ଗ୍ରହଣ କରିବାକୁ ମନାକରିବା ଗୀତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ଏହି ପ୍ରସଙ୍ଗକୁ ନେଇ ଅଯଥା ବିତର୍କ କରିବା ଏବଂ ତାଙ୍କୁ ବିବାଦ ମଧ୍ୟକୁ ଟାଣିବା ଠିକ୍ ନୁହେଁ ବୋଲି ଦେବ କହିଛନ୍ତି।

ଖ୍ୟାତନାମା ଲେଖିକା ଗୀତା ହେଉଛନ୍ତି ଦିବଂଗତ ନେତା ବିଜୁ ପଟ୍ଟନାୟକଙ୍କ ସୁପୁତ୍ରୀ ଏବଂ ପ୍ରକାଶକ ସୋନି ମେହେଟ୍ଟାଙ୍କ ପତ୍ନୀ। ତାଙ୍କର ପ୍ରମୁଖ ପୁସ୍ତକ ମଧ୍ୟରେ ରହିଛି 'କର୍ମ ଚୋଲା', ଏ ରିଭର ସୂତ୍ର', ସ୍ନେକ୍ସ ଆଣ୍ଡ ଲ୍ୟାଡର୍ସ: ଗ୍ଲିମ୍ପ୍‌ଜେସ୍ ଅଫ ମଡର୍ନ ଇଣ୍ଡିଆ' ଏବଂ 'ଏଟର୍ନାଲ ଗଣେଶ: ଫ୍ରମ ବାର୍ଥ ଟୁ ରିବାର୍ଥ'। ଏହା ବ୍ୟତୀତ ଗୀତା ୧୪ଟି ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ରର ନିର୍ମାତା ତଥା ନିର୍ଦ୍ଦେଶକ। ପଦ୍ମ ପୁରସ୍କାର ପାଇଥିବା ଅନ୍ୟ ଓଡ଼ିଆମାନଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି।

# ପଦ୍ମଶ୍ରୀ କ'ଣ ଜାଣିନି: କମଳା

ଜୟପୁର,୨୭।୧(ନି.ପ୍ର./ ଡି.ଏନ୍.ଏ.)


ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା କମଳାଙ୍କୁ ଭେଟୁଛନ୍ତି।

- ଭେଟିଲେ ମନ୍ତ୍ରୀ, ପ୍ରଶାସକ, ବୁଦ୍ଧିଜୀବୀ
- ଅଧିକ ଚିକିତ୍ସା ପାଇଁ କୋରାପୁଟ ସ୍ଥାନାନ୍ତର

ପଦ୍ମଶ୍ରୀ ସମ୍ମାନ ଘୋଷଣା ବିଷୟରେ ମୁଁ ଶୁଣିଲି। ସେ ଉପାଧି କ'ଣ ମୁଁ ଜାଣିନାହିଁ। ବର୍ତ୍ତମାନ ମୋର ଦେହ ଅସୁସ୍ଥ ଅଛି। ସେଥିଯୋଗୁ ମୁଁ ଅଧିକ କିଛି କହିପାରିବି ନାହିଁ ବୋଲି ପଦ୍ମଶ୍ରୀ କମଳା ପୂଜାରୀ କହିଛନ୍ତି। ପଦ୍ମଶ୍ରୀ ପୁରସ୍କାର ଘୋଷଣା ପରେ ପାରମ୍ପରିକ ଚାଷ ଏବଂ ବିହନ ସଂରକ୍ଷଣକୁ ନେଇ ରାଜ୍ୟ ତଥା ଦେଶରେ ସୁନାମ ଅର୍ଜନ କରିଥିବା କମଳା ପୂଜାରୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ବାର୍ଦ୍ଧକ୍ୟ ହେତୁ ସ୍ୱାସ୍ଥ୍ୟାବସ୍ଥାରେ ସମସ୍ୟା ଥିବାରୁ ତାଙ୍କୁ ଶୁକ୍ରବାର ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଲଟ୍ରାସାଉଣ୍ଡ ଏବଂ ଅନ୍ୟାନ୍ୟ ପରୀକ୍ଷା ପରେ ବର୍ତ୍ତମାନ ସ୍ୱାସ୍ଥ୍ୟାବସ୍ଥାରେ ତାଙ୍କର ସମସ୍ୟା ନ ଥିବା ଡକ୍ତରୀଦଳ କହିଛନ୍ତି। ଅଧୀକ୍ଷକ ଡା. କାଳୀପ୍ରସାଦ ବେହେରାଙ୍କ ନେତୃତ୍ୱରେ ୫ଜଣିଆ ଡାକ୍ତରଙ୍କୁ ନେଇ ଗଠିତ ଏକ ଟିମ୍ କମଳାଙ୍କ ଚିକିତ୍ସା କରୁଛନ୍ତି। କିନ୍ତୁ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଶନିବାର ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଉପଜିଲାପାଳ ଲୋକନାଥ ଦଳ ବେହେରା, ଜିଲା କଂଗ୍ରେସ କମିଟି ସଦସ୍ୟ, ସହରର ବୁଦ୍ଧିଜୀବୀମାନେ ଭେଟି ଶୁଭେଚ୍ଛା ଜଣାଇବା ସହ ଜଗନ୍ନାଥଙ୍କ ନିକଟରେ ଆରୋଗ୍ୟ କାମନା କରିଥିଲେ। ରବିବାର ରାତିରେ ଅଧିକ ଚିକିତ୍ସା ପାଇଁ କମଳାଙ୍କୁ କୋରାପୁଟ ଶହୀଦ୍ ଲକ୍ଷ୍ମଣ ନାୟକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟା କମଳା ନାରୀ ସଶକ୍ତୀକରଣ ସହିତ ଜଙ୍ଗଲ ସୁରକ୍ଷା ନିମନ୍ତେ ନିରନ୍ତର ପ୍ରଚେଷ୍ଟା କରିଆସିଛନ୍ତି। ପ୍ରାରମ୍ଭିକ ଅବସ୍ଥାରେ ୨୧ ଜଣ ଉତ୍ସର୍ଗୀକୃତ ମହିଳାଙ୍କୁ ନେଇ ନିଜ ଗାଁରେ 'ତ୍ରିନାଥ ଠାକୁର ବନ ସୁରକ୍ଷା ସମିତି' ନାମକ ଏକ ସଂଘ ଗଠନ କରି ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ କାମ କରିଥିଲେ କମଳା। ଲୋପ ପାଇଯାଉଥିବା ୧୦୦ରୁ ଅଧିକ ଦେଶୀ ବିହନ କିସମର ସଂରକ୍ଷଣ ତଥା ଜୈବିକ ପଦ୍ଧତିରେ ଚାଷକରି ସେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ଉନ୍ନତ କିସମର ଦେଶୀ ଧାନ ବିହନ ସଂରକ୍ଷଣ କ୍ଷେତ୍ରରେ ବିଶେଷ ଅବଦାନ ନିମନ୍ତେ ଦକ୍ଷିଣ ଆଫ୍ରିକାର ଜୋହନ୍ସବର୍ଗରେ ୨୦୦୨ ମସିହାରେ ତାଙ୍କୁ ସମ୍ମାନିତ କରାଯାଇଥିବାବେଳେ ୨୦୦୩ରେ ଭାରତ ସରକାର 'କୃଷି ବିଶାରଦ' ସମ୍ମାନ ସମ୍ମାନିତ କରିଥିଲେ। ଏପରିକି ଓଡ଼ିଶା ସରକାର ମଧ କମଳାଙ୍କ ସମ୍ମାନାର୍ଥେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମହିଳା ଛାତ୍ରୀ ନିବାସକୁ କମଳାଙ୍କ ନାମରେ ନାମିତ କରିଛନ୍ତି।

### ୨୦୧୯ ସାଧାରଣ ନିର୍ବାଚନ
## ଓଡ଼ିଶାରେ ପ୍ରାର୍ଥୀ ଦେବ ଟିଏମ୍‌ସି

**ଭୁବନେଶ୍ୱର,୨୭।୧(ବ୍ୟୁରୋ):** ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ (ଏଆଇଟିଏମ୍‌ସି) ୨୦୧୯ ସାଧାରଣ ନିର୍ବାଚନରେ ଓଡ଼ିଶାରେ ପ୍ରାର୍ଥୀ ଦେବ। ଟିଏମ୍‌ସିରୁ ଉଭୟ ଲୋକ ସଭା ଏବଂ ବିଧାନସଭା ଆସନରେ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଦଳ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଟିଏମ୍‌ସି ରାଜ୍ୟ ସଭା ସଦସ୍ୟ ଡେରେକ ଓ ବ୍ରିୟନ ଏହି ସୂଚନା ଦେଇଛନ୍ତି। କେଉଁ ଆସନରେ ଦଳ ପ୍ରାର୍ଥୀ ଦେବ, ସେ ନେଇ ଏକ ତାଲିକା ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି ଜଣାପଡିଛି। ୨୦୧୪ ସାଧାରଣ ନିର୍ବାଚନରେ ମଧ ଟିଏମ୍‌ସି ଓଡ଼ିଶାରେ ପ୍ରାର୍ଥୀ ଦେଇଥିଲା। ଦଳ ସେ ସମୟରେ ସାରା ରାଜ୍ୟରେ ମାତ୍ର ୨୫,୭୦୦ ଖଣ୍ଡ ଭୋଟ୍ ପାଇବାକୁ ସକ୍ଷମ ହୋଇଥିଲା। ଏହା ମୋଟ ଭୋଟ୍‌ର ମାତ୍ର ୦.୧୨ ପ୍ରତିଶତ ଥିଲା।

## ଦଇତାପତି ନିଯୋଗ ନିର୍ବାଚନ ଆଜି

ପୁରୀ ଅଫିସ, ୨୭।୧

ଶ୍ରୀମନ୍ଦିର ଦଇତାପତି ନିଯୋଗର ନିର୍ବାଚନ ସୋମବାର ଅନୁଷ୍ଠିତ ହେବ। ଦକ୍ଷିଣ ଦ୍ୱାର ଶୀତତାପ ପ୍ରକୋଷ୍ଠରେ ହେବାକୁ ଥିବା ଏହି ନିର୍ବାଚନରେ ୧୨୦ ଜଣ ସଦସ୍ୟ ୨୪ ପ୍ରାର୍ଥୀଙ୍କ ମଧ୍ୟରୁ ୧୫ ଜଣଙ୍କୁ ନିର୍ବାଚିତ କରିବେ। ନିର୍ବାଚିତ ୧୫ ଜଣଙ୍କ ମଧ୍ୟରୁ ସଭାପତି, ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ରହିବେ।

### ସ୍ୱାଭିମାନ ଅଞ୍ଚଳରେ ପୁଣି ମାଓବାଦୀ ମେଳି
# ପୂର୍ବସ୍ଥିତି ଫେରାଇ ଆଣିବାକୁ ଲାଲ୍‌ବାହିନୀର ଉଦ୍ୟମ

ମାଲକାନଗିରି,୨୭।୧(ଡି.ଏନ.ଏ)

- ଆନ୍ଧ୍ର ଓଡ଼ିଶା ଜୋନାଲ କମିଟି ପକ୍ଷରୁ ହୋଇଥିଲା
- ବିଭିନ୍ନ ଗ୍ରାମରେ କଳା ପତାକା ଲଗାଇଲେ
- କେନ୍ଦ୍ର, ରାଜ୍ୟ ସରକାରଙ୍କୁ ସମାଲୋଚନା

ଗତ ଦୁଇଦିନ ପୂର୍ବେ ମାଓବାଦୀମାନେ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ଏକ ପ୍ରଜାମେଳି କରିଥିବା ବେଳେ ଶନିବାର ପୁଣି ଜୋଡାମ୍ବ ପଞ୍ଚାୟତରେ ଏକ ବଡଧରଣର ପ୍ରଜାମେଳି କରିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଜିଲାରେ ମାଓବାଦୀ ଦୁର୍ଗ ଭୁଶୁଡ଼ି ପଡ଼ିଥିବା ବେଳେ ଏହାକୁ ସୁଧାରି ପୁଣି ନିଜର ପୂର୍ବସ୍ଥିତ ଫେରାଇ ଆଣିବାକୁ ପ୍ରୟାସ କରୁଛି ଲାଲବାହିନୀ। ଆନ୍ଧ୍ର ଓଡିଶା ଜୋନାଲ କମିଟି ପକ୍ଷରୁ ହୋଇଥିବା ଏହି ପ୍ରଜାମେଳିରେ ହଜାର ହଜାର ଆଦିବାସୀ ଯୋଗଦେଇଥିଲେ। ଗଣତନ୍ତ୍ର ଦିବସକୁ କଳା ଦିବସ ଭାବେ ପାଳନ କରି ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ଗ୍ରାମରେ କଳା ପତାକା ଲଗାଇଥିଲେ। ଗତ ୨୫ରୁ ଅପରେଶନ ସମାଧାନକୁ ବିରୋଧ କରି ମାଓବାଦୀମାନେ ପ୍ରତିବାଦ ସପ୍ତାହ ପାଳନ କରୁଥିବା ବେଳେ ଗ୍ରାମଗୁଡିକରେ ନାଚଗୀତ କରି ବିପ୍ଳବ ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ବୁଝାଉଛନ୍ତି। ବିଭିନ୍ନ ସ୍ଥାନରେ ପୋଷ୍ଟର ଓ ବ୍ୟାନର ଲଗାଇଥିବା ମଧ ଦେଖିବାକୁ ମିଳିଛି। ଖଣି ଖାଦାନକୁ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଦେଶୀ କମ୍ପାନୀକୁ ଟେକି ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଆଦିବାସୀଙ୍କୁ ବିସ୍ଥାପିତ କରିବା ସହ ଜଳ, ଜମି ଓ ଜଙ୍ଗଲ ପାଇଁ ଲଢେଇ କରୁଥିବା ସିପିଆଇ ମାଓବାଦୀ ସଙ୍ଗଠନକୁ ଦମନ ନାମରେ ମହିଳାମାନଙ୍କୁ ନିର୍ଯାତନା ଦେଉଛନ୍ତି। ସମାଧାନ ନାମରେ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ଅପରେଶନ ଆରମ୍ଭ କରିଛନ୍ତି। ଏଥିରେ ରାଜ୍ୟ ସରକାର ଓ ରାଜ୍ୟ ପୋଲିସ ବାହିନୀ ମିଳିତ ଭାବରେ ଜନ ଆନ୍ଦୋଳନକୁ କଣ୍ଠରୋଧ କରିବାକୁ ଉଦ୍ୟମ କରୁଥିବା ଅଣ୍ଡାପାଲି ଘଞ୍ଚ ଜଙ୍ଗଲରେ ଆୟୋଜିତ ମାଓବାଦୀଙ୍କ ପ୍ରଜାମେଳିରେ କୁହାଯାଇଛି। ତେବେ ମାଓବାଦୀଙ୍କ ପ୍ରତିବାଦ ସପ୍ତାହର ତୃତୀୟ ଦିବସରେ ସରକାରୀ ଗାଡି ଚଳାଚଳ ବନ୍ଦ ରହିଛି। ପ୍ରାୟ ୨୦ଟି ଦୂରଗାମୀ ବସ୍ ଯାତାୟାତ ବନ୍ଦ ରହିଛି। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ବିଶାଖାପାଟଣା, ବିଜୟନଗରମ୍, ରାୟପୁର ଆଦି ସ୍ଥାନକୁ ବସ୍ ଚଳାଚଳ ବନ୍ଦ ଥିବାରୁ ଏନେଇ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାଲକାନଗିରି ସୀମାନ୍ତକୁ ଲାଗିଥିବା ଛତିଶଗଡ, ଆନ୍ଧ୍ର ଓ ତେଲେଙ୍ଗାନାରେ ହାଇ ଆଲର୍ଟ ଜାରି କରାଯାଇ ସୀମାନ୍ତ ଅଞ୍ଚଳକୁ ସିଲ କରାଯାଇଛି। କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି।

## ୫ ବର୍ଷର ବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

କାଲିମେଳା,୨୭।୧(ଡି.ଏନ.ଏ)

ମାଲକାନଗିରି ଜିଲା ପଡିଆ ଥାନା ଅନ୍ତର୍ଗତ ଏମଭି–୫୯ ଗ୍ରାମର ଜଣେ ୫ ବର୍ଷର ନାବାଳିକାଙ୍କୁ ଜଣେ ଯୁବକ ବଳାତ୍କାର କରିଥିବା ପଡିଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଏମଭି–୫୯ ଗ୍ରାମର ଶୀତଲ ବିଶ୍ୱାସ (୨୧)ଙ୍କୁ ତେଲେଙ୍ଗାନା ରାଜ୍ୟର ତିରୁପତି ଅଞ୍ଚଳରୁ ଗିରଫ କରିଛି। ଖବରରୁ ଜଣାପଡିଛି ଏମଭି–୫୯ ଗ୍ରାମର ଜଣୈକା ନାବାଳିକା ନିଜ ଘରେ ଏକା ଥିବା ଦେଖି ଶୀତଲ ତାଙ୍କୁ ବଳାତ୍କାର କରିଥିଲେ। ନାବାଳିକାଙ୍କ ବାପା ବାହାରେ ରହି କାମ କରନ୍ତି। ମା ଓ ଝିଅ ଏଠାରେ ରହୁଥିଲେ। ଘଟଣା ଦିନ ମା' ଘରେ ନ ଥିଲେ। ଏହାର ସୁଯୋଗ ନେଇ ଶିତଳ ନାବାଳିକାଙ୍କୁ ବଳାତ୍କାର କରି ବାହାର ରାଜ୍ୟକୁ କାମ କରିବାକୁ ଯାଉଛି କହି ଗ୍ରାମରୁ ଫେରାର ହୋଇଯାଇଥିଲେ। ଘଟଣା ପଦାକୁ ନ ଆସୁ ଭାବି ପରିବାର ଲୋକେ କାହାକୁ କିଛି ନ କହି ପୀଡିତାଙ୍କୁ ନେଇ ମାଲକାନଗିରି ମେଡିକାଲରେ ଚିକିତ୍ସା କରୁଥିଲେ। ଘଟଣା ଜଣାପଡିବା ପରେ ଏ ନେଇ ପିଡିତାଙ୍କ ପରିବାର ଲୋକେ ଗତ ୨୫ରେ ମାଆ ଗୃହ ସହାୟତାରେ ପଡିଆ ଥାନାରେ ଲିଖିତ ଅଭିଯୋଗ କରଥିଲେ। ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ମାଲକାନଗିରି ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଜୟଦାସ ଖରାଙ୍କ ନେତୃତ୍ୱରେ ପଡିଆ ଥାନାର ଏକ ୪ ଜଣିଆ ଟିମ ଶୀତଳଙ୍କୁ ଖୋଜିବାକୁ ରାଜ୍ୟ ବାହାରକୁ ଯାଇଥିଲେ। କେସ୍ ନଂ. ନଂ ୬/୧୯ ଧାରା ୩୭୬ ଏବି ଆଇପିସି ପକ୍ସୋ ଆକ୍ଟ ମାମଲା ରୁଜୁ ହୋଇଛି। ଗିରଫ ପରେ ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଭାରପ୍ରାପ୍ତ ଅଧିକାରୀ ଶୁସାନ୍ତ କୁମାର କିର୍ଶାନୀ ଏହାର ତଦନ୍ତ କରୁଥିଲେ।

### ଆତଙ୍କବାଦୀଙ୍କ ସହ ଲଢେ଼ଇ
## ଓଡ଼ିଆ ଯବାନ ଶହୀଦ

ବେଗୁନିଆ,୨୭।୧ (ଡି.ଏନ.ଏ.)


ହେମନ୍ତ କୁମାର ପଣ୍ଡା

ଏପଟେ ଦେଶବାସୀ ପାଳନ କରୁଥିଲେ ୭୦ତମ ସାଧାରଣତନ୍ତ୍ର ଦିବସ। ସେପଟେ ଦେଶର ସୁରକ୍ଷା ପାଇଁ ଆତଙ୍କବାଦୀଙ୍କ ସହ ଲଢୁଥିଲେ ଭାରତୀୟ ଯବାନ। ଶେଷରେ ଶନିବାର ଅପରାହ୍ନରେ ଆତଙ୍କବାଦୀଙ୍କ ଗୁଳିରେ ଶହୀଦ ହୋଇଥିଲେ ଓଡ଼ିଆ ଯବାନ ହେମନ୍ତ କୁମାର ପଣ୍ଡା (୨୫)। ହେମନ୍ତଙ୍କ ଘର ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ବୋତଲମା ପଞ୍ଚାୟତର ଅଠରାଙ୍ଗ ଗ୍ରାମରେ। ହେମନ୍ତ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ର ପାଇଁ ଶହୀଦ ହୋଇଥିବା ଖବର ଗାଁରେ ପହଞ୍ଚିବା ପରେ ସମସ୍ତେ ହତବାକ ହୋଇଯାଇଥିଲେ। ପରିବାର କାନ୍ଦ ବୋବାଳିରେ ଫାଟି ପଡ଼ିଥିବାବେଳେ ପୂରା ଅଞ୍ଚଳ ସ୍ତବ୍ଧ ହୋଇଯାଇଛି। ମା', ଦୁଇ ଭଉଣୀ, ବାପା ହେମନ୍ତଙ୍କ ଫଟୋ ଧରି ବାହୁନି କାନ୍ଦୁଛନ୍ତି। ଅଠରାଙ୍ଗ ଗ୍ରାମର ଅବସରପ୍ରାପ୍ତ ସୁବେଦାର ମେଜର ପବିତ୍ର ମୋହନ ପଣ୍ଡାଙ୍କ ଏକମାତ୍ର ପୁଅ ଥିଲେ ହେମନ୍ତ। ୨୦୧୫ ଜାନୁୟାରୀ ୫ରେ ଭାରତୀୟ ସେନାରେ ଯୋଗ ଦେଇଥିଲେ। ୧୨୦ ଗାର୍ଡ, ୪୬ ରାଷ୍ଟ୍ରୀୟ ରାଇଫଲ ବାଟାଲିୟନର (ପ୍ୟାରେଣ୍ଟ ୟୁନିଟ୍) ମେକାନାଇଜ୍ ଗାର୍ଡ ଲାୟନ୍ସ ନାଏକ ଗନର ଭାବେ ସେ ପରିଚିତ ଥିଲେ। ଶନିବାର ଅପରାହ୍ନ ପ୍ରାୟ ୩ଟା ୩୩ରେ ଜମ୍ମୁ କଶ୍ମୀରର ଶ୍ରୀନଗର ବାରମୁଲା ସୀମାରେ ସର୍ଚ୍ଚ ଅପରେଶନ ଚାଲିଥିଲା। ଲୁଚି ରହିଥିବା ଆତଙ୍କବାଦୀମାନେ ଯବାନମାନଙ୍କ ଉପରକୁ ଆଖିବୁଜା ଗୁଳି ବର୍ଷଣ କରିଥିଲେ। ଯବାନମାନେ ମଧ ସେମାନଙ୍କୁ ଜବାବ ଦେଇଥିଲେ। ତେବେ ଆତଙ୍କବାଦୀଙ୍କ ଗୋଟିଏ ଗୁଳି ହେମନ୍ତଙ୍କ ଡାହାଣ କାନର ଉପର ମୁଣ୍ଡରେ ବାଜିଥିଲା। ଘଟଣାସ୍ଥଳରେ ହିଁ ହେମନ୍ତ ଟଳି ପଡ଼ିଥିଲେ। ସ୍ଥାନୀୟ ମେଡିକାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ଦେଇ ନୂଆଦିଲ୍ଲୀରୁ ରବିବାର ବିମାନ ଯୋଗେ ଭୁବନେଶ୍ୱର ଅଣାଯାଇଛି। ରାତି ୭ଟାରେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଶହୀଦ ହେମନ୍ତଙ୍କ ମରଶରୀର ପହଞ୍ଚିବା ପରେ ଗୃହ ସଚିବ ଓ ଅତିରିକ୍ତ ଜିଲାପାଳଙ୍କ ଉପସ୍ଥିତିରେ ୧୨୦ ବାଟାଲିୟନକୁ ନିଆଯାଇଥିଲା। ସୋମବାର ସକାଳୁ ସେଠାରୁ ମରଶରୀରକୁ ଜନ୍ମସ୍ଥାନ ଅଠରାଙ୍ଗ ଅଣାଯାଇ ପରିବାର ଲୋକଙ୍କୁ ମର୍ଯ୍ୟାଦାର ସହ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

ପୁଅକୁ ହରାଇ ବାପା ପବିତ୍ର କହିଛନ୍ତି, ମୁଁ ୩୪ ବର୍ଷ ଧରି ସେନାରେ କାର୍ଯ୍ୟ କରିବା ଭିତରେ ଏପରି ସୁଯୋଗ ପାଇ ନ ଥିଲି। କିନ୍ତୁ ମୋର ଏକମାତ୍ର ପୁଅ ହେମନ୍ତ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ର ପାଇଁ ବଳିଦାନ ଦେଇଥିବାରୁ ମୁଁ ଯେତିକି ଦୁଃଖିତ ତା'ଠୁ ଅଧିକ ଗର୍ବିତ। ଛୁଟି ସରିବା ପରେ ଗତ ୨୩ ତାରିଖରେ କାର୍ଯ୍ୟସ୍ଥଳକୁ ଯାଇଥିଲା। ସେ ଆସନ୍ତା ୮ ତାରିଖରେ ଘରକୁ ଫେରିବା ପାଇଁ ବିମାନ ଟିକେଟ କରିଥିଲା। ଘଟଣା ଦିନ ଅପରାହ୍ନ ପ୍ରାୟ ୩ଟା ୧୭ରେ ପୁଅ ସହ ମୋର ଶେଷ କଥାବାର୍ତ୍ତା ହୋଇଥିଲା। ୧୬ ମିନଟ ପରେ ମୋ ପାଖକୁ ଏହି ଦୁଃଖଦ ଖବର ଆସି ପହଞ୍ଚିଥିଲା।

# ପରିଶ୍ରମର ଫଳ ମିଳିଛି: ଦୈତାରୀ

**ପାହାଡ଼ କାଟି ଜମିକୁ ଆଣିଥିଲେ ପାଣି**

କେନ୍ଦୁଝର, ୨୭।୧(ସ୍ୱ.ପ୍ର.)


ଗ୍ରାମବାସୀଙ୍କ ସହ ଦୈତାରୀ।

ପାହାଡ଼ କାଟି କେନାଲ ଖୋଳି ଚାଷ ଜମିକୁ ପାଣି ଆଣି ଦୃଷ୍ଟାନ୍ତ ସାଜିଥିବା ଚାଷୀ ଦୈତାରୀ ନାଏକ(୭୦)ଙ୍କୁ ମିଳିବ ପଦ୍ମଶ୍ରୀ ପୁରସ୍କାର। ଏହି ପୁରସ୍କାର ପ୍ରଦାନ ନେଇ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବ ସନ୍ଧ୍ୟା ଶୁକ୍ରବାର କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏ ନେଇ ସମଗ୍ର କେନ୍ଦୁଝର ଜିଲାରେ ଖୁସିର ଲହରି ଖେଳି ଯାଇଛି। ଏହି ଖବର ପ୍ରଚାର ପରେ ଶୁଭେଚ୍ଛା ବାର୍ତ୍ତା ଓ ସମ୍ବର୍ଦ୍ଧନା ଜଣାଇବାକୁ ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତ ଉପରବୈତରଣୀ ଗ୍ରାମରେ ଥିବା ଦୈତାରୀଙ୍କ ଘରେ ରାଜନୈତିକ ନେତାଙ୍କ ସୁଅ ଛୁଟିଥିଲା। ଏହି ପୁରସ୍କାର ପାଇଁ ପୂର୍ବତନ କ୍ରିକେଟିୟର ଭିଭିଏସ୍ ଲକ୍ଷ୍ମଣ ଟୁଇଟ୍ କରି ପ୍ରଶଂସା କରିଥିବା ଜଣାଯାଇଛି। ଏ ନେଇ ଦୈତାରୀ କହିଛନ୍ତି ଯେ, ଏଭଳି ସର୍ବୋଚ୍ଚ ନାଗରିକ ପୁରସ୍କାର ମିଳୁଥିବାରୁ ସେ ଓ ତାଙ୍କ ପରିବାର ଲୋକେ ବେଶ୍ ଖୁସି ଅଛନ୍ତି। ଜଣେ ସାଧାରଣ ଲୋକକୁ ଏଭଳି ପୁରସ୍କାର ପ୍ରଦାନ କରାଯାଉଥିବାରୁ ସରକାରଙ୍କୁ ଧନ୍ୟବାଦ। ଗ୍ରାମ ଓ ଆଖପାଖ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ସୁଦୃଢ ହୋଇ ପାରିଲେ ଅଧିକ ଖୁସି ଲାଗିବ।

ଦୈତାରୀ ଦୀର୍ଘ ୩ କି.ମି. କେନାଲ ଖୋଳି ଗ୍ରାମଠାରୁ ବହୁ ଦୂରରେ ବୋହି ଯାଉଥିବା ଝରଣା ପାଣିକୁ ଚାଷ ଜମିକୁ ଆଣିବାରେ ସକ୍ଷମ ହୋଇଥିଲେ। ଏଥିପାଇଁ ତାଙ୍କୁ ବହୁ ପରିଶ୍ରମ କରିବାକୁ ପଡିଥିଲା। ପରିବାର ସଦସ୍ୟଙ୍କ ସହ ମିଶି କେନାଲ ଖୋଳି ଜମିକୁ ପାଣି ମଡାଇ ଚାଷ କରି ଦୈତାରୀ ୨୦୧୮ରେ ଚର୍ଚ୍ଚାର ପରିଧିକୁ ଆସିଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ସଂସ୍ଥା ଓ ସଙ୍ଗଠନରୁ ସେ ସମ୍ମାନ ଓ ସମ୍ବର୍ଦ୍ଧନା ପାଇଛନ୍ତି। ଚାଷ ହେଉଛି ଆମର ଜୀବନଜୀବିକା। ଏଥିରେ ଘର ଓ ପରିବାର ଚଳୁଛି। ପାଣି ଅଭାବରୁ ଚାଷ କାର୍ଯ୍ୟ ହୋଇପାରୁନାହିଁ। ପାଣି ଆଣି ଚାଷ କଲେ ପରିବାର ଚଳିବ ବୋଲି ଭାବୁଥିଲି। ଗ୍ରାମଠାରୁ ବହୁ ଦୂରରେ ଝରଣା ଥିଲେ ହେଁ ଜମିକୁ ପାଣି ଆସିବାର ସୁବିଧା ନ ଥିଲା। ଜମିକୁ କିପରି ପାଣି ପହଞ୍ଚିବ ସେ ନେଇ ଉଦ୍ୟମ ଆରମ୍ଭ କରିଥିଲି। ଏ ନେଇ ଗ୍ରାମବାସୀଙ୍କ ସହାୟତା ଲୋଡିଥିଲି। ପାଣି ଆସିଲେ ବାଇଗଣ, କୋବି, ଶାଗ, ଆଳୁ, ଧାନ ଆଦି ଚାଷ କରିପାରିବା ବୋଲି ଗ୍ରାମବାସୀଙ୍କୁ କହିଥିଲି। ଏତେ ଦୂରରୁ କ'ଣ ପାଣି ଆଣିବା ଓ ଚାଷ କରି ଭାତ ଖାଇବା ବୋଲି ଓଲଟା ପ୍ରଶ୍ନ ଗ୍ରାମବାସୀ କରିଥିଲେ। ଛୁଆପିଲାଙ୍କ ପାଇଁ କିଛି କରିବାକୁ ପଡିବ ବୋଲି ଭାବି ନିରାଶ ନ ହୋଇ କେନାଲ ଖୋଳିବା ଆରମ୍ଭ କରିଥିଲି। ଶେଷରେ ପରିଶ୍ରମର ସୁଫଳ ମିଳିଛି। ପାଣି ଗାଁ ପାଖକୁ ଆସିଲାବେଳେ ଗ୍ରାମବାସୀ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ବୋଲି ଦୈତାରୀ କହିଛନ୍ତି।

## ସଂକ୍ଷେପରେ

### କାର-ବାଇକ ଧକ୍କାରେ ଜଣେ ମୃତ

**ଜୟପୁର ,୨୭।୧ (ଡି.ଏନ.ଏ):** କୋରାପୁଟ ଜିଲା ଜୟପୁର ସଦରଥାନା ଅନ୍ତର୍ଗତ ଜୟପୁର-ମାଲକାନଗିରି ୩୨୬ ଜାତୀୟ ରାଜପଥର ଥୋରଡିପୁଟ ଗ୍ରାମ ନିକଟରେ ପୂର୍ବାହ୍ନରେ ଏକ କାର ଓ ବାଇକ ମୁହାଁମୁହିଁ ଧକ୍କାରେ ଜଣେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ବାଇକ ଚାଳକ ଜୟପୁର ସହରର ପ୍ରସାଦରାଓ ପେଟାର ଏମ. ମୁରଲୀମୋହନ ରାଓ(୬୭)। ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଜବତ କରିବା ସହିତ ଡ୍ରାଇଭର ପ୍ରତାପ ପଟ୍ଟନାୟକଙ୍କୁ ଥାନାରେ ଅଟକ ରଖିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ତଦନ୍ତକାରୀ ଅଧିକାରୀ ସାମା ପ୍ରଧାନ ପ୍ରକାଶ କରିଛନ୍ତି ।

### ନାବାଳିକାଙ୍କୁ ପ୍ରତାରଣା ଅଭିଯୋଗ

**ଦଶମନ୍ତପୁର, ୨୭।୧ (ଡି.ଏନ୍.ଏ.):** ଡୁମ୍ବାଗୁଡ଼ା ପଞ୍ଚାୟତରେ ଜଣେ ୧୫ ବର୍ଷିଆ ଅନାଥ ନାବାଳିକାଙ୍କୁ ସୁଦର୍ଶନ ସାହୁ ବିବାହ ପ୍ରଲୋଭନ ଦେଖାଇ ଗର୍ଭବତୀ କରିବା ପରେ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଶାରୀରିକ ସମ୍ପର୍କ କଥା କାହା ଆଗରେ ପ୍ରକାଶ କଲେ ଜୀବନରେ ମାରିଦେବି ବୋଲି ଯୁବକ ଜଣଙ୍କ ତାଙ୍କୁ ଧମକ ଦେଇଥିବା ନାବାଳିକା ଜଣଙ୍କ କହିଛନ୍ତି। ଏନେଇ ଗାଁରେ ମଧ୍ୟ ଏକ ସଭା ଅନୁଷ୍ଠିତ ହୋଇଥିଲା। କିନ୍ତୁ କୌଣସି ସମାଧାନ ବାହାରି ନା ନ ଥିଲା। ଯୁବକ ଜଣଙ୍କ ବିବାହ ନକଲେ ଆତ୍ମହତ୍ୟା କରିବେ ବୋଲି ନାବାଳିକା ଜଣଙ୍କ କହିଛନ୍ତି। ନାବାଳିକାଙ୍କୁ ନ୍ୟାୟ ମିଳୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

### ପାଚିକାଙ୍କ ଘରେ ଚାଲିଛି ଅଙ୍ଗନଓ୍ବାଡ଼ି କେନ୍ଦ୍ର



**ରାମନାଗୁଡ଼ା,୨୭।୧(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଗୁଲୁଣ୍ଡି ପଞ୍ଚାୟତ ଅଧୀନ ଢେପାଗୁଡ଼ା ଗ୍ରାମରେ ଥିବା ଅଙ୍ଗନଓ୍ବାଡ଼ି କେନ୍ଦ୍ର ପାଚିକାଙ୍କ ଘରେ ଚାଲିଛି । ଏଠାରେ ଥିବା ଅଙ୍ଗନଓ୍ବାଡ଼ି ଗୃହ ଛାତରୁ ସିମେଣ୍ଟ ଖଣ୍ଡ ଖସିବାରୁ ବିଭାଗୀୟ ଯନ୍ତ୍ରୀ ତାକୁ ଅସୁରକ୍ଷିତ ଘୋଷଣା କରିଥିଲେ । ତେଣୁ ବିଭାଗ ତରଫରୁ କୌଣସି ବିକଳ୍ପ ବ୍ୟବସ୍ଥା କରା ନ ଯାଇ ପାଚିକାଙ୍କ ଘରେ ଉକ୍ତ କେନ୍ଦ୍ର ଚାଲୁଛି। ଇତିମଧ୍ୟରେ ଏକ ବର୍ଷରୁ ଊର୍ଦ୍ଧ୍ୱ ଦିନ ବିତିଥିଲେ ମଧ୍ୟ ନୂତନ କୋଠା ନିର୍ମାଣ କରାଯାଇ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଫଳରେ ଛୋଟ ଛୋଟ ପିଲା ପାଚିକାଙ୍କ ବାରଣ୍ଡାରେ ପଢୁଛନ୍ତି । କେନ୍ଦ୍ରର ସରଞ୍ଜାମ ପାଚିକାଙ୍କ ଘରେ ରଖାଯାଉଛି। ପାଚିକା ପରିବାର ସହ ପଡ଼ିଶା ଘରେ ରହୁଛନ୍ତି । ନିଜର ପକ୍କା ଘର ଥିଲେ ମଧ୍ୟ ଚାକିରି କରୁଥିବାରୁ ନିଜ ଘର ବିଭାଗକୁ ଦେଇ କଷ୍ଟେମଷ୍ଟେ ଚଳୁଛନ୍ତି ବୋଲି ପାଚିକା କହିଛନ୍ତି । ଏନେଇ ସିଡ଼ିଏମଓଙ୍କୁ ପଚାରିବାରୁ , ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି । କିନ୍ତୁ ଅନୁଦାନ ଆସି ନ ଥିବାରୁ କାମ ହୋଇ ପାରୁନାହିଁ ବୋଲି କହିଛନ୍ତି । ତୁରନ୍ତ ଅଙ୍ଗନଓ୍ବାଡ଼ି କେନ୍ଦ୍ର ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି ।

■ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

# 'ହିଂସାପଥ ଛାଡ଼ିବାକୁ ମାଓବାଦୀଙ୍କୁ ଆହ୍ୱାନ'

**କୋରାପୁଟ,୨୭।୧(ସ୍ୱ.ପ୍ର.)**



ମୁଖ୍ୟଅତିଥି ପତାକା ଉତ୍ତୋଳନ ପରେ ଅଭିବାଦନ ଗ୍ରହଣ କରୁଛନ୍ତି।

ମାଓବାଦୀମାନେ ହିଂସାପଥ ପରିହାର କରି ଦେଶର ପ୍ରଗତି ସ୍ରୋତରେ ନିଜକୁ ସାମିଲ ହେବାକୁ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା କୋରାପୁଟସ୍ଥିତ ପୋଲିସ ପଡ଼ିଆଠାରେ ଆୟୋଜିତ ୭୦ ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା ପ୍ରକାଶ କହିଛନ୍ତି। ଶନିବାର କଡ଼ା ସୁରକ୍ଷା ଘେରରେ ସ୍ଥାନୀୟ ପୋଲିସ ପଡ଼ିଆରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। କ୍ରୀଡ଼ା ମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ମିଳିତ ପ୍ୟାରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ପରେଡ଼ରେ ପୋଲିସ ସମେତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏପରି ମୋଟ ୩୨ଟି ଦଳ ଅଂଶ ଗ୍ରହଣକରିଥିବାବେଳେ ଏହାକୁ କୋରାପୁଟ ରିର୍ଜଭ ଇନ୍ସପେକ୍ଟର ସୁଭାସଚନ୍ଦ୍ର ନାୟକ ପରିଚାଳନା କରିଥିଲେ। କନିଷ୍ଠ ବିଭାଗ ପରେଡ଼ରେ ବିକାଶ ବିଦ୍ୟାଳୟ ପ୍ରଥମ, ବରିଷ୍ଠ ବିଭାଗରେ ପୋଡ଼ାଗଡ଼ ଉଚ୍ଚ ବିଦ୍ୟାଳୟ (ଏସ୍ଏସ୍ଡି) ପ୍ରଥମ , ଏନ୍ସିସିରେ ସରକାରୀ ମହାବିଦ୍ୟାଳୟ ପ୍ରଥମ ଏବଂ ଶାରୀରିକ କ୍ରୀଡ଼ା କୌଶଳ ପ୍ରଦର୍ଶନ କରି କନିଷ୍ଠ ବିଭାଗରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି। ବରିଷ୍ଠ ବିଭାଗରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ପ୍ରଥମ ସ୍ଥାନ ହାସଲ କରି ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କୃତ ହୋଇଛି। ଜିଲାର ବିଭିନ୍ନ ବିଭାଗ ପକ୍ଷରୁ ୯ଟି ପ୍ରଜ୍ଞାପନ ମେଢ଼ ପରେଡ଼ରେ କୌଶଳ ପ୍ରଦର୍ଶନ କରିଥିଲେ। ଜିଲା ପୋଲିସ ପ୍ରଥମ, ଜିଲା ଜଳବିଭାଜିକା ପ୍ରକଳ୍ପ ଦ୍ୱିତୀୟ ଏବଂ ଜିଲା ଜଳ ଓ ପରିମଳ ମିଶନ ତୃତୀୟ ସ୍ଥାନ ଅଧିକାରୀ କରି ପୁରସ୍କୃତ ହୋଇଛନ୍ତି। ସେହିପରି କୌତୁକ ପୋଷାକରେ ମଧୁସ୍ମିତା ଦୋରା ପ୍ରଥମ ସ୍ଥନ ଅଧିକାରୀ ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଆରକ୍ଷୀ ଅଧିକ୍ଷକ କନଓ୍ବର ବିଶାଳ ସିଂ, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ପିଡି ଆରଡିଏ ଏମ୍ ଅବଦୁଲ, କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁର, ରାଉତ, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ଭି.ଆର୍ ରାଓ ,ଡେପୁଟି କଲେକ୍ଟର ଆଲୋକ କୁମାର ଅନୁଗୁଳିଆଙ୍କ ସହ ଆଇଆର୍ବି, ଓଏସ୍ଏପି, ଏସ୍ଓଜି, ବିଏସ୍ଏଫ, କୋବ୍ରା କମାଣ୍ଡାଣ୍ଟଙ୍କ ସମେତ ଜିଲାସ୍ତରୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। କୋରାପୁଟ ବାର ଆସୋସିଏଶନ ଓ ପ୍ରଶାସନ ଏକାଦଶ ମଧ୍ୟରେ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ସନ୍ଧ୍ୟାରେ ଜିଲାର ବହୁ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।





ଏନ୍ସିସି କ୍ୟାଡେଟଙ୍କ ପରେଡ୍।





ମୁଖ୍ୟଅତିଥି ପରେଡ୍ରେ ଅଭିଭାଦନ ଗ୍ରହଣ କରୁଛନ୍ତି।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ

**ଜୟପୁର,୨୭।୧(ଡି.ଏନ.ଏ/ନି.ପ୍ର.)**

ଜୟପୁର ଉପଖଣ୍ଡସ୍ତରୀୟ ୭୦ତମ ସାଧାରଣତନ୍ତ୍ର ଦିବସ ସହରର ମୁଖ୍ୟରାସ୍ତା ସର୍ଦ୍ଦାର ବଲ୍ଲଭଭାଇ ପଟେଲ ମାର୍ଗଠାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟର ଏନ୍.ସି.ସି, ସ୍କାଉଟ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ମିଳିତ ପରେଡ଼ ପ୍ରଦର୍ଶିତ ହୋଇଥିଲା। ପରେଡ଼ରେ ୫୧ଟି ଦଳ ଭାଗ ନେଇଥିଲେ । ଏହାପରେ ମୁଖ୍ୟଅତିଥିଙ୍କ ଦ୍ୱାରା ଗୋପବନ୍ଧୁ ଶିଶୁ ନିବାସରେ ଛାତ୍ର, ଇରିଗେଶନ କୋଲନୀସ୍ଥିତ ଜରା ନିବାସ ଅନ୍ତେବାସୀ, ଉପକାରାଗାରରେ କଏଦୀଙ୍କୁ ମିଷ୍ଟାନ ବଣ୍ଟନ ଏବଂ ଜିଲା ଚିକିତ୍ସାଳୟରେ ରୋଗୀଙ୍କୁ ବିସ୍କୁଟ ଓ ଫଳ ବଣ୍ଟନ କରାଯାଇଥିଲା । ଏହି ଅବସରରେ ଏସ୍ଡିପିଓ ଟି.ଜେ.ରେଡ୍ଡି, ଡିଏସପି ସ୍ନେହାଶିଷ ସାହୁ, ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧି, ସଦର ଆଇଆଇସି କୈଳାସ ଚନ୍ଦ୍ର ସେଠୀ, ମହିଳା ଥାନା ଅଧିକାରୀ ସଞ୍ଜୁକ୍ତା ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ ।

**ସୁନାବେଡ଼ା**

ସୁନାବେଡ଼ା ହାଲ୍ ଷ୍ଟାଡ଼ିୟମରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ହାଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାଶିଷ ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠିତ ପରେଡ଼ରେ ଅଂଶଗ୍ରହଣ କରି ଏଡିଏଭି ହାଇସ୍କୁଲର ବାଳିକା ଦଳ ପ୍ରଥମ, ଭିଏସ୍ ବିଦ୍ୟାଳୟ ବାଳକ ଦଳ ଦ୍ୱିତୀୟ ଏବଂ ଟ୍ରେନିଂ ଆଣ୍ଡ ଡ଼େଭେଲୋପେମେଣ୍ଟ ସେଣ୍ଟର ବାଳିକା ଦଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ନିକିତା ଗୌଧୁରୀ ଶ୍ରେଷ୍ଠ କମାଣ୍ଡର ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଜେ.ଏମ୍ ସାହୁ, ହାଲ୍ ମହାପ୍ରବନ୍ଧକ ଆଶୁତୋଷ ମଲ୍ଲିକ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ବରିଷ୍ଠ ବର୍ଗରେ ଏଡିଏଭି ହାଇସ୍କୁଲର ପ୍ରକଳ୍ପ ପ୍ରଥମ, ଜୁନିୟର ବର୍ଗରେ ସେମିଳିଗୁଡ଼ା ଜୀବନଜ୍ୟୋତି କନ୍ଭେଣ୍ଟ ସ୍କୁଲ ପ୍ରକଳ୍ପ ପ୍ରଥମ ଏବଂ ସବ୍ଜୁନିୟର ବର୍ଗରେ ଭିଏସ୍ ବିଦ୍ୟାଳୟ ପ୍ରକଳ୍ପ ପ୍ରଥମ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଛନ୍ତି। ଅନ୍ୟାନ୍ୟ ସ୍ଥାନରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ପାଳନରେ ହେମନ୍ତ ସେଠ୍, ପ୍ରେମଲତା ଦାଶ, ଶ୍ରୀକାନ୍ତ ମହାପାତ୍ର, କେ. ଜେନା, ଶେଖ୍ ଇବ୍ରାହିମ୍ , ଚିନ୍ତାମଣି ପୃଷ୍ଟି, ଟି. ଆଲାମ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

**ଦଶମନ୍ତପୁର(ଡି.ଏନ୍.ଏ)**

ଆର୍କେ ମହାବିଦ୍ୟାଳୟର ସାଧାରଣତନ୍ତ୍ର ଦିବସ ପାଳନରେ ଅଧ୍ୟକ୍ଷ ତ୍ରିନାଥ ପାତିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ସରକାରୀ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୂ ଜାନି, ତହସିଲଦାର ଅଜୟ ପ୍ରକାଶ ତିର୍କୀ, ବାଣ୍ଡୁଆଗୁଡ଼ା ବିଦ୍ୟାଳୟରେ ଗୋବିନ୍ଦ ଗରଡ଼ା, ବିଜେଡି କାର୍ଯ୍ୟାଳୟରେ ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ବିଶୋଇ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ଏବିଡିଓ ରଜନୀକାନ୍ତ ଦାଶ ଉପସ୍ଥିତ ଥିଲେ।

**କୋଟପାଡ଼,(ଡି.ଏନ୍.ଏ)**

ଗାନ୍ଧିଛକ ନିକଟରେ ପାଳିତ ସାଧାରଣତନ୍ତ୍ର ଦିବସରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ଭୈରବ ପଡ଼ିଆରେ ତହସିଲଦାର ଭକ୍ତବନ୍ଧୁ ପଡ଼ିୟାରୀ ପତାକା ଉତ୍ତୋଳନ କରିଥିଲେ।





ତାଲୁକ୍ ଲିଗାଲ ସର୍ଭିସ୍ କମିଟିର ଆଇନ ସହାୟତା ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।



ଜିଲାସ୍ତରୀୟ ଆଲୁମନି ସମାବେଶରେ ମଞ୍ଚାସୀନ ଅତିଥି।



ବୈଠକରେ ସଂଘର କର୍ମକର୍ତ୍ତାମାନେ।

■ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ବୈଠକ

# ୨୦ ଦଫା ଦାବି ଗୃହୀତ

**ଜୟପୁର ୨୭।୧ (ନି.ପ୍ର.)**

ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ଜୟପୁର ଶାଖା ଅଫିସ ପ୍ରାଙ୍ଗଣରେ ସାଧାରଣସଭା ଅନୁଷ୍ଠିତ ହୋଇଛି। ଏଥିରେ ଗୋପୀନାଥ ମହାନ୍ତି ସଭାପତିତ୍ୱ କରିଥିଲେ। ସମ୍ପାଦକ ସୂର୍ଯ୍ୟନାରାୟଣ ଜାନି, ପୂର୍ବତନ ସଂପାଦକ ମୋହନ ଚନ୍ଦ୍ର ବେନିୟା, ଜଗଦୀଶ ତ୍ରିପାଠୀ, ଉପ ସଭାପତି ନନ୍ଦ କିଶୋର ସାହୁ ଉଦୟ ନାଥ ମହାରଣା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଦୁର୍ଗାପ୍ରସାଦ ପୂଜାରୀ, ଅଶୋକ ସାହୁ ଉପସ୍ଥିତ ଥିଲେ। ସାଧାରଣ ସଭାରେ ୭ ଦଫା ଦାବି ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସର୍ବନିମ୍ନ ଦରମା ୧୮ ହଜାର ଟଙ୍କାରୁ ୨୧ ହଜାର ଟଙ୍କାକୁ ବୃଦ୍ଧି, ବକେୟା ଦରମା ୬୦ ପ୍ରତିଶତ ମାର୍ଚ୍ଚ ମାସ ଶେଷ ସୁଦ୍ଧା ତୁରନ୍ତ ପ୍ରଦାନ, ମାଟ୍ରିକ ପାସ୍ କରିଥିବା ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ବିନା କଟକଣାରେ କନିଷ୍ଠ କିରାଣିକୁ ପଦୋନ୍ନତି, ୨୦୦୫ ମସିହା ପରଠାରୁ ନିଯୁକ୍ତି ପାଇ ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିମନ୍ତେ ପେନ୍ସନ ଲାଗୁ, ଘରଭଡ଼ା ବାବଦକୁ ୨୦ ପ୍ରତିଶତ ବୃଦ୍ଧି, ପ୍ରତ୍ୟେକ କାର୍ଯ୍ୟାଳୟରେ ଖାଲିଥିବା ଚତୁର୍ଥରେ ଶ୍ରେଣୀ ପଦବୀ ପୂରଣ ଏବଂ ଦରମା ସହିତ ୨୦ ପ୍ରତିଶତ ଚିକିତ୍ସାଭତ୍ତା ସଂଘ ଦାବି କରିଛି।

# ଆଦିବାସୀ ସଚେତନତା ସମାବେଶ

**ନନ୍ଦପୁର,୨୭।୧(ଡି.ଏନ.ଏ.)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ତାଇଁତର ଛକଠାରେ ଆଦିବାସୀ ସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣ ଚନ୍ଦ୍ର ନାୟକ ଓ ବଳଭଦ୍ର ଶିଶାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତଣ୍ଡା ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ କାର୍ତ୍ତିକ ଖେମୁଣ୍ଡୁ ,ହିଁକିମପୁଟ ପଞ୍ଚାୟତ ସମିତି ସଭ୍ୟ ଭଗବାନ ପେଟିଆ , ବିଶ୍ୱନାଥ ଶିଶା, ମୁକୁନ୍ଦ ହନ୍ତାଳ, ଲମତାପୁଟ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ସୋମନାଥ ମୁଦୁଲି, ନୀଳାମ୍ବର ବଡ଼ନାୟକ , ତ୍ରିଲୋଚନ ମୁଦୁଲି, ଭଗାନ ମୁଦୁଲି , ଭକ୍ତରାମ ମୁଦୁଲି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ୨୩ଟି ପଞ୍ଚାୟତ ସରପଞ୍ଚ, ପୂର୍ବତନ ସରପଞ୍ଚ ,ସମିତି ସଭ୍ୟ ଏବଂ ପୂର୍ବତନ ସମିତି ସଭ୍ୟ ଯୋଗଦେବା ସହ ୨ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ଏହି ସମାବେଶରେ ଉପସ୍ଥିତ ଥିଲେ। ଆଦିବାସୀଙ୍କୁ ଜାତିଗତ ପ୍ରମାଣପତ୍ର ଦେବା , ସରକାରଙ୍କ ସମସ୍ତ ଯୋଜନା ଆଦିବାସୀଙ୍କ ପାଖରେ ପହଞ୍ଚାଇବା, ନିଜର ଅଧିକାରଠାରୁ ବଞ୍ଚିତ ନ ହେବା, କୁସଂସ୍କାରଠାରୁ ଦୁରେଇ ରହିବା ଆଦି ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା।



ଆଦିବାସୀ ସଚେତନତା ସମାବେଶରେ ମଞ୍ଚାସୀନ ଅତିଥି।

# ତାଲୁକା ବାଣାୟତ ସମାଜର ଶାନ୍ତିସଭା

**ସେମିଳିଗୁଡ଼ା,୨୭।୧(ସ୍ୱ.ପ୍ର.)**

କୋରାପୁଟ ଜିଲା ସେମିଳିଗୁଡ଼ା ନନ୍ଦପୁର ନିକଟସ୍ଥ ଶିବ ମନ୍ଦିରରେ ନଖିଳ ଓଡ଼ିଆ ବାଣାୟତ ଓଡ଼ିଆ ସମାଜର ଦକ୍ଷିଣ ଓଡ଼ିଶା ରାଜ୍ୟ ସଂଯୋଜକ ରଞ୍ଜିତ ପ୍ରଧାନଙ୍କ ସଭାପତିତ୍ୱରେ ଶାନ୍ତିସଭା ଅନୁଷ୍ଠିତ ହୋଇଛି। ରାଜ୍ୟ ପରିଚାଳନା କମିଟି ସମ୍ପାଦକ ସୀମାଞ୍ଚଳ ପ୍ରଧାନ, ରାଜେନ୍ଦ୍ର ପୋଲାର, କେବିକେ ଓ ସୁନାବେଡା ତାଲୁକା ଅଞ୍ଚଳର ବରିଷ୍ଠ ସଦସ୍ୟ ଉପସ୍ଥିତ ଥାଇ ଖବରଦାତାଙ୍କ ପିତୃ ବିୟୋଗରେ ଏହି ସଭା ଅନୁଷ୍ଠିତ ହୋଇଛି। ଏଥିରେ ସେମିଳିଗୁଡା ଅଞ୍ଚଳ ବରିଷ୍ଠ ନାଗରିକ ସଂଘର ସଭାପତି କୃଷ୍ଣ ସିଂହ ଏବଂ ଖବରଦାତା ଦିଲୀପ ମହାନ୍ତି , ସନ୍ତୋଷ ପଲାଇ, ଭେଙ୍କେଟେଶ୍ୱର ରାଓ , ସୁନାମ ହନ୍ତାଳ ଯୋଗଦେଇଥିଲେ।



ଶାନ୍ତି ସଭାରେ ସାମିଲ ହୋଇଥିବା ସଦସ୍ୟମାନେ।

# ଯାଦବ ବିକାଶ ପରିଷଦ ଗଠନ ଦାବି

**ଜୟପୁର,୨୭।୧(ନି.ପ୍ର.)**

ଜୟପୁର ଦଶହରା ପଡ଼ିଆଠାରେ ଯାଦବଙ୍କ ସମାବେଶ ଅନୁଷ୍ଠିତ ହୋଇଛି । ଏହି ଜିଲାସ୍ତରୀୟ ଯାଦବ ମହାସଭାରେ ଉଦ୍ଘାଟକ ଭାବେ କୋରାପୁଟ ଏମ୍ପି ଝିନ୍ନ ହିକ୍କା, ନବରଙ୍ଗପୁର ଏମ୍ପି ବଳଭଦ୍ର ମାଝି , ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଅତିଥିଭାବେ ଉପସ୍ଥିତ ଥିଲେ । ଅଖିଳ ଭାରତ ଯାଦବ ମହାସଭା ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ, ଉତ୍କଳ ଯାଦବ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ମମତା ମଞ୍ଜରୀ ଥାପ୍ପା , ରମାକାନ୍ତ ରାଉଳ, ମହୋନ ଗୌଡ଼ ଯୋଗଦେଇଥିଲେ। କୋରାପୁଟ ଜିଲା ଯାଦବ କମିଟି ତରଫରୁ ଏହି ମହାସଭା ଆୟୋଜନ ହୋଇଥିବାବେଳେ ଏଥିରେ ସଭାପତି ମଦନ ମୋହନ ନାୟକ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବୁଲୁ ଗୌଡ଼, ଉପସଭାପତି ତଥା ଉପଦେଷ୍ଟା ପରମେଶ୍ୱର ପାତ୍ର, ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼ ମଞ୍ଚାସୀନ ଥିଲେ ଯାଦବଙ୍କ ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଅବିଭକ୍ତ କୋରାପୁଟ ଜିଲାର ବସବାସ କରୁଥିବା ଯାଦବଙ୍କୁ ଗିରିଜନ ମାନ୍ୟତା ପ୍ରଦାନ କରିବା, ବିଭିନ୍ନ ଜଙ୍ଗଲ ଜମିରେ ବଂଶାନୁକ୍ରମିକ ବସବାସ କରୁଥିବା ଯାଦବଙ୍କୁ ଉକ୍ତ ଜମିର ପଟ୍ଟା ପ୍ରଦାନ କରିବା, କେବିକେ ଜିଲାର ଗୌଡ଼ମାନଙ୍କ ଉନ୍ନତି ପାଇଁ ଯାଦବ ବିକାଶ ପରିଷଦ ଗଠନ କରିବା, ଶିକ୍ଷା ଓ ଚାକିରି କ୍ଷେତ୍ରରେ ଯାଦବଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା କରିବା, ଜାତିଭିତ୍ତିକ ଜନଗଣନା ରିପୋର୍ଟ ତୁରନ୍ତ ପ୍ରକାଶ କରିବା, ପଛୁଆବର୍ଗ ପାଇଁ ଥିବା ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ଓଡ଼ିଶାରେ କଡ଼ାକଡ଼ି ଲାଗୁ କରିବା ଆଦି ଦାବି ରହିଛି।





ସମାବେଶରେ ଜଣେ ଅତିଥି ଅଭିଭାଷଣ ପ୍ରଦାନ କରୁଛନ୍ତି।

# ଗାଁ ଗାଁରେ ଆଲୋକ ବ୍ୟବସ୍ଥା ଠପ୍

■ ଅଭିଯୋଗକୁ ବିଭାଗୀୟ ଅଧିକାରୀଙ୍କ ଅଣଦେଖା

■ ମାସାଧିକ କାଳ ଅନ୍ଧାରରେ କାଉଗୁଣ୍ଡା ଗ୍ରାମବାସୀ

**ପଟ୍ଟାଙ୍ଗି,୨୭।୧(ଡି.ଏନ.ଏ)**

ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ପରିବାରଙ୍କୁ ବିଦ୍ୟୁତ୍ ସେବା ଯୋଗାଇବା ଲକ୍ଷ୍ୟରେ ବିଜୁ ଗ୍ରାମ ଜ୍ୟୋତି, ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ, ପ୍ରଧାନମନ୍ତ୍ରୀ ସହଜ ହର୍ ଘର ବିଜୁଲି ଯୋଜନା (ସୌଭାଗ୍ୟ) ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର କରିଛନ୍ତି। ହେଲେ ଏହାର ବାସ୍ତବ ରୂପାୟନ ନେଇ ହିତାଧିକାରୀମାନେ ପ୍ରଶ୍ନ ଉଠାଇଛନ୍ତି। ହିତାଧିକାରୀମାନେ ଉପକୃତ ହେବା ତ ଦୂରର କଥା, କୌଣସି ସମୟରେ ବିଦ୍ୟୁତ୍ ସେବା ନେଇ ସମସ୍ୟାରେ ପଡ଼ିଲେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ଗାଙ୍ଗରାଜପୁର ପଞ୍ଚାୟତ କାଉଗୁଣ୍ଡା ଗ୍ରାମବାସୀ କହିଛନ୍ତି। ଉକ୍ତ ଗ୍ରାମରେ ୨୨ଟି ପରିବାର ବସବାସ କରୁଛନ୍ତି। ହିତାଧିକାରୀଙ୍କୁ ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି। କିନ୍ତୁ ଉକ୍ତ ସେବାରୁ ଗ୍ରାମବାସୀ ପ୍ରାୟ ଏକ ମାସ ଧରି ବଞ୍ଚିତ ହୋଇଥିବାବେଳେ ବିଲ୍ ପ୍ରତିମାସରେ ଆସୁଛି ବୋଲି ତାମାଲ ସୀମାଦ୍ରି , ଡିପାଲ ଶ୍ରୀନୁ , ଡିପାଲ ଜାମାନା , ଗେମେଲ ଲାଛନା , ତାମାଲ ସମୁଲୁ , ଗେମେଲ ସିତାନା , ତାମାଲ ଆପାନ୍ନା, ଡିପାଲ ଚିନ୍ନା ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏକ ମାସ ହେଲା ପୋଡ଼ିଯାଇଛି। ଏ ସମ୍ପର୍କରେ ବିଭାଗ କନିଷ୍ଠଯନ୍ତ୍ରୀଙ୍କୁ ଅବଗତ କରାଯାଇ ଥିଲେ ମଧ୍ୟ କୌଣସି ସମାଧାନ ଏଯାଏ ହୋଇନାହିଁ । କିନ୍ତୁ କନିଷ୍ଠଯନ୍ତ୍ରୀ ଗ୍ରାମବାସୀଙ୍କ ଅଭିଯୋଗକୁ ବାରମ୍ବାର ଅଣଦେଖା କରୁଥିବା ଜଣାପଡ଼ିଛି। ଗେମେଲ ଲାଛନା ପିତା ବଳଭଦ୍ରଙ୍କ ନାମରେ ଗ୍ରାମରେ କୌଣସି ବ୍ୟକ୍ତି ନ ଥିବାବେଳେ ଉକ୍ତ ନାଁରେ ପ୍ରତି ମାସରେ ୭,୨୮୪ ଟଙ୍କା ବିଲ୍ ଆସୁଛି। ୨୨ ବିଦ୍ୟୁତ୍ ଉପଭୋକ୍ତା ପରିବାରଙ୍କ ମଧ୍ୟରୁ ଏପରି ୧୮ ପରିବାରକୁ ପ୍ରତି ମାସରେ ବିଦ୍ୟୁତ୍ ବିଲ୍ ଆସୁଛି ବୋଲି ଗ୍ରାମବାସୀ କହିଛନ୍ତି।

ଏନେଇ ସ୍ଥାନୀୟ ବିଦ୍ୟୁତ୍ ବିଭାଗ କର୍ମଚାରୀ ଜିତେନ୍ଦ୍ର ସାସମଲଙ୍କୁ ପଚାରିବାରୁ ସେ ସମ୍ପର୍କରେ ମୁଁ କିଛି କହିପାରିବି ନାହିଁ, ଯାହା କରିବେ କନିଷ୍ଠଯନ୍ତ୍ରୀ ବୋଲି କହିଛନ୍ତି। ବିଭାଗର ସୁନାବେଡ଼ା ଏସଡିଓ ସଂଗ୍ରାମ ପଟ୍ଟନାୟକଙ୍କୁ ଯୋଗାଯୋଗ କରାଯିବାରୁ ଉକ୍ତ ଗ୍ରାମର ସମସ୍ୟା ନେଇ ଦାୟିତ୍ୱରେ ଥିବା ଯନ୍ତ୍ରୀ ତାଙ୍କ ନିକଟରେ କୌଣସି ରିପୋର୍ଟ ଦେଇନାହାନ୍ତି ବୋଲି କହିଛନ୍ତି।

ଏଠାରେ ସୂଚନାଥାଉ କି , ପଟ୍ଟାଙ୍ଗି ବ୍ଲକ୍ ଆନ୍ଧ୍ର ରାଜ୍ୟ ସୀମାନ୍ତବର୍ତ୍ତୀ ହୋଇଥିଲେ ମଧ୍ୟ ଏଠାରେ ବିଦ୍ୟୁତ୍ ବିଭାଗରେ ଦୀର୍ଘବର୍ଷ ହେଲା କନିଷ୍ଠଯନ୍ତ୍ରୀ ପଦବୀ ଖାଲିପଡ଼ିଛି । ସେମିଳିଗୁଡା ବ୍ଲକ୍ ଯନ୍ତ୍ରୀ ଏହାର ଦାୟିତ୍ୱରେ ଅଛନ୍ତି। ତାଙ୍କର ଉପରେ କାର୍ଯ୍ୟ ଚାପ ଥିବା ଯୋଗୁ ଉକ୍ତ ବ୍ଲକ୍ରେ ବିଦ୍ୟୁତ୍ ସମସ୍ୟା ଲାଗିରହୁଛି।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ 'ଦ ପ୍ରେସ୍ କ୍ଲବ୍ ଓଡ଼ିଶା'ରେ ରବିବାର ପୁରସ୍କୃତ ହୋଇଥିବା 'ଧରିତ୍ରୀ'ର ଡିସେମ୍ବର ମାସର ସେଲ୍‌ଫି କର୍ନର ବିଜେତାମାନେ



ଜଣେ ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି 'ଧରିତ୍ରୀ' ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ । ନିକଟରେ ଅଛନ୍ତି 'ଟେକ୍ ଆଡ୍ଡା'ର ପ୍ରଶାସନିକ ମୁଖ୍ୟ ଅରିଜିତ୍ ବୋଷ ଓ 'ଧରିତ୍ରୀ' ସମ୍ପାଦକ ତଥାଗତ ସତପଥୀ

# ସ୍ମାର୍ଟଫୋନ୍ ପାଇଲେ ବିଜେତା

**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**

ଧରିତ୍ରୀ ପକ୍ଷରୁ ଏହାର 'ସେଲ୍‌ଫି କର୍ନର' ବିଜେତାଙ୍କ ପାଇଁ ପୁରସ୍କାର ପ୍ରଦାନ ଉତ୍ସବ ରବିବାର ଦ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିସେମ୍ବର ମାସର ୩୧ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ପୁରସ୍କାର ବାବଦରେ ପ୍ରତି ବିଜେତାଙ୍କୁ 'ଟେକ୍ ଆଡ୍ଡା' ପକ୍ଷରୁ ଏକ ସ୍ମାର୍ଟ ଫୋନ୍ ପ୍ରଦାନ କରାଯାଇଥିଲା। ଏହା ସହ ଏୟାରଟେଲ ପକ୍ଷରୁ ଏକ ମାସର ଅନ୍‌ଲିମିଟେଡ୍ ଡାଟା ଓ ଅନ୍‌ଲିମିଟେଡ୍ କଲ୍ ଥିବା ଏକ ସିମ୍‌କାର୍ଡ ଦିଆଯାଇଥିଲା। ମଞ୍ଚରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, 'ଟେକ୍ ଆଡ୍ଡା'ର ପ୍ରଶାସନିକ ମୁଖ୍ୟ ଅରିଜିତ୍ ବୋଷ, ଓଡ଼ିଶା-ବିହାର-ଝାଡ଼ଖଣ୍ଡ ବିଜନେସ୍ ହେଡ୍ ସୁମିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଥିଲେ ଯେ, ପ୍ରତିଦିନ ଆମ ପାଖକୁ ବହୁ ସଂଖ୍ୟାରେ ସେଲ୍‌ଫି ଆସୁଛି। ସେଥିମଧ୍ୟରୁ କିଛି ସେଲ୍‌ଫି ଚୟନ କରାଯାଇ ପ୍ରକାଶ ପାଉଛି ଓ ସେଗୁଡ଼ିକ ମଧ୍ୟରୁ ଗୋଟିଏକୁ ବାଛି ବିଜେତା କରାଯାଉଛି। ତେଣୁ ଯେଉଁମାନେ ବିଜେତା ହୋଇଛନ୍ତି ସେମାନେ ଭାଗ୍ୟବାନ। 'ଧରିତ୍ରୀ' ପଢୁଥିବାରୁ ଧନ୍ୟବାଦ। ଏହିଭଳି ଆମ ସହିତ ଯୋଡ଼ି ହୋଇ ରହିଥାନ୍ତୁ ଏବଂ ଆମ ସହିତ ସମ୍ପର୍କ ବଢୁ ବୋଲି ସେ କହିଥିଲେ।

'ଟେକ୍ ଆଡ୍ଡା'ର ପ୍ରଶାସନିକ ମୁଖ୍ୟ ଅରିଜିତ୍ ବୋଷ କହିଥିଲେ, ଧରିତ୍ରୀ ସହ ଆମେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ହୋଇଥିବାରୁ ଗର୍ବ ଅନୁଭବ କରୁଛୁ। ଯୁବପିଢ଼ିଙ୍କ ନିକଟରେ ପହଞ୍ଚିବା ଲାଗି ଏହା ଏକ ଭଲ ମାଧ୍ୟମ ହୋଇପାରିଛି। ସେଲ୍‌ଫି କର୍ନର ଦ୍ୱାରା ଆମକୁ ଭଲ ରେସ୍‌ପନ୍ସ ମିଳୁଛି। 'ଟେକ୍ ଆଡ୍ଡା'ର ବିଜନେସ୍ ହେଡ୍ ସୁମିତ ପଟ୍ଟନାୟକ କହିଥିଲେ, ରାଜ୍ୟରେ ବର୍ତ୍ତମାନ କଟକ, ପୁରୀ ଏବଂ ଭୁବନେଶ୍ୱରରେ ଟେକ୍ ଆଡ୍ଡାର ୩ଟି ଷ୍ଟୋର ରହିଛି। ଏ ସମସ୍ତ ଜାଗାରେ ଆଉ ୨ଟି ଲେଖାଏ ଷ୍ଟୋର ଖୋଲିବାକୁ ଯୋଜନା କରୁଛୁ। ଅନ୍ୟମାନଙ୍କ ମଧ୍ୟରେ 'ଟେକ୍ ଆଡ୍ଡା'ର ଏରିଆ ସେଲ୍‌ସ ମ୍ୟାନେଜର ସଞ୍ଜୟ ବେହେରା, ରିଜିଓନାଲ ମାର୍କେଟିଂ ହେଡ୍ ଭରତ ଦାସ, ଏୟାରଟେଲ୍ ଓଡ଼ିଶାର ଏଓ ରିଷିକାନ୍ତ ବିଶ୍ୱାଳ, ଟିଏଲ୍ ଦେବକାନ୍ତ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍ସବକୁ ମନୋରଞ୍ଜନଧର୍ମୀ କରିବା ପାଇଁ ସ୍ୱତନ୍ତ୍ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଣ୍ଠଶିଳ୍ପୀ କାଜୋଲ ଓ ବିଭୁ ମନଛୁଆଁ ଓଡ଼ିଆ ଓ ହିନ୍ଦୀ ସଙ୍ଗୀତ ପରିବେଷଣ କରିଥିଲେ। ଉପସ୍ଥିତ ଶ୍ରୋତାମାନେ ଗୀତର ତାଳେ ତାଳେ ନାଚିବା ସହ ଭରପୂର ଉପଭୋଗ କରିଥିଲେ। ତେବେ ଏଥର କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ର‌୍ୟାମ୍ପ ଶୋ' ଆୟୋଜନ କରାଯାଇଥିଲା। ଏଥିରେ ମଡେଲ ଗୋଲ୍ଡି, ରଶ୍ମିତା, ଜସ୍ମିନ, ସନ୍ଧ୍ୟା, ସୌମ୍ୟା ମଞ୍ଚରେ ସେମାନଙ୍କ କମାଲ ଦେଖାଇଥିଲେ। ଡିଜେ ମ୍ୟୁଜିକ୍ ସହ ମଡେଲଙ୍କ କ୍ୟାଟ୍ ୱାକ୍ ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲା। କାର୍ଯ୍ୟକ୍ରମରେ ଶୋଭନା ମିଶ୍ର ମଞ୍ଚ ସଂଯୋଜନା କରିଥିଲେ।




ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି 'ଟେକ୍ ଆଡ୍ଡା'ର ପ୍ରଶାସନିକ ମୁଖ୍ୟ ଅରିଜିତ୍ ବୋଷ



କାର୍ଯ୍ୟକ୍ରମରେ 'ଏକ ନିଃଶ୍ୱାସରେ ସେଲ୍‌ଫି ସେଲ୍‌ଫି କହିବା ପ୍ରତିଯୋଗିତା' ବେଳର ଦୃଶ୍ୟ।




କଣ୍ଠଶିଳ୍ପୀ କାଜୋଲ ଓ ବିଭୁ



ଜଣେ ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି 'ଟେକ୍ ଆଡ୍ଡା'ର ବିଜନେସ୍ ହେଡ୍ ସୁମିତ ପଟ୍ଟନାୟକ





ହୃଦୟଛୁଆଁ ଗୀତର ତାଳେ ତାଳେ ନୃତ୍ୟରତ ସେଲ୍‌ଫି କର୍ନର ବିଜେତା ଓ ସେମାନଙ୍କ ସମ୍ପର୍କୀୟ



କାର୍ଯ୍ୟକ୍ରମରେ ଆୟୋଜିତ ର‌୍ୟାମ୍ପ ଶୋ'ରେ ରଶ୍ମିତା, ସୌମ୍ୟା, ଜସ୍ମିନ, ସନ୍ଧ୍ୟା ଓ ଗୋଲ୍ଡି

## ସଂକ୍ଷେପରେ

### ରାଇଘର ବିଡିଓ ସମ୍ମାନିତ

ନବରଙ୍ଗପୁର,ତା୨୭।୧(ବି.ପ୍ର): ଜାତୀୟ ଭୋଟର ଦିବସରେ ନବରଙ୍ଗପୁର ଜିଲା ରାଇଘର ବିଡିଓଙ୍କୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି । ଭୋଟର ତାଲିକା ସଂଯୋଗୀ କରଣ ଓ ଭୋଟର ତାଲିକାରେ ଭୋଟରଙ୍କ ଫଟୋ ସ୍ଥାନିତ କରିବା ନେଇ ରାଇଘର ବ୍ଲକର ଅଗ୍ରଣି ରହିଛି । ଏନେଇ ସମ୍ମାନିତ କରାଯାଇଛି ।

### କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ



ଚନ୍ଦାହାଣ୍ଡି,୨୭।୧(ଡି.ଏନ.ଏ): ଚନ୍ଦାହାଣ୍ଡି ବ୍ଲକ ପୁଜାରୀଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଗଣତନ୍ତ୍ର ଦିବସରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରକାର କ୍ରୀଡା କାର୍ଯ୍ୟକ୍ରମ କରାଯାଇଥିଲେ। ପ୍ରଧାନଶିକ୍ଷକ ଲକ୍ଷ୍ମଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଆରସିସି ବଳଭଦ୍ର ବିଶୋଇ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ପ୍ରଥମ ସଭାପତି ତଥା ସାମାଜିକ କର୍ମୀ ମାଧବ ବିଶୋଇ, ଖବରଦାତା ଦିଲୀପ ଦାସ, ପରିଚାଳନା କମିଟି ସଭାପତି ଚନ୍ଦ୍ରଶେଣା ପୁଜାରୀ, କୃପା ଜଗତ, କ୍ଷମାନିଧି ସାହୁ, ବାସୁଦେବ ଗୌଡ, ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ପରେ କ୍ରୀଡା କୌଶଳ ଦେଖାଇ ଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଚନ୍ଦ୍ରମଣି ସାମଲ, ମଞ୍ଜୁଶ୍ରୀ କର, ସନ୍ତୋଷ ଖମାରୀ, ବୃନ୍ଦାବତୀ ମାଝି, ତିଲୋଚନ ନାୟକ, ମଧୁସୂଚନ ମେହରା ପ୍ରମୁଖ ପରିଚାଳନା କରିଥିଲେ।



ଡାବୁଗାଁରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ଉମରକୋଟଠାରେ ଅତିଥି ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।

# ପଲ୍ଲୀରୁ ସହର ପର୍ଯ୍ୟନ୍ତ ସବୁଠି ଉଡିଲା ତ୍ରିରଙ୍ଗା

ଡାବୁଗାଁ/ଉମରକୋଟ/ପାପଡାହାଣ୍ଡି, ୨୭।୧(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ଭୁଜବଳ ମାଝୀ ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଶ୍ରେଷ୍ଠ ପରେଡ ଗ୍ରୁପ ବାଛିବା ପାଇଁ ଆଇଆଇସି ହିମାଂଶୁ ଭୂଷଣ ବେହେରା(ଓପିଏସ) ଜଜ୍ ଭାବେ ଦାୟିତ୍ୱରେ ରହିଥିଲେ । ସ୍କାଉଟ ଗ୍ରୁପ ପରେଡରେ ପ୍ରଥମ ହୋଇଥିବା ବେଳେ ବାପୁଜୀ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ଗ୍ରୁପ ରନର୍ସଅପ ହୋଇଥିଲେ । ପରେଡରେ ଶ୍ରେଷ୍ଠ କମାଣ୍ଡର ଭାବେ ଅନୁରାଗ ଦାସ ପୁରସ୍କୃତ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ଡାବୁଗାଁ ସରକାରୀ (ଏସ୍ଏସ୍ଡି) ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ସରସ୍ୱତୀ ଶିଶୁ ମନ୍ଦିର ୨ୟ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ନରସିଂହ ଗାଦବା, ଆଇଆଇସି ପ୍ରଭାତ କୁମାର ସେଠୀ,ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ମାଝୀ, ଏମପି ପ୍ରତିନିଧି ଏମ.ଆପ୍ପା ରାଓ, ଶିକ୍ଷକ ହେମନ୍ତ କୁମାର ସାମଲ,ବଲ୍ଲଭ ନାରାୟଣ ପଣ୍ଡା, ଜିତେନ୍ଦ୍ର କୁମାର ମାଝୀ ଯୋଗ ଦେଇଥିଲେ । ଶିକ୍ଷକ ବିଶ୍ୱଶେ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ । ଡାବୁଗାଁ ଖବରଦାତା ସଂଘ ପକ୍ଷରୁ ଗରୁଡଗୁଡା ଗ୍ରାମରେ ଥିବା ଶ୍ରୀ ଜଗନ୍ନାଥ ମାଝୀ ଅନ୍ଧ,ମୁକ ଓ ବଧିର ବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କୁ ବିସ୍କୁଟ, ମିଠା ଓ ଫଳ ବଣ୍ଟନ କରଯାଇଥିଲା। ସେହିପରି ଉମରକୋଟ ଡିଏନକେଠରେ ଥିବା ମିନି ଷ୍ଟାଡିୟମରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏଥିରେ ତହସିଲଦାର ଧର୍ମରାଜ ମାଝି ପତାକା ଉତ୍ତୋଳନ କରିଥିଲେ। ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭି.ପ୍ରସାଦ ରାଓ, ଅତିରିକ୍ତ ତହସିଲଦାର ଚିନ୍ମୟ ସାଗର, ଏସଡିପିଓ ହେମନ୍ତ କୁମାର ପାଢୀ, ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନାୟକ, କାରାଗର ଅଧକ୍ଷ ଗଣେଶ୍ୱର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସେହିପରି ପାପଡାହାଣ୍ଡି ବ୍ଲକରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଦଳେଇଗୁଡା ମିନି ଷ୍ଟାଡିୟମରେ ଜିଲା ଆଦିବାସୀ ବିକାଶ ପରିଷଦ ଅଧକ୍ଷ ମୋତିରାମ ନାୟକ ପତାକା ଉତ୍ତୋଳନ କରିଥିଲେ। ପରେଡରେ ସିନିଅର ବର୍ଗରେ ଲାଲ ବହାଦୁର ହାଇସ୍କୁଲ ସ୍କାଉଟ ପ୍ରଥମ, ଲାଲ ବହାଦୁର ହାଇସ୍କୁଲ ରେଡକ୍ରସ ଦ୍ୱିତୀୟ, ଡାଳିମ୍ବଦେଇ ମହାବିଦ୍ୟାଳୟ ତୃତୀୟ ହୋଇଥିବା ବେଳେ ଜୁନିୟର ବିଭାଗରେ ଆଦର୍ଶ ବିଦ୍ୟାଳୟ ପ୍ରଥମ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ୨ୟ , ଦଳେଇଗୁଡା ଆଶ୍ରମ ବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦଳେଇଗୁଡା ଆଶ୍ରମ ପ୍ରଥମ, ସରସ୍ୱତୀ ଶିଶୁ ମନ୍ଦିର ଦିତୀୟ ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ତୃତୀୟ ସ୍ଥାନ ପାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସେବତୀ ସାନ୍ତା, ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ଏବିଡିଓ ବିଶ୍ୱନାଥ ରାଉତ, ସୋମନାଥ ବିଷୋୟୀ, ଆଇଆଇସି ତାରିକ ଅହମ୍ମଦ, ଏବିଇଓ ବାଳକ ଦାସ ରନ୍ଧାରୀ, ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ଦାସ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ଉମରକୋଟ,୨୭।୧(ଡି.ଏନ.ଏ)

ନବରଙ୍ଗପୁର ଜିଲା ଉମରକୋଟ ଡିଏନକେ ମିନି ଷ୍ଟାଡିୟମରେ ସାଧାରଣତନ୍ତ୍ର ଦିବସ ଅବସରରେ ଜାତୀୟ ପତାକା ଅବତରଣ ବେଳେ ଏକ ଅଘଟଣ ଘଟିଛି। ଶନିବାର ସନ୍ଧ୍ୟାରେ ଜାତୀୟ ପତାକା ଉଡୁଥିବା ଖୁଣ୍ଟକୁ କାଢିବା ବେଳେ ଏହା ବିଦ୍ୟୁତ ସଂସ୍ପର୍ଶରେ ଆସିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କାଲୁ ହରିଜନ (୪୦)। ଜଣେ ସରକାରୀ କର୍ମଚାରୀଙ୍କ ସହ କାଲୁ ଜାତୀୟ ପତାକା ଅବତରଣ କରୁଥିଲେ। ପୋତା ଯାଇଥିବା ଲୁହା ଖୁଣ୍ଟକୁ କାଢୁଥିବା ବେଳେ ଏହା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯାଇଥିଲା। ଫଳରେ କାଲୁ ବିଦ୍ୟୁତ ଆଘାତରେ ଛିଟିକି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ ଡାକ୍ତରଖାନା ପରିସରରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ତହସିଲଦାର ଧର୍ମରାଜ ମାଝି ପହଞ୍ଚି ଶୋକ ସନ୍ତପ ପରିବାରକୁ ଭେଟି ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ଓ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୭୦ ହଜାର ଟଙ୍କା ଦିଆଯିବ ବୋଲି କହିଥିଲେ। ତଦନ୍ତ ପରେ କ୍ଷତିପୂରଣ ପାଇଁ ଯୋଗ୍ୟ ହେଲେ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ସ୍ଥାନୀୟ ବିଦ୍ୟୁତ ବିଭାଗର ଅଧିକାରୀ ଜଣାଇଛନ୍ତି।

## ଚାଷ ଜମି ପାଇଁ ସମ୍ପର୍କୀୟ ଭାଇକୁ ହତ୍ୟା

ଝରିଗାଁ,୨୭।୧(ସ୍ୱ.ପ୍ର)

■୪ ଦିନ ପରେ ଗଳିତ ଶବ ଉଦ୍ଧାର
■ମୁଖ୍ୟ ଅଭିଯୁକ୍ତ ସହ ୪ ଗିରଫ

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡଟେମରା ପଞ୍ଚାୟତ ଢେପଗୁଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଚାଷ ଜମି ହାତେଇବା ପାଇଁ ସମ୍ପର୍କୀୟ ବଡଭାଇଙ୍କୁ ହତ୍ୟା କରିଛି ଭାଇ। ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରିଛି ପୋଲିସ । ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛି।

ଢେପଗୁଡା ଗ୍ରାମର ଚନ୍ଦନ ଜାନୀ ଏବଂ ଭୁବନ ଜାନୀ ଉଭୟ ସମ୍ପର୍କୀୟ ଭାଇ। ଚାଷ ଜମିକୁ ଭାଗ ଚାଷ କରି ଦୁହେଁ ଫସଲ ଅମଳ କରିଥାନ୍ତି। କିନ୍ତୁ ଭୁବନ ଅଧିକ ଜମି ଚାଷ କରୁଥିଲେ। ଏପରିକି ସମସ୍ତ ଜମିକୁ ହାତେଇବା ନେଇ ଭୁବନ ସବୁ ସମୟରେ ଚନ୍ଦନ ସହ ଗଣ୍ଡଗୋଳ କରିବା ସହ ଜୀବନରେ ମାରିଦେବା ନେଇ ଧମକ ଦେଉଥିଲେ। ଭୁବନ ଜାନୀ ଏବଂ ତାଙ୍କ ଶାଳକ ଜଗନ୍ନାଥ ଜାନୀ ଚଳିତ ମାସ ୨୧ ତାରିଖ ସନ୍ଧ୍ୟାରେ ଚନ୍ଦନଙ୍କ ଘରକୁ ଆସି ଏକ କାଠ ଫାଳିଆରେ ମାଡ ମାରିଥିଲେ । ଏହା ଦେଖି ଚନ୍ଦନଙ୍କ ସ୍ତ୍ରୀ ମାଳତି ଜାନୀ ଛଡାଇଥିଲେ। ପରେ ସେମାନେ ସେଠାରୁ ଚାଲିଯାଇଥିଲେ। ମଙ୍ଗଳବାର ସକାଳେ ଚନ୍ଦନ ବଡଟେମରା ଗ୍ରାମରେ ରହୁଥିବା ତାଙ୍କ ବଡ ଶାଳକ ସମ୍ବାରୁ ଜାନୀଙ୍କ ଘର ଅଭିମୁଖେ ବାହାରିଥିଲେ । ସେହିଦିନ ଅପରାହ୍ନରେ ଭୁବନ ଏବଂ ତାଙ୍କ ସହଯୋଗୀ ମାନେ ବଡଟେମରା ଗ୍ରାମରେ ପହଞ୍ଚି ଚନ୍ଦନଙ୍କୁ ବଳପୂର୍ବକ ସେଠାରୁ ନେଇଯାଇଥିଲେ। ଚନ୍ଦନ ଘରକୁ ନ ଆସିବାରୁ ବୁଧବାର ମାଳତୀ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ଏ ସମ୍ପର୍କରେ ମାଳତୀ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଥାନାରେ ନଂ.୬/୧୯ରେ ଏକ ମାମଲ ପୋଲିସ ରୁଜୁ କରିଥିଲା। ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ, ଏସଆଇ ରାମ ଚନ୍ଦ୍ର ଅଗସ୍ତି ଘଟଣା ସ୍ଥଳରେ ପହଞ୍ଚିଥିଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳର ସହାୟତା ନେଇ ପୋଲିସ ତଦନ୍ତ କରିଥିଲା। ପ୍ରଥମେ ଭୁବନ ଓ ଜଗନ୍ନାଥଙ୍କୁ ପୋଲିସ ଅଟକ ରଖି ପଚୁରାଉଚୁରା କରିଥିଲା। ଚନ୍ଦନଙ୍କୁ ହତ୍ୟା କରାଯାଇଥିବା ପୋଲିସ ସେମାନଙ୍କ ଠାରୁ ଜାଣିବାକୁ ପାଇଥିଲା। ଶନିବାର ସକାଳେ ପୋଲିସ ଟିମ୍ ଢେପଗୁଡା ଗ୍ରାମରେ ପୁଣି ପହଞ୍ଚିଥିଲା। ହତ୍ୟାରେ ଜଡିତ ରହିଥିବା ଅନ୍ୟମାନଙ୍କୁ ପୋଲିସ ଗିରଫ କରିଥିଲା। ଚନ୍ଦନଙ୍କୁ ମଙ୍ଗଳବାର ଅପରାହ୍ନରେ ବେକରେ ରଶି ବାନ୍ଧି ଅଭିଯୁକ୍ତମାନେ ହତ୍ୟା କରିଥିଲେ। ପରେ ଢେପଗୁଡା ଗ୍ରାମ ଠାରୁ ପ୍ରାୟ ୨ କିମି ଦୂରରେ ରହିଥିବା ଦେବତା ଡଙ୍ଗର ପାହାଡ ନିକଟରେ ରହିଥିବା ବେସରା ନାଳ କଡରେ ଚନ୍ଦନଙ୍କୁ ରାତିରେ ପୋତି ଦେଇଥିଲେ ବୋଲି ଅଭିଯୁକ୍ତମାନେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ କହିଥିଲେ। ଘଟଣା ସ୍ଥଳରେ ମାଜିଷ୍ଟ୍ରେଟ୍ କ୍ଷମାନିଧି ଭୋଇଙ୍କ ସହ ପୋଲିସ ପହଞ୍ଚି ଚନ୍ଦନଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିଲା। ଚନ୍ଦନ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଭୁବନ ଜାନୀ(୩୦) ହୋଇଥିବା ବେଳେ ଜାଗନ୍ନାଥ ଜାନୀ(୨୦), ମୁକୁନ୍ଦ ଜାନୀ( ୨୩),ଭିମସେନ ଜାନୀ( ୧୯) ଏବଂ ଜଣେ ନାବାଳକ ସହଯୋଗ କରିଥିଲେ ବୋଲି ତଦନ୍ତ କାରୀ ଅଧିକାରୀ କହିଛନ୍ତି।



କ୍ରିକେଟ ମ୍ୟାଚ୍‌ରେ ସାମିଲ ହୋଇଥିବା ବ୍ଲକ କର୍ମଚାରୀ ଓ ଖବରଦାତାମାନେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ

ଝରିଗାଁ,୨୭।୧(ସ୍ୱ.ପ୍ର)

ଝରିଗାଁ ବ୍ଲକରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅଧ୍ୟକ୍ଷା ରମୁଲା ଗଣ୍ଡ, ତହସିଲରେ ତହସିଲଦାର କ୍ଷମାନିଧି ଭୋଇ, ଝରିଗାଁ ଥାନାରେ ଆଇଆଇସି ପ୍ରମୋଦ କୁମାର ନାୟକ, ଝରିଗାଁ ମହାବିଦ୍ୟାଳୟରେ ଅଧକ୍ଷ ଶିବ ପ୍ରସାଦ ପଟ୍ଟନାୟକ, ଝରିଗାଁ ହାଇସ୍କୁଲରେ ବିରେନ୍ଦ୍ର କୁମାର ପାଢୀ, ଝରିଗାଁ ବିଜେଡି କାର୍ଯ୍ୟାଳୟରେ ନରସିଂହ ଦଳେଇ, କଂଗ୍ରେସ କାର୍ଯ୍ୟାଳୟରେ ପଦ୍ମନାଭ ପାଣ୍ଡେ, ଭାଜପା କାର୍ଯ୍ୟାଳୟରେ ଜିଲା ସଭାପତି ଗୋବିନ୍ଦ ଜୈନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଝରିଗାଁ ହାଇସ୍କୁଲ ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ଝରିଗାଁ ବ୍ଲକ କର୍ମଚାରୀ ଓ ଝରିଗାଁ ବ୍ଲକ ସାମ୍ବାଦିକଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଆୟୋଜନ କରାଯାଇଥିଲା। ଏଥିରେ ସାମ୍ବାଦିକ –୧୧ ବିଜୟ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଡିଓ ଦେବେନ୍ଦ୍ର ସିଂ ଧୁରୁଆ, ଏବିଡିଓ ପ୍ରଫୁଲ କହଁର, ଏପିଇଓ ସମ୍ବିତ ମହାକୁଡ, ପ୍ରଧାନଶିକ୍ଷକ ବିରେନ୍ଦ୍ର କୁମାର ପାଢୀ ଅତିଥିଭାବେ ଯୋଗ ଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।ଏଥିରେ ଯନ୍ତ୍ରୀ ପ୍ରଶାନ୍ତ, ସୁନିଲ ସାମଲ, ପାର୍ଥଜିତ ମଣ୍ଡଳ, ସମ୍ବିତ ମହାକୁଡ ପ୍ରମୁଖ ସହଯୋଗ କରିଥିଲେ। ଅମ୍ପାୟାର ଭାବେ ମଦନ ସାମଲ, ଭାଷାକାର ଅଭୟ ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଥିଲେ। ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ ଭାବେ ବବଲୁ ପାଣ୍ଡେ ଏବଂ ଶ୍ରେଷ୍ଠ ବୋଲର ଭାବେ ଶ୍ରୀଧର ମାଟିଆ, ଅଲରାଉଣ୍ଡର କୈଳାଶ ଗୌଡ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇ ବିଜୟୀ ସାମ୍ବାଦିକ–୧୧କୁ ସିଲ ଦେଇ ସମ୍ମାନିତ କରାଯାଇଥିଲା।

## ଜିଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳିତ

ନବରଙ୍ଗପୁର,୨୭।୧(ବି.ପ୍ର)

କ୍ଷୁଦ୍ରଜଳସେଚନ ବିଭାଗ ପକ୍ଷରୁ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି ।ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅଜିତ କୁମାର ମିଶ୍ର ଯୋଗଦେଇ ପାଣି ପଞ୍ଚାୟତ ପାଳନର ଆବଶ୍ୟକତା ସମ୍ପର୍କରେ କହିଥିଲେ । ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯିବା ଓ ଏହାର ଲାଭ କିପରି ପାଇ ପାରିବେ ତାହା ଗୁରୁତ୍ୱ ଦେଇଥିଲେ । ଯୋଜନାକୁ ଜାଣିବା ଓ ସହଭାଗିତା ପାଇଁ କହିଥିଲେ । ଭୂ–ତଳ ଜଳ କମି ଆସୁଥିବାବେଳେ ଏହାର ସଂରକ୍ଷଣର ଆବଶ୍ୟକତା ଗୁରୁତ୍ୱ ଦେଇଥିଲେ । ଜିଲାରେ ଜଳସେଚନ ପ୍ରାୟ ୨୮ ପ୍ରତିଶତ ରହିଥିବାବେଳେ ଏହାକୁ କିଭଳି ଅଧିକ ବୃଦ୍ଧି କରାଯାଇ ପାରିବ ସେଥିପ୍ରତି ପଦକ୍ଷେପ ନିଆଯାଉଛି । ଇନ୍ଦ୍ରାବତୀ ଜଳଭଣ୍ଡାରର ପାଣି ଅନ୍ୟ ଜିଲାକୁ ଚାଲିଯାଇଥିବାବେଳେ ଏହାଦ୍ୱାରା ଜିଲାର ଚାଷୀ ସଠିକ ପାଣି ପାଇ ପାରୁନାହାନ୍ତି । ଜଳବାୟୁ ପରିବର୍ତ୍ତନ ହୋଇଥିବାବେଳେ ଜଳପରିଚାଳନା କରାନଗଲେ ଆଗାମୀ ୨୦ବର୍ଷ ପରେ ଜଳ ପାଇଁ ଗଣ୍ଡଗୋଳ ହେବା ସୁନିଶ୍ଚିତ ବୋଲି କହିଥିଲେ । ଚାଷ ପାଇଁ ଆବଶ୍ୟକ ଜଳ ମଧ୍ୟ ମିଳିବା କଷ୍ଟକର ହୋଇଯିବ। ଏମଜିଏନଆରଇଜିଏସ, ମାଇକ୍ରୋ ଜଳପ୍ରକଳ୍ପର କାର୍ଯ୍ୟକାରିତା ଉପରେ ଗୁରତ୍ୱ ଦେଇଥିଲେ । ରାଜ୍ୟ ଓ କେନ୍ଦ୍ରସରକାରଙ୍କ ସମସ୍ତ ଯୋଜନା ଭଲଭାବେ କାର୍ଯ୍ୟକାରୀ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା ଚାଷ ଓ ଚାଷୀର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ଏଥିରେ ବିଭାଗୀୟ ନିର୍ବାହୀଯନ୍ତ୍ରୀ ଇଂ.ସୁରେଶ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ପ୍ରଦାନ କରି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ । ଅନ୍ୟମାନଙ୍କର ମଧ୍ୟରେ ଜିଲା କୃଷି ଅଧିକାରୀ ଦେବ ପ୍ରସାଦ ଦାଶ, ଉପ ଉଦ୍ୟାନ ନିର୍ଦ୍ଦେଶକ ଗୋପାଳ ଚନ୍ଦ୍ର ମଣ୍ଡଳ, ଜିଲା ମତ୍ସ୍ୟ ଅଧିକାରୀ କୁମାର ମାରାଣ୍ଡି ପ୍ରମୁଖ ଯୋଗଦେଇ ପାଣି ପଞ୍ଚାୟତ, ଜଳପରିଚାଳନା ଓ ଜଳସଂରକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

**OFFICE OF THE NOTIFIED AREA COUNCIL, DASPALLA**
At/Po - Daspalla, Dist. - Nayagarh,
Ph. 06757-220005, e-Mail: nacdaspalla@gmail.com
Letter No. 233 Date. 24.01.2019

**QUOTATION CALL NOTICE**

Sealed quotations are invited from reputed Manufacturer/ Supplier/ Agency having valid registration certificate, up to date Tax Clearance Certificate , GST, TRIN Certificate PAN card, valid Dealership Certificate and fulfilling eligibility criteria for participation in this quotation for supply of following sanitation material. The quoted rates should remain valid for one year. The quotations should be accompanied by a DD for Rs. 20,000/- (Rupees Twenty Thousand) only in favor of Executive Officer, NAC, Daspalla payable at Daspalla as security Deposit which shall be refunded in case of unsuccessful bidders. The rates should be quoted in both figures & words which should be inclusive of all taxes and freight Bidders are free to participate in any no. of items of the quotation subject to fulfilling eligibility criteria.

| Sl. No. | Particulars of Materials | Unit | Brand / Make | Warranty | Quoted Rate (in Rs.) | |
|---|---|---|---|---|---|---|
| | | | | | In Figure | In Words |
| 1 | Bleaching Powder | Per 25 kg Bag | | | | |
| 2 | Black Phenyle | Per Ltr | | | | |
| 3 | White Phenyle | Per Ltr | | | | |
| 4 | 600Ltr, 100% virgin plastic with UV protected Material: - HDPE Garbage bin | Each | | | | |
| 5 | Tri Cycle with 18mm gauge M.S. Sheet fabrication trolley box for cleaning size 2 1/2 x 3 fit width, depth of 2 1/2 fit & using 35mm X 5 mm Angle mounted including all fitting & fixing wheels, colouring complete. | Each | | | | |
| 6 | Wheel barrow made with 18 mm gauge M.S. Sheet with 36" x 24" x 12" bucket size and 8" polymate heavy duty wheel fitting complete. | Each | | | | |
| 7 | 240 Ltr. Polymer garbage bin with 100% virgin plastic with UV protected. Material:- HDPE | Each | | | | |
| 8 | Polymer twin hanging outdoor garbage bin fitted with M.S. angle movable including cost, conveyance, fitting fixing | Set | | | | |

Completed & filled quotations accompanied with security deposit & all required documents should reach Daspalla NAC, (P.O) Daspalla, ist- Nayagarh, Odisha, Pin- 752084 on or before 12:00 P.M of 07,02.2019 through Registered Post/Speed Post which shall be opened at 4:00 P.M on the same day in presence of the bidders or their authorized agents. If the opening day happen to be a holiday on any account, then the next working day will be treated as the last date of receipt and opening of the same, Authority reserves all right to accept or reject any or all quotation and will bear no responsibility consequent upon such decision,

**TERM AMD CONDITION**

1. Security deposit of Rs.20.000/- (Rupees Twenty Thousand)only in shape of DD in favour of Executive Officer, NAC, Daspalla payable at Daspalla.
2. In case of Dustbin only dealers are entitled to participate and original copy of dealership certificate should be produced when required by the Tender Committee.
3. Warranty against items should clearly be mentioned against them.
4. Bidders should enclose affidavit declaring that they had never been blacklisted by any agency / office for violating supply order conditions before.
5. Previous experience / supply order copy should be produced.
6. Bidders are free to participate in any number of items but security deposit would be the same,
7. Rates would be valid for one calendar year and no enhancement would be entertained during this duration.
8. Rates should be inclusive of GST, all taxes, freight etc.
9. Authority reserves all right to impose / alter any condition.
10. Factory price applicable list against items should be enclosed.
11. The bidder should provide mail ID and contact No.
12. If defect is detected than the bidder would have to abide by the decision of the office on this score.
13. The decision of the tender committee is final.
14. For bidders against dustbin solvency to the tune of Rs.20,00,000/- (Rupees Twenty Lakh) only should be produced (SI No.4, 7 & 8).
15. The bidder shall quote their rate including freight at Daspalla NAC office premises within 7 days from the date of issue of order at his own risk and cost.
16. The sealed quotation documents should reach the office of the Executive Officer, Daspalla NAC on or before dt.07/02/2019 by 12:00 Noon positively. The authority will not be responsible for any delay for non receipt of quotation documents in time.
17. The contract is valid for one financial year only.
18. The dealer / Manufacturer of Nilkamal, Supreme and Syntex brands are only allowed to participate in this quotation against supply item of Dustbin (SI No.4, 7 & 8).

**Sd./- Executive Officer, N.A.C, Daspalla**

**GOVERNMENT OF ODISHA, e-PROCUREMENT NOTICE**
**OFFICE OF THE NOTIFIED AREA COUNCIL, BALLIGUDA**
**TENDER CALL NOTICE**
**No 171 /24.01.2019, E-mail: eonacballiguda@yahoo.in**
**Bid Identification No. EO_BLG.N_06_2018-19**

The Executive Officer, NAC, Balliguda, Dist - Kandhamal inviting percentage rate bid in online mode for the works as detailed in the table from eligible contractors for civil work as detailed in the table below:

| | | | |
|---|---|---|---|
| 1 | Name of Work | | As per DTCN |
| 2 | No of Work | | 8 |
| 3 | Tender Cost | | Rs. 2.5 Lakhs |
| 4 | Class of Contractor | | C& equivalent |
| 5 | Period & time of completion | | 2 (Two) Calendar Months |
| 6 | Available of Bid Document in the website | | From Dt 25.01.2019, 03.00 P.M to Dt 01.02.2019 upto 5.00 PM |
| 7 | Date of opening of Bid | : | Dt. 02.02.2019 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website. | | |

**Sd./- Executive Officer, NAC, Balliguda**

**OFFICE OF THE EXECUTIVE ENGINEER**
**RWS & S DIVISION, BARGARH**
Email :- eerwss_bgh@.nic.in, Ph (O):-06646 233220, FAX :- 06646 234626
No 195 Dt. 19.01.2019

**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No 16 Dt 19 .01.2019 of 2018-19**

No.1463-O: The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of Class 'B 'or 'A' registered with any department of State Government or equivalent class of Central Govt.etc. to be eventually drawn up in G2 Contract form as per terms and condition noted below.

1. Name of the work :- Execution of different RPW/S Schemes under Bargarh District - 14 Nos.
2. Approx. Estimated cost :- **Varies from Rs. 50.75 lakhs to Rs. 87.80 Lakhs**
3. Date and time of availability of document in the portal :- **Dt 30.01.2019 to Dt 13.02.2019 upto 5.00 P.M**
4. Last date/ time for receipt of bids in the portal :- **Dt 13.02.2019 up to 5.00 P.M**
5. Date & time of Opening of Tender :- **Dt 14.02.2019 at 11.00 A.M.**
6. Name and address of the Officer Inviting Bid :- Executive Engineer, RWS&S Division, Bargarh, District :- Bargarh

Further details can be seen from the e-procurement portal **"http//tendersorissa.gov.in"**.

The authority reserves the right to reject any or all the tenders without assigning any reason thereof.

**Executive Engineer,**
25157/11/0035/1819 **RWS&S Division, Bargarh**

DISTRICT PROJECT OFFICE
RTE-SSA, JAGATSINGHPUR
File No.01/Ped/19
Notice No.198/Ped/19 Date: 25.01.19

**TENDER CALL NOTICE FOR PRINTING PACKING AND SUPPLY OF CHILD REPORT CARD 2018-19 PERTAINING TO CLASS-I TO VIII**

Sealed tenders are invited in the prescribed format from reputed Offset printing firms having upto date DIC, OSIC, NSIC, TAN / PAN, GST registration certificate for printing, packing and supply of Child Report Card 2019 pertaining to Class-I to Class-VIII in respect of all Govt. & Govt. Aided., Prmary & Upper Primary schools of Jagatsinghpur District. Tender should be submitted abiding by the terms and conditions as specified in the detailed tender call notice. The detailed specification along with term and conditions can be obtained from the District website i.e. **http://www.jagatsinghpur.nic.in** and OPEPA website **http://www.opepa.in**. Bidders are to submit their bid document in prescribed format in the envelope duly marked. "Tender for printing, packing and supply of Child Report Card, 2018-19. The last date and time for submission of tender paper is on **06.02.2019 at 05 PM** (except holidays) in the District Project Office, SSA, Jagatsinghpur.

The bid will be opened **on 07.02.2019 at 03 PM** in the Office Chamber of Collector-cum-Chairperson, RTE-SSA, Jagatsinghpur, where the bidder or his authorized representative or agent shall attend at the time of finalization of bid. The authority reserves the right to accept / reject in full / part of any quotation without assigning any reason thereof.

The details is also available in NIC website **www.jagatsinghpur.nic.in**.

By Order of Collector-cum-Chairperson
**Sd./- District Project Coordinator**
**RTE-SSA, Jagatsinghpur**

# ସ୍ୱାସ୍ଥ୍ୟ ଓ ସନ୍ତୋଷଜନକ ଜୀବନଶୈଳୀ



ଡା. ଅନନ୍ତ କୁମାର ଆଚାର୍ଯ୍ୟ



**ଖାଦ୍ୟ ପଦାର୍ଥକୁ ଖୁବ୍‌ଶୀଘ୍ର ବା ବହୁତ ଧୀରେ ଖାଇବା ଉଚିତ ନୁହେଁ । ଗପସପରେ ମଜି ରହି, ହସିହସି ବା ଟେଲିଭିଜନ ଦେଖି ଖାଇବା ଉଚିତ ନୁହେଁ । ଭୋଜନ ପ୍ରାରମ୍ଭରେ ମଧୁର ରସଯୁକ୍ତ ଖାଦ୍ୟ, ମଧ୍ୟଭାଗରେ ଲବଣ ଓ ଅମ୍ଳ ରସଯୁକ୍ତ ଖାଦ୍ୟ ଏବଂ ଶେଷରେ ପିତା–କଷା ରସଯୁକ୍ତ ଖାଦ୍ୟ ଗ୍ରହଣ ବିଧେୟ। ଖାଇବାର ୧୫ ମିନିଟ୍ ପୂର୍ବ ଓ ଖାଇବାର ୧୫ ମିନିଟ୍ ପରବର୍ତ୍ତୀ ସମୟ ମଧ୍ୟରେ ପାଣି ପିଇବା ଉଚିତ ନୁହେଁ ...**





ଆୟୁର୍ବେଦ ଏକ ପ୍ରାଚୀନ ଜୀବନ–ବିଜ୍ଞାନ, ଯାହା ସମୁଚିତ ଆହାର ତଥା ଜୀବନଶୈଳୀ ମାଧ୍ୟମରେ ସ୍ୱାସ୍ଥ୍ୟ ସଂରକ୍ଷଣ, ରୋଗ ପ୍ରତିରୋଧ ତଥା ଚିକିତ୍ସା ମାଧ୍ୟମ ଦ୍ୱାରା ରୋଗର ଉପଚାରକୁ ମହତ୍ତ୍ୱ ପ୍ରଦାନ କରେ । ଆୟୁର୍ବେଦ ଚିକିତ୍ସା ଅନୁସାରେ ସୁସ୍ଥ ଜୀବନପ୍ରାପ୍ତି ନିମିତ୍ତ ଦୈନନ୍ଦିନ ଜୀବନଶୈଳୀ ବିଶଦ ଭାବେ ବର୍ଣ୍ଣନା କରାଯାଇଛି ।

**ପ୍ରାତରୁତ୍ଥାନ (ସକାଳୁ ଉଠିବା):** ସୂର୍ଯ୍ୟୋଦୟ ଦୁଇଘଣ୍ଟା ପୂର୍ବରୁ (ବ୍ରାହ୍ମ ମୁହୂର୍ତ୍ତ) ଶଯ୍ୟାତ୍ୟାଗ କରି ପ୍ରତିଦିନର କାର୍ଯ୍ୟକୁ ସାମ୍ନା କରିବାକୁ ନିଜକୁ ପ୍ରସ୍ତୁତ ରଖିବାକୁ ହୁଏ। ଏହି ସମୟରେ ବାୟୁମଣ୍ଡଳ ପ୍ରଦୂଷଣମୁକ୍ତ ଥାଏ । ଫଳରେ ଆମକୁ ଅଧିକ ଅମ୍ଳଜାନ ମିଳେ । ଏହାଛଡା ଏହି ସମୟରେ ଶରୀରରେ କେତେକ ରାସାୟନିକ ପଦାର୍ଥ ଉତ୍ପନ୍ନ ହୁଏ, ଯଦ୍ଦ୍ୱାରା ଶାରୀରିକ ଶକ୍ତି ଓ ମାନସିକ ସ୍ମୃତି ଉତ୍ପନ୍ନ ହୁଏ ।

**ଉଷଃପାନ (ସକାଳେ ପାଣି ପିଇବା):** ଶଯ୍ୟା ତ୍ୟାଗ ପରେ ହାତ ପାଦ ମୁହଁ ଧୋଇଲା ପରେ ମାଟିପାତ୍ର ବା ତମ୍ବାପାତ୍ରରେ ଥିବା ସାଧାପାଣି/ ସାମାନ୍ୟ ଉଷୁମ ପାଣି ୪ ଅଳି (ପ୍ରାୟତଃ ୭୫୦ମି.ଲି.) ମାତ୍ରାରେ ପିଇବା ଉଚିତ। ଏହା ଦ୍ୱାରା ଅନ୍ତ୍ରର ପୁରଃସରଣ ଗତି ସକ୍ରିୟ କରି ମଳ ତଥା ମୂତ୍ରର ନିଷ୍କ୍ରମଣ ସୁଗମ କରାଏ ଏବଂ ପାଚନ ଶକ୍ତି ବୃଦ୍ଧି କରାଇ ପେଟରୋଗ ନାଶ କରେ ।

**ମଳମୂତ୍ର ତ୍ୟାଗ :** ପ୍ରାତଃ କାଳରେ ନିୟମିତ ମଳମୂତ୍ର ତ୍ୟାଗର ପ୍ରବୃତ୍ତି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ମଳମୂତ୍ର ପରି ପ୍ରାକୃତିକ ବେଗକୁ ପ୍ରତିରୋଧ କଲେ ଅନେକ ରୋଗ ଉପୁଜିଥାଏ।

**ଦନ୍ତଧାବନ ଓ ଜିହ୍ୱାନିର୍ଲେଖନ (ଦାନ୍ତ ଘଷିବା ଓ ଜିଭ ସଫା କରିବା) :** ମଳତ୍ୟାଗ ପରେ ହାତ ପାଦକୁ ଭଲ ଭାବରେ ସଫା କରିବା ପରେ ଦାନ୍ତ ଘଷିବା ଉଚିତ। ଅଇଁଠା ପ୍ଲାଷ୍ଟିକ ବ୍ରସ୍‌କୁ ପ୍ରତିଦିନ ପାଟିରେ ପୂରାଇ ଦାନ୍ତ ଘଷିବା ଅପେକ୍ଷା ମହୁଲ, କର, ନିମ୍ବ, ଖଇର, ବର, ଅସନ, ଅପମାର୍ଗ, ଅର୍ଜୁନ ଦାନ୍ତକାଠି ବ୍ୟବହାର କରିବା ଉଚିତ। ବ୍ରସ୍‌କୁ ପ୍ରତିଦିନ ପାଣିରେ ଫୁଟାଇ ବ୍ୟବହାର କରିବା ଉଚିତ। ଦାନ୍ତସଫା ନିମିତ୍ତ ତ୍ରିଫଳା ଚୂର୍ଣ୍ଣ ବା ତ୍ରିକଟୁ (ଶୁଣ୍ଠି, ପିପ୍ପଳି, ଗୋଲମରିଚ) ଚୂର୍ଣ୍ଣ ବ୍ୟବହାର କରିବା ଉଚିତ। ଦାନ୍ତ ଘଷିବା ଦ୍ୱାରା ଦାନ୍ତ ରୋଗ ହୁଏନାହିଁ ଓ ଖାଦ୍ୟ ପ୍ରତି ରୁଚି ଆସେ। ଦାନ୍ତ ଘଷିବା ପରେ ଲୁଣପାଣିରେ କୁଳି (କବଳ) କରିବା ଦ୍ୱାରା ଦାନ୍ତମାଢ଼ି, ମୁଖମଣ୍ଡଳ ଓ ଗଳା ସୁସ୍ଥ ରହେ।

**ନସ୍ୟକର୍ମ:** ପ୍ରତିଦିନ ସକାଳେ ନିୟମିତ ପ୍ରତ୍ୟେକ ନାକପୁଡାରେ ୩–୫ ବୁନ୍ଦା ରାଶିତେଲ, ଘିଅ ବା ଅଣୁତେଲ ପରି ଔଷଧୀୟ ତେଲ ପକାଇ ଗ୍ରହଣ କରିବା ଉଚିତ। ଏହାକୁ ନସ୍ୟକର୍ମ କହନ୍ତି। ଏହାଦ୍ୱାରା ଆଖି, କାନ, ନାକ, କାନ୍ଧ, ମୁଣ୍ଡ ଓ କେଶ ସୁସ୍ଥ ରହେ । ମୁହଁର ଚର୍ମ ସଙ୍କୋଚ, କେଶ ଉପୁଡ଼ିବା, କେଶ ପାଚିବା, ଚନ୍ଦା ହେବା ଦୂରହୁଏ। ମୁଣ୍ଡବ୍ୟଥା, ପକ୍ଷାଘାତ, ମାନସିକ ବିକାର, ଚର୍ମରୋଗ ଉପଶମ ହୁଏ, ଦାନ୍ତ ସୁଦୃଢ଼ ହୁଏ ଓ ଦୃଷ୍ଟିଶକ୍ତି ବୃଦ୍ଧିପାଏ ତଥା ଶାରୀରିକ କ୍ଳାନ୍ତି ଦୂର ହୁଏ ।

**ଗଣ୍ଡୁଷଧାରଣ (ପାଟିରେ ତରଳପଦାର୍ଥ ଧାରଣ):** ଔଷଧ ଦ୍ରବ୍ୟ ଦ୍ୱାରା ସିଦ୍ଧ ଉଷ୍ଣପାଣି ବା ଥଣ୍ଡାପାଣି, ରାଶିତେଲ, ସୋରିଷ ତେଲ, ଘିଅ, ଥଣ୍ଡାକ୍ଷୀର, ମହୁ କିମ୍ବା ମହୁମିଶ୍ରିତ ଜଳକୁ ପାଟି ମଧ୍ୟରେ ଭରି ରଖିବାକୁ ଗଣ୍ଡୁଷଧାରଣ କହନ୍ତି । ଆଖି, ନାକରୁ ପାଣି ବାହାରିବା ପର୍ଯ୍ୟନ୍ତ ଏହାକୁ ଧାରଣ କରାଯାଏ । ଏହା ଇନ୍ଦ୍ରିୟମାନଙ୍କର କ୍ଷମତାକୁ ବଢ଼ାଏ। ମୁଖମଣ୍ଡଳର ଚର୍ମ ସଙ୍କୋଚ ନାଶକରେ ; କେଶ ପକ୍ୱତା ବିଳମ୍ବରେ ହୁଏ, ଆଖି ଚାରିପାଖରେ କଳାଦାଗ ଦୂରହୁଏ । ମୁଖମଣ୍ଡଳର ଶୁଷ୍କତା, ପାଟିଘାଆ, ମୁଖରୋଗ, ଦନ୍ତହର୍ଷ, ଅରୁଚି, ଗଳାଦରଜ, ଗଳା କର୍କଶ ନାଶ ହୁଏ ।

**ତେଲମାଲିସ୍ (ଅଭ୍ୟଙ୍ଗ) :** ଗଣ୍ଡୁଷଧାରଣ ପରେ ସମଗ୍ର ଶରୀରରେ ବିଶେଷତଃ ମୁଣ୍ଡ, କାନ ଓ ପାଦରେ ରାଶିତେଲ/ ସୋରିଷତେଲ/ ନଡ଼ିଆତେଲ ଅଥବା ଔଷଧୀୟ ତେଲ ମାଲିସ କରିବା ଉଚିତ। ଏହାଦ୍ୱାରା ଚର୍ମ ଓ ମାଂସପେଶୀରେ ମୃଦୁତା ଓ ସ୍ନିଗ୍ଧତା ବଢ଼େ। ହାଡ଼ଗଣ୍ଠିରେ ନମନୀୟତା ଏବଂ ଶରୀରରେ ରକ୍ତ ସଞ୍ଚାଳନ ବୃଦ୍ଧି ଘଟେ। ମୁଣ୍ଡ ଓ ମସ୍ତିଷ୍କର ଶକ୍ତି ବଢ଼ାଏ କେଶକୁ କଳା, ଦୀର୍ଘ ଓ ମଜବୁତ ରଖେ । ଶ୍ରବଣଶକ୍ତି ବୃଦ୍ଧି, ଉତ୍ତମ ନିଦ୍ରା ତଥା ସ୍ୱାସ୍ଥ୍ୟରକ୍ଷା କରିବାରେ ଏହା ସହାୟକ ହୋଇଥାଏ ।

**ବ୍ୟାୟାମ :** ସୁସ୍ଥ ରହିବା ପାଇଁ ବିଶେଷ ରୂପେ ବସନ୍ତ ଓ ଶୀତଋତୁରେ ନିୟମିତ ବ୍ୟାୟାମ କରିବା ଉଚିତ। ମୁହଁରେ ଶୁଷ୍କତା ତଥା ଲଲାଟ ଓ କାଖରୁ ଝାଳ ବାହାରିବା ପର୍ଯ୍ୟନ୍ତ ବ୍ୟାୟାମ କରିବା ଉଚିତ। ଏହି ବ୍ୟାୟାମରେ ଯେକୌଣସି ଶାରୀରିକ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରାଯାଏ । ବ୍ୟାୟାମ ଦ୍ୱାରା ଫୁସ୍‌ଫୁସ୍‌ରେ ଦକ୍ଷତା, ରକ୍ତସଞ୍ଚାଳନ ବୃଦ୍ଧି ଏବଂ ରୋଗ ପ୍ରତିରୋଧକ ଶକ୍ତି, ପାଚନ ଶକ୍ତି, ଇନ୍ଦ୍ରିୟ କ୍ଷମତା ଓ ସ୍ମରଣ ଶକ୍ତି ବୃଦ୍ଧି ପାଏ । କାଶ, ଯକ୍ଷ୍ମା, ହୃଦ୍‌ରୋଗ ପରି ରୋଗ ଥିଲେ ଏବଂ ଗ୍ରୀଷ୍ମ/ବର୍ଷାଋତୁ ସମୟରେ ବ୍ୟାୟାମ ପ୍ରକାର ଓ ମାତ୍ରା ଚିକିତ୍ସକୀୟ ପରାମର୍ଶରେ ଗ୍ରହଣ କରିବା ଉଚିତ ।

**କ୍ଷୌରକର୍ମ:** ଦାଢ଼ି, ନଖ ଏବଂ କେଶ ୫–୧୫ଦିନ ମଧ୍ୟରେ କାଟିବା ସ୍ୱାସ୍ଥ୍ୟାନୁକୂଳ। ଏହା ଶରୀର ଲଘୁତା ଓ ଉତ୍ସାହବର୍ଦ୍ଧକ ହୋଇଥାଏ ।

**ଉଦ୍ୱର୍ତ୍ତନ:** ବ୍ୟାୟାମ ପରେ ଶରୀରରେ କେଶର ବିପରୀତ ଦିଗରେ ଔଷଧୀୟ ସୂକ୍ଷ୍ମ ଚୂର୍ଣ୍ଣମାଲିସ କରିବା ଉଚିତ । ଏହା ଶରୀରର ଚର୍ବିକୁ କମାଏ, ଚର୍ମ ସଫା ରଖେ, ଅଙ୍ଗରେ ଦୃଢ଼ତା ତଥା ରଙ୍ଗରେ ଚମକତା ଆଣେ । ଏହା ବାତରୋଗ ଓ ଚର୍ମରୋଗ ଉପଚାରରେ ଲାଭଦାୟକ ।

**ସ୍ନାନ:** ଉଦ୍ୱର୍ତ୍ତନ ପରେ ନାତିଶୀତୋଷ୍ଣ ପାଣିରେ ଗାଧେଇବା ଉଚିତ। ଏହାଦ୍ୱାରା ଶରୀର ବାହ୍ୟତଃ ପରିଷ୍କାର ହୁଏ ଓ କୁତ୍ସିତ ଗନ୍ଧ ଦୂରହୁଏ। ଏହାଛଡ଼ା ଶରୀରରେ ଜ୍ୱାଳା, ଅବସାଦ ଦୂର କରିବାରେ ସହାୟକ ହୁଏ। ଏହା ଆୟୁ, କ୍ଷୁଧା, ଶକ୍ତି, ସାହସ, ପବିତ୍ରତା ବୃଦ୍ଧି କରାଏ। ଉଷ୍ଣଜଳରେ ସ୍ନାନର ଆବଶ୍ୟକତା ଥିଲେ ମୁଣ୍ଡକୁ ଛାଡ଼ି ସ୍ନାନ କରିବା ଉଚିତ। କାରଣ ଉଷ୍ଣଜଳ ଆଖି ପାଇଁ ହାନିକାରକ, ଏହାଛଡ଼ା ଭୋଜନ ପରେ ସଙ୍ଗେସଙ୍ଗେ ଗାଧୋଇବା ଅନୁଚିତ ।

**ଆହାର:** ଆହାର ସେବନ ଦେଶ, କାଳ, ଋତୁ ଏବଂ ଅଭ୍ୟାସ ଅନୁସାରେ କରିବା ଉଚିତ। ଖାଦ୍ୟ ଗ୍ରହଣ ପୂର୍ବରୁ ହାତକୁ ସାବୁନରେ ଧୋଇ ବିଶୁଦ୍ଧ ପରେ ସାମାନ୍ୟ ଜଳ ଆଚମନ କରିବା ଉଚିତ। ଫଳରେ ଖାଦ୍ୟ ଗ୍ରହଣ ସୁଗମ ହୁଏ । ଖାଦ୍ୟ ପଦାର୍ଥକୁ ଖୁବ୍ ଶୀଘ୍ର ବା ବହୁତ ଧୀରେ ଖାଇବା ଉଚିତ ନୁହେଁ । ଗପସପରେ ମଜ୍ଜି ରହି, ହସିହସି ବା ଟେଲିଭିଜନ ଦେଖି ଖାଇବା ଉଚିତ ନୁହେଁ। ଭୋଜନ ପ୍ରାରମ୍ଭରେ ମଧୁର ରସଯୁକ୍ତ ଖାଦ୍ୟ, ମଧ୍ୟଭାଗରେ ଲବଣ ଓ ଅମ୍ଳ ରସଯୁକ୍ତ ଖାଦ୍ୟ ଏବଂ ଶେଷରେ ପିତା–କଷା ରସଯୁକ୍ତଖାଦ୍ୟ ଗ୍ରହଣ ବିଧେୟ। ଖାଇବାର ୧୫ ମିନିଟ୍ ପୂର୍ବ ଓ ଖାଇବାର ୧୫ ମିନିଟ୍ ପରବର୍ତ୍ତୀ ସମୟ ମଧ୍ୟରେ ପାଣି ପିଇବା ଉଚିତ ନୁହେଁ । ରାତ୍ରିଭୋଜନ ଦିନ ଭୋଜନଠାରୁ ହାଲୁକା ହେବା ଉଚିତ । ରାତ୍ରିଭୋଜନ ଶୋଇବାର ତିନିଘଣ୍ଟା ପୂର୍ବରୁ ଗ୍ରହଣ କରିବା ଉଚିତ ଏବଂ ଭୋଜନ ପରେ ପ୍ରତିଦିନ ଶହେ ପାହୁଣ୍ଡ ଚାଲିବା ପରେ ବାମକଡ ମାଡି ଶୋଇବା ଉଚିତ ।

**ନିଦ୍ରା:** ରାତ୍ରିରେ ପ୍ରତ୍ୟେକଙ୍କର ୬–୭ ଘଣ୍ଟା ଶୋଇବା ଦରକାର । କିନ୍ତୁ ଶିଶୁ, ବୃଦ୍ଧବ୍ୟକ୍ତି, ଗର୍ଭବତୀ ଏହାଠାରୁ ଅଧିକ ସମୟ ଶୋଇବା ଉଚିତ । ଏସବୁ ବ୍ୟତୀତ ଦୈନନ୍ଦିନ ଚାଲିଚଳଣିରେ ଅନେକ ଉପଦେଶକୁ ପ୍ରତ୍ୟାଖ୍ୟାନ କରାଯାଇ ନପାରେ । ଯଥା– ମଳମୂତ୍ର, କ୍ଷୁଧା, ତୃଷ୍ଣା, ନିଦ୍ରା, କାଶ, ବାନ୍ତି, ଛିଙ୍କ, ଜୃମ୍ଭା (ହାଇ) ପରି ପ୍ରାକୃତିକ ବେଗକୁ ବନ୍ଦ କରିବା ଉଚିତ ନୁହେଁ।

*– ସରକାରୀ ଆୟୁର୍ବେଦ ଚିକିତ୍ସାଧିକାରୀ, ସୁନ୍ଦରଗଡ଼, ମୋ : ୯୪୩୭୨୨୧୭୧୬*

## ସ୍ୱାସ୍ଥ୍ୟ ସୂଚନାକାରୀ ବ୍ରେସ୍‌ଲେଟ୍

ଜର୍ମାନୀର ବୈଜ୍ଞାନିକମାନେ ଏକ ହାଇଟେକ୍ ବ୍ରେସ୍‌ଲେଟ୍ ପ୍ରସ୍ତୁତ କରିଛନ୍ତି। ଏଥିରୁ ସ୍ୱାସ୍ଥ୍ୟ ସମ୍ପର୍କିତ ଅନେକ ସୂଚନା ମିଳିପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶେଷ ଭାବରେ ଏଥିରୁ ବ୍ଲଡପ୍ରେସର, ରକ୍ତରେ ସୁଗାର ପରିମାଣ ଏବଂ ଶରୀର ତାପମାତ୍ରା ବିଷୟରେ ଜାଣିହେବ। ଏହାକୁ ପିନ୍ଧିବା ପରେ ତାହା ଟଚ୍ ସ୍କ୍ରିନ୍ ପରି କାମ କରିଥାଏ। ଏଥିରୁ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ମିଳିବା ସହ ଉକ୍ତ ବ୍ରେସ୍‌ଲେଟ୍ ସ୍ମାର୍ଟ ୱାଚ, ସ୍ମାର୍ଟ ଫୋନ ପରି କାମ କରିବ ବୋଲି ସେମାନେ ସୂଚନା ଦେଇଛନ୍ତି। ଏହାକୁ ପ୍ରସ୍ତୁତ କରିବା ପରେ ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିଛି ବୋଲି ରିପୋର୍ଟରୁ ଜଣାପଡ଼ିଛି।

## କଫ ସମସ୍ୟାର ଘରୋଇ ଉପଚାର ସମ୍ପର୍କରେ...

❖ଅଧା କପ୍ ଉଷୁମ ପାଣିରେ ଏକ ଚାମଚ ହଳଦୀ ଗୁଣ୍ଡ, ଏକ ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ କିଛି ସମୟ ଉଷୁମ କରି ସେବନ କଲେ କଫରୁ ଉପଶମ ମିଳିଥାଏ।



❖ଅଦାକୁ ଭଲ ଭାବରେ ଛେଚି ଦିଅନ୍ତୁ। ଏହାକୁ ପାଣିରେ ପକାଇ ଭଲ ଭାବରେ ଫୁଟାନ୍ତୁ। ଏହି ଉଷୁମ ପାଣିକୁ ଦିନକୁ ୩–୪ଥର ପିଇଲେ କଫଜନିତ ସମସ୍ୟା କେତେକାଂଶରେ ଦୂର ହୋଇଥାଏ।

❖ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ସେହି ମିଶ୍ରଣକୁ ଉଷୁମ କରି ପିଅନ୍ତୁ। ଏହାଦ୍ୱାରା କଫ ସମସ୍ୟାରୁ ଲାଘବ ମିଳିବ।



## ସ୍ୱା ସ୍ଥ୍ୟ ସୂ ଚ ନା



❖ଆଜିକାଲି ଅନେକ କେତେକ ରୋଗର ଲକ୍ଷଣ ସମ୍ପର୍କରେ ଜାଣି ମଧ୍ୟ ତାହାକୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ପରବର୍ତ୍ତୀ ସମୟରେ ଏହା ଗମ୍ଭୀର ଆକାର ଧାରଣ କରିଥାଏ। ତା'ସହ ଅଯଥାରେ ଗୁଡ଼ାଏ ଅର୍ଥ ଖର୍ଚ୍ଚ ହୁଏ। ଏପରି ସାମାନ୍ୟ ଭୁଲ ଯୋଗୁଁ ତାହା ପ୍ରାଣଘାତକ ସାବ୍ୟସ୍ତ ହୋଇଥାଏ।

❖ଯଦି ଅଫିସରେ ଅଧିକ ସମୟରେ ବସି ରହି କାମ କରିବାକୁ ପଡୁଛି, ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ କିଛି ସମୟ ଚଲାବୁଲା କରନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ।

❖ନିଜର ଦୈନନ୍ଦିନ ଜୀବନଶୈଳୀ ଯେତେ ବ୍ୟସ୍ତମୟ ହେଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

❖ବୟସ ବଢ଼ିବା ସହ କେତେକ ରୋଗର ଆଶଙ୍କା ବଢ଼ି ଯାଇଥାଏ। ବିଶେଷଭାବରେ ଏହି ସମୟରେ ଡାଇବେଟିସ୍, ବ୍ଲଡପ୍ରେସର ଚେକ୍‌ଅପ କରାଇ ନେବାକୁ ଭୁଲନ୍ତୁ ନାହିଁ।

❖କୌଣସି ରୋଗର ଚିକିତ୍ସା ସମୟରେ ଡାକ୍ତରଙ୍କ ପରାମର୍ଶକୁ କେତେକ ଆବଶ୍ୟକ ମୁତାବକ ଗୁରୁତ୍ୱ ଦେଇନଥାଆନ୍ତି। ଏଭଳି ଅଭ୍ୟାସରୁ ବିରତ ରହିବା ଦରକାର। ରୋଗ ଏବଂ ତାହାର ଚିକିତ୍ସା ପ୍ରଣାଳୀ ବିଷୟରେ ଡାକ୍ତରଙ୍କ ସହ ବିଶଦ ଭାବରେ କଥା ହୁଅନ୍ତୁ।

## ଡାଇବେଟିସ୍ ରୋଗୀଙ୍କୁ ସତର୍କ କରାଇବ କୁକୁର



କୌଣସି ରୋଗ ବିଷୟରେ କୁକୁର ସତର୍କ କରାଇବ ଏ କଥାକୁ ଅନେକ ହୁଏତ ସହଜରେ ଗ୍ରହଣ କରି ନ ପାରନ୍ତି। ହେଲେ ଏହା ପଛରେ ସତ୍ୟତା ରହିଛି ବୋଲି ଯୁକ୍ତି ଉପସ୍ଥାପନା କରିଛନ୍ତି ଇଂଲଣ୍ଡସ୍ଥିତ ୟୁନିଭର୍ସିଟି ଅଫ ବ୍ରିଷ୍ଟଲର ବିଶେଷଜ୍ଞମାନେ। ସେମାନେ କେତେକ କୁକୁରଙ୍କୁ ନିକଟରେ ଏ ନେଇ ଟ୍ରେନିଂ ଦେଇଛନ୍ତି। ବିଶେଷଭାବରେ ଏହି କୁକୁର ଟାଇପ୍–୧ ଡାଇବେଟିସ୍ ରୋଗୀଙ୍କ ବରଦାନ ସଦୃଶ ହେବେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶେଷଭାବରେ ଏହି ରୋଗୀ କେତେବେଳେ ଇନ୍‌ସୁଲିନ ନେବେ ସେ ସମ୍ପର୍କରେ ସୂଚନା ଦେବା ସହ କେଉଁ ପରିବେଶକୁ ଗଲେ ତାହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହେବ ସେ ବିଷୟରେ ପୂର୍ବରୁ ଜଣାଇଦେବ। ସେଥିପାଇଁ ସେହି କୁକୁରମାନଙ୍କୁ ଭଲ ଭାବରେ ଟ୍ରେନିଂ ଦିଆଯାଉଛି ଏବଂ ପରୀକ୍ଷାମୂଳକ ଭାବରେ ଏଭଳି ଉପାୟରୁ ସଫଳତା ମିଳିଛି ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ବ୍ୟାୟାମ : କିଛି କଥା

ସୁସ୍ଥ ରହିବାକୁ କିଏ ବା ନ ଚାହେଁ? ହେଲେ କେତେକ ଏହାକୁ ଆବଶ୍ୟକ ମୁତାବକ ଗୁରୁତ୍ୱ ଦେଇ ନ ଥାଆନ୍ତି। ନିଜକୁ ନୀରୋଗ ତଥା ସୁସ୍ଥ ରଖିବା ପଛରେ ବ୍ୟାୟାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଜିକାଲି ଅନେକେ ଏହାକୁ ଦୈନନ୍ଦିନ ଜୀବନର ଏକ ଅଙ୍ଗ ଭାବରେ ଗ୍ରହଣ କରିନେଇଛନ୍ତି। ତେବେ ବ୍ୟାୟାମ ସମୟରେ ହେଉ ଅବା ପୂର୍ବରୁ ଆମକୁ କେତେକ ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ଆପଣ ଯଦି ବ୍ୟାୟାମ କରିବାକୁ ଚାହୁଁଛନ୍ତି, ତେବେ ପ୍ରଥମେ ଜଣେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦ ଆଲୋଚନା କରନ୍ତୁ। ଏହି ସମୟରେ ଖାଦ୍ୟପେୟ ପ୍ରତି ଦୃଷ୍ଟି ଦେବାକୁ ପଡ଼େ। ତେଣୁ ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିବ। ଖାଲିପେଟରେ ବ୍ୟାୟାମ କରନ୍ତୁ ନାହିଁ। କିଛି ହାଲୁକା ଖାଦ୍ୟ ଖାଅନ୍ତୁ। ବ୍ୟାୟାମ ଶେଷ ହେବା ପରେ ମଧ୍ୟ ହାଲୁକା ଖାଦ୍ୟ ଖାଆନ୍ତୁ। ବ୍ୟାୟାମ ଶେଷ ହେବା ଏବଂ ଖାଦ୍ୟ ଖାଇବା ମଧ୍ୟରେ ଅତି କମ୍‌ରେ ୧୦–୧୫ ମିନିଟ୍ ଗ୍ୟାପ ରହିବା ଦରକାର। ଖାଦ୍ୟ ତାଲିକାରେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଯଦି ନିୟମିତ ବ୍ୟାୟାମ କରୁଛନ୍ତି, ତେବେ ପ୍ରଚୁର ପାଣି ପିଅନ୍ତୁ, ଏହାଦ୍ୱାରା ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିଥାଏ। ଯଦି ଅସୁସ୍ଥ ଅନୁଭବ କରୁଛନ୍ତି, ତେବେ ବ୍ୟାୟାମରୁ ବିରତ ରୁହନ୍ତୁ। ନିର୍ମଳ ପରିବେଶରେ ସବୁବେଳେ ବ୍ୟାୟାମ କରନ୍ତୁ।





ଶୀଘ୍ର ଅବସର ନେବାର କୌଣସି ଯୋଜନା ନାହିଁ। ବେଦାନ୍ତକୁ ଏକ ବିଶ୍ୱସ୍ତରୀୟ ରିସୋର୍ସ ସଂସ୍ଥାରେ ପରିଣତ କରିବାର କାର୍ଯ୍ୟଧାରା ଜାରି ରହିବା।

– ଅନିଲ ଅଗ୍ରୱାଲ, ପ୍ରତିଷ୍ଠାତା, ବେଦାନ୍ତ ରିସୋର୍ସେସ



ପ୍ରସାରଣ ଏବଂ କେବୁଲ ସର୍ଭିସ ଲାଗି ଜାରି କରାଯାଇଥିବା ନୂଆ ନିୟମ ପରିସରକୁ ଫେବୃୟାରୀ ପହିଲା ସୁଦ୍ଧା ପ୍ରାୟ ୯୦% ଗ୍ରାହକ ଆସିଯିବେ ବୋଲି ଆଶା।।

–ଆର୍.ଏସ୍. ଶର୍ମା, ଅଧ୍ୟକ୍ଷ, ଟ୍ରାଇ

## ସଂକ୍ଷେପରେ

### ମୋଟର ସାଇକେଲ ଟାରିଫ ଭାରତର ପଦକ୍ଷେପକୁ ଟ୍ରମ୍ପଙ୍କ ପ୍ରଶଂସା

**ୱାଶିଂଟନ,୨୭-୧:** ଆମେରିକାରେ ତିଆରି ହାର୍ଲେ ଡାଭିଡ୍‌ସନ ମୋଟର ସାଇକେଲର ଆମଦାନୀ ଉପରେ ଟାରିଫକୁ ଭାରତ ଅଧା କରିଦେଇଛି। ଏହାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖୁସିବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମାତ୍ର ୨ ମିନିଟ କଥା ହେବା ପରେ ଗତ ବର୍ଷ ଶେଷାର୍ଦ୍ଧରେ ହାର୍ଲେର ଟାରିଫକୁ ଭାରତ ଅଧା କରିଦେଇଛି ବୋଲି ଟ୍ରମ୍ପ ପ୍ରକାଶ କରିଛନ୍ତି। ତେବେ ଆମେରିକା ନିର୍ମିତ ହ୍ୱିସ୍କି ଉପରେ ଏବେ ବି ଭାରତ ଅଧିକ ଟାରିଫ ନେଉଛି ବୋଲି ସେ କହିଛନ୍ତି। ଏହା ଯଥାଶୀଘ୍ର ହ୍ରାସ ପାଇବା ଆବଶ୍ୟକ ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଆମେରିକାର ହ୍ୱିସ୍କି ଉପରେ ଭାରତ ୧୫୦ ପ୍ରତିଶତ ଟାରିଫ ଆଦାୟ କରୁଛି, ଅଥଚ ଆମେରିକା ଏଭଳି ଆଦାୟ କରୁନି। ସେହିପରି ଭାରତୀୟ ମୋଟର ସାଇକେଲ ଉପରେ ଆମେରିକା ମାତ୍ର ୨.୪ପ୍ରତିଶତ ଟାରିଫ ଆଦାୟ କରୁଥିବା ବେଳେ ଅଧା କରିବା ସତ୍ତ୍ୱେ ଭାରତ ୫୦ ପ୍ରତିଶତ ଆଦାୟ କରୁଛି। ଏହା ବହୁ ଅଧିକ ବୋଲି ସେ ଉଲ୍ଲେଖ କରିଛନ୍ତି। ହ୍ୱାଇଟ ହାଉସରେ ରେସିପ୍ରୋକାଲ ଟ୍ରେଡ଼ ଉପରେ ନିଜ ବକ୍ତବ୍ୟରେ ଟ୍ରମ୍ପ କହିଛନ୍ତି ଯେ, ଏହାଦ୍ୱାରା ଆମେରିକାର କର୍ମଚାରୀଙ୍କୁ ଫାଇଦା ମିଳିବ।

### ଟ୍ରେନ୍ ୧୮ ହେଲା ବନ୍ଦେ ଭାରତ ଏକ୍ସପ୍ରେସ

**ନୂଆଦିଲ୍ଲୀ,୨୭-୧:** ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଟ୍ରେନ ୧୮କୁ 'ବନ୍ଦେ ଭାରତ ଏକ୍ସପ୍ରେସ' ନାମରେ ନାମିତ କରାଯାଇଛି। ଏହା ବାରାଣସୀ ଏବଂ ନୂଆଦିଲ୍ଲୀ ମଧ୍ୟରେ ଚଳାଚଳ କରିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ରବିବାର ସୂଚନା ଦେଇଛନ୍ତି। ଟ୍ରେନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିବେ। ଟ୍ରେନରେ ୧୬ କୋଚ ରହିଥିବା ବେଳେ ୯୭ କୋଟି ଟଙ୍କା ବିନିଯୋଗରେ ନିର୍ମାଣ କରାଯାଇଛି। ଏହା ଚେନ୍ନାଇସ୍ଥିତ ସମନ୍ୱିତ କୋଚ୍ ଫ୍ୟାକ୍ଟ୍ରିରେ ନିର୍ମିତ ହୋଇଛି। ଏହା ଚଳାଚଳ ଆରମ୍ଭ କଲେ ୩୦ ବର୍ଷର ଶତାବ୍ଦୀ ଏକ୍ସପ୍ରେସକୁ ବାଦ ଦିଆଯିବ। ଲୋକଙ୍କଠାରୁ ମତାମତ ଗ୍ରହଣ କରିବା ପରେ ସରକାର ଏଭଳି ପଦକ୍ଷେପ ନେଇଥିବା ଗୋୟଲ କହିଛନ୍ତି। ମେକ୍ ଇନ ଇଣ୍ଡିଆରେ ସରକାର ଏଭଳି ଯୋଜନା ହାତକୁ ନେଇଛନ୍ତି। ଟ୍ରେନରେ ସମ୍ପୂର୍ଣ୍ଣ ଏସି ସୁବିଧା ରହିଛି। ଏହା କାନପୁର ଏବଂ ଆଲ୍ଲାହାବାଦଠାରେ ଅଟକିବ। ଏଥିରେ ଦୁଇ ଏକ୍‌ଜିକ୍ୟୁଟିଭ କ୍ଲାସ ଚେୟାର କାର ରହିବ। ସର୍ବୋତ୍ତମ ଗୁଣବତ୍ତା, ଏୟାର ସସ୍‌ପେନଶନ ଏବଂ ସୁଗମ ଯାତ୍ରାକୁ ଧ୍ୟାନରେ ରଖାଯାଇଥିବା ସେ ପ୍ରକାଶ କରିଛନ୍ତି।

### 'ଟିକସଦାତାଙ୍କ ପ୍ରତି ନମନୀୟ ହୁଅନ୍ତୁ ଆୟକର ଅଧିକାରୀ'

ନୂଆଦିଲ୍ଲୀ,୨୭-୧: ଆୟକର ଅଧିକାରୀମାନେ ଟିକସଦାତାଙ୍କ ପ୍ରତି ନରମ ମନୋଭାବ ପୋଷଣ କରନ୍ତୁ। ସେମାନେ କାମ କରିବା ବେଳେ ଅତି ଉତ୍ସାହରୁ ଦୂରେଇ ରହି ଆଇନ ଅନୁଯାୟୀ ପଦକ୍ଷେପ ନିଅନ୍ତୁ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ପରାମର୍ଶ ଦେଇଛନ୍ତି। 'ଇଣ୍ଟରନ୍ୟାଶନାଲ କଷ୍ଟମ୍ସ ଡେ' ପାଳନ ଅବସରରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ଅଧିକାରୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ଟିକସଦାତାଙ୍କ ପ୍ରତି ଅନୁକୂଳ ପରିବେଶ ସୃଷ୍ଟି ଲାଗି ଆୟକର ବିଭାଗ ପକ୍ଷରୁ କ'ଣ କରାଯାଇପାରିବ, ସେଥିପାଇଁ ସମ୍ପୃକ୍ତ ପକ୍ଷଙ୍କଠାରୁ ତଥ୍ୟ ସଂଗ୍ରହ କରାଯିବା ଆବଶ୍ୟକ। ସେ କହିଛନ୍ତି ଯେ, ଆୟକର ଅଧିକାରୀ ଗ୍ରାହକଙ୍କ ପ୍ରତି ଅନୁକୂଳ ଦୃଷ୍ଟିକୋଣ ଆପଣାଇବା ବେଳେ ବୁଦ୍ଧିମତ୍ତାର ପ୍ରୟୋଗ କରି ସେମାନଙ୍କର ଆସ୍ଥାଭାଜନ ହେବାକୁ ପଡ଼ିବ। ସେ କହିଛନ୍ତି ଯେ, ସରକାରଙ୍କ ରାଜସ୍ୱ ଆଦାୟ ଯେପରି ହ୍ରାସ ନ ପାଏ, ତାହା ଦେଖିବା ଲାଗି ଆମେ ସମସ୍ତେ କାମ କରୁଛୁ। ରାଜସ୍ୱ ଆଦାୟ ଅର୍ଥରେ ଦେଶରେ ଗରିବଙ୍କ ଲାଗି ସହାୟତା କାର୍ଯ୍ୟ କରାଯାଏ। ବ୍ୟବସାୟୀମାନେ ନିଜର ବ୍ୟବସାୟକୁ ସ୍ୱଚ୍ଛତାର ସହ କରିବା ଲାଗି ସମୟ ଆସିଯାଇଛି। ଅଧିକ ଟିକସ ଆଦାୟ କରିବାର ଯୁଗ ଶେଷ ହୋଇଛି ବୋଲି ସେ ମତପ୍ରକାଶ କରିଛନ୍ତି।

# କୃଷି ପ୍ୟାକେଜକୁ ଆଜି ମିଳିପାରେ ମଞ୍ଜୁରୀ

ନୂଆଦିଲ୍ଲୀ,୨୭-୧



ସାରା ଦେଶରେ କୃଷକଙ୍କ ଲାଗି କେନ୍ଦ୍ର ସରକାର ପ୍ୟାକେଜ ଘୋଷଣା କରିବାର ଯୋଜନା ରଖିଛନ୍ତି। ଏଭଳି ପ୍ରସ୍ତାବକୁ ସୋମବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିପାରେ। କୃଷି କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ଏବଂ କୃଷକଙ୍କ ଆୟ ବୃଦ୍ଧିକୁ ଧ୍ୟାନରେ ରଖି ସରକାର ଏଭଳି ନିଷ୍ପତ୍ତି ସପକ୍ଷରେ ରହିଛନ୍ତି ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଅପରପକ୍ଷରେ ଦେଶରେ ସାଧାରଣ ନିର୍ବାଚନ ଆସୁଥିବା ବେଳେ ସରକାର ଏଭଳି ପଦକ୍ଷେପ ନେବାକୁ ଯାଉଥିବା ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। ସୋମବାର କେନ୍ଦ୍ର କ୍ୟାବିନେଟର ବୈଠକ ହେବାକୁ ଥିବା ବେଳେ ଏଠାରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ଆୟ କ୍ଷେତ୍ରରେ ରହୁଥିବା ବିଭିନ୍ନ ଅସୁବିଧା ପ୍ରସଙ୍ଗ ସ୍ଥାନିତ ହେବ ବୋଲି ଉକ୍ତ ଅଧିକାରୀ ଜଣଙ୍କ କହିଛନ୍ତି।

କୃଷକଙ୍କ ସମସ୍ୟାକୁ ଆଧାର କରି ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ବିକଳ୍ପ ଉପରେ କୃଷି ମନ୍ତ୍ରଣାଳୟ ସରକାରଙ୍କୁ ବିଭିନ୍ନ ପରାମର୍ଶ ଦେଇଛି। କୃଷି କ୍ଷେତ୍ରରେ ସମସ୍ୟା ସମାଧାନକୁ ପ୍ରସ୍ତାବରେ ଗୁରୁତ୍ୱ ଦିଆଯାଇଛି। ଏହି ଯୋଜନା ଆସିଲେ ଏହାର ରୂପରେଖ କ'ଣ ହେବ, କେତେ ପରିମାଣର ଅର୍ଥ ଏଥିରେ ଖର୍ଚ୍ଚ ହେବ ସେ ସଂକ୍ରାନ୍ତ ବିଷୟ ଉପରେ କ୍ୟାବିନେଟ ନିଷ୍ପତ୍ତି ହେବ ବୋଲି ସେ କହିଛନ୍ତି। ଠିକ୍ ସମୟରେ ଋଣ ପୈଠ କରୁଥିଲେ ଏହା ଉପରେ ଲାଗୁ ହେଉଥିବା ସୁଧ ଛାଡ ଭଳି ବିକଳ୍ପ ଉପରେ ସରକାରଙ୍କୁ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି। ଏହା ଯଦି ସରକାର ଲାଗୁ କରନ୍ତି ରାଜକୋଷ ଉପରେ ଅତିରିକ୍ତ ୧୫,୦୦୦ କୋଟି ଟଙ୍କାର ବୋଝ ପଡ଼ିବ। ସେହିଭଳି ଫସଲ ବୀମା କ୍ରୟ ବେଳେ କୃଷକମାନେ ପ୍ରଦାନ କରୁଥିବା ପ୍ରିମିୟମ ଛାଡ଼ ମଧ୍ୟ ହୋଇପାରେ।

ତେଲେଙ୍ଗାନା ଏବଂ ଓଡ଼ିଶା ସରକାର ଗ୍ରହଣ କରିଥିବା କୃଷି ଯୋଜନା ଉପରେ ମଧ୍ୟ କେନ୍ଦ୍ର ବିଚାର କରୁଛି। ୨୦୧୯-୨୦ର ବଜେଟରେ କୃଷି କ୍ଷେତ୍ର ଲାଗି ସରକାର ପ୍ୟାକେଜ ଘୋଷଣା କରିବେ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ ରାଧା ମୋହନ ସିଂ ପୂର୍ବରୁ ଆଭାସ ଦେଇଥିଲେ। କୌଣସି ନୂଆ ଯୋଜନା ଆରମ୍ଭ କରିବା ଲାଗି କେନ୍ଦ୍ର ନିକଟରେ ଖୁବ୍ ସ୍ୱଳ୍ପ ସମୟ ରହିଥିବା ବଜାର ବିଶେଷଜ୍ଞ କହିଛନ୍ତି। କେବଳ ରାଜନୈତିକ ଫାଇଦା ଦୃଷ୍ଟିକୋଣରୁ ସରକାର ତରବରିଆ ଭାବେ ଏଭଳି ଯୋଜନା ହାତକୁ ନେବେ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ରେ ଭାଜପା ଭଲ ପ୍ରଦର୍ଶନ କରିବାକୁ ସକ୍ଷମ ହୋଇ ନ ଥିବା ବେଳେ ଗ୍ରାମାଞ୍ଚଳରେ କୃଷକଙ୍କ ଅସୁବିଧା ମଧ୍ୟ ରହିଛି। କୃଷିଜାତ ସାମଗ୍ରୀର ମୂଲ୍ୟ ହ୍ରାସ ମଧ୍ୟ କୃଷକଙ୍କ ଚିନ୍ତାକୁ ବଢାଇଛି।

■ ଆଇସିଆଇସିଆଇ ବ୍ୟାଙ୍କ ଋଣ ମାମଲା

## ତଦନ୍ତକାରୀ ଅଧିକାରୀଙ୍କୁ ବଦଳି

ନୂଆଦିଲ୍ଲୀ,୨୭-୧



ଭିଡ଼ିଓକନ ଗ୍ରୁପକୁ ବେଆଇନ ଋଣ ପ୍ରଦାନ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କ ସିଇଓ ଚନ୍ଦା କୋଚରଙ୍କ ସମ୍ପୃକ୍ତି ନେଇ ତଦନ୍ତ କରୁଥିବା ଅଧିକାରୀ ସୁଧାଂଶୁଧର ମିଶ୍ରକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବଦଳି କରି ଦେଇଛି। ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ ଥିବା ଏହି ଅଧିକାରୀ ଜଣଙ୍କ ସର୍ଚ୍ଚ ସମ୍ପର୍କିତ ବିଭିନ୍ନ ତଥ୍ୟ ପ୍ରଘଟ କରିଥିବାର ସନ୍ଦେହ ଘେରରେ ରହିଛନ୍ତି। ତାଙ୍କୁ ସିବିଆଇ ରାଞ୍ଚିକୁ ବଦଳି କରିଛି। ଜାନୁୟାରୀ ୨୨ରେ ଚନ୍ଦା ତାଙ୍କ ସ୍ୱାମୀ ଦୀପକ କୋଚର ଏବଂ ଭିଡ଼ିଓକନ ଗ୍ରୁପ ଏମ୍‌ଡି ବେଣୁ ଗୋପାଳ ଧୂତଙ୍କ ବିରୋଧରେ ସିବିଆଇରେ ମାମଲା ରୁଜୁ ହେବା ପରେ ତାଙ୍କୁ ବଦଳି କରାଯାଇଛି। ଏହି ଘଟଣାର ତଦନ୍ତଭାର ଏଜେନ୍ସି ମୋହିତ ଗୁପ୍ତା ନାମକ ଜଣେ ନୂଆ ଅଫିସରଙ୍କୁ ଦିଆଯିବା ସହ ବହୁ ସ୍ଥାନରେ ଛାନଭିନ କରାଯାଇଛି।

ସୁଧାଂଶୁଙ୍କ ବଦଳି ନେଇ ସିବିଆଇ ପକ୍ଷ ରଖି କହିଛି ଯେ, ବିନା କୌଣସି କାରଣରେ ଅଧିକାରୀ ଜଣକ ପ୍ରାଥମିକ ତଦନ୍ତକୁ ଚାପି ରଖିଥିଲେ। ଏ ନେଇ ସିବିଆଇ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ବିବୃତି ଜାରି କରାଯାଇ ନାହିଁ। ଆଇସିଆଇସିଆଇ ମାମଲା ଏକ ଗୁରୁତ୍ୱପୂର୍ଣ୍ଣ ମାମଲା ହୋଇଥିବାରୁ ବିନା କୌଣସି କାରଣରେ ଏହା କାହିଁକି ଅଟକି ଥିଲା ବୋଲି ଅନ୍ୟ ଜଣେ ଅଧିକାରୀ କହିଛନ୍ତି। ଏହି ମାମଲାର ତର୍ଜମା ହେବା ପରେ ପ୍ରାଥମିକ ତଦନ୍ତକୁ ତ୍ୱରାନ୍ୱିତ କରାଯିବା ସହ ଏହାକୁ ଏକ ନିୟମିତ ମାମଲାରେ ରୂପାନ୍ତରିତ କରାଯାଇଛି। ମାମଲା ଦାଏର ହେଲା ପରେ ବିଭିନ୍ନ ସ୍ଥାନରେ ଚଢାଉ ହୋଇଛି। ଏହି ମାମଲାରେ ତଦନ୍ତ ସଂକ୍ରାନ୍ତ ସୂଚନା ବାହାରେ ପ୍ରଘଟ ହୋଇଥିବା ସନ୍ଦେହ କରାଯାଉଛି ବୋଲି ଅଧିକାରୀ ଜଣଙ୍କ କହିଛନ୍ତି।

## 'ଶିଳ୍ପ ଉପଯୋଗୀ ନିୟମ ପ୍ରଣୟନ ଜରୁରୀ'

ଭୁବନେଶ୍ୱର,୨୭-୧




ପରିବର୍ତ୍ତିତ ସ୍ଥିତିରେ ଘରୋଇ ବଜାରର ଶିଳ୍ପଗୁଡ଼ିକ ଲାଗି ଉଦ୍ଦିଷ୍ଟ ପରିବେଶ ସଂକ୍ରାନ୍ତ ନିୟମ କ୍ଷେତ୍ରରେ ବିଭିନ୍ନ ଟେକ୍ନିକାଲ ଚ୍ୟାଲେଞ୍ଜ ରହିଛି। ନିୟମ ପାଳନ ସମୟରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ମଧ୍ୟ ସମାନ ଚ୍ୟାଲେଞ୍ଜ ସାମ୍ନା କରୁଛନ୍ତି। ସଂସ୍ଥାଗୁଡ଼ିକୁ ଏକାଧିକ ନିୟାମକ ଅନୁପାଳନ କରିବାକୁ ପଡୁଛି। ଏହି ଧାରାକୁ ବ୍ୟବସ୍ଥିତ କରିବା ସହ ଶିଳ୍ପଗୁଡ଼ିକ ଲାଗି ଥିବା ପରିବେଶ ନିୟମ ଏବଂ ଆଇନଗୁଡ଼ିକ ଅପଡେଟ କରିବାର ଆବଶ୍ୟକତା ରହିଥିବା ଇଣ୍ଡିଆନ ଚାମ୍ବର ଅଫ କମର୍ସ(ଆଇସିସି) ପକ୍ଷରୁ ଅନୁଷ୍ଠିତ 'ପରିବେଶ ନିୟାମକ ଅନୁପାଳନ' କର୍ମଶାଳାରେ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ଏଭଳି କର୍ମଶାଳା ପରିବେଶ ସୁରକ୍ଷା ସଚେତନତା ଦିଗରେ ସହାୟକ ବୋଲି ଜଙ୍ଗଲ ପରିବେଶ ବିଭାଗର ସ୍ୱତନ୍ତ୍ର ସଚିବ ଦେବୀଦତ୍ତ ବିଶ୍ୱାଳ କାର୍ଯ୍ୟକ୍ରମରେ ମତ ରଖିଛନ୍ତି। ନୂଆ ନିୟମ ନେଇ ଅଂଶୀଦାରଙ୍କୁ ସଚେତନ କରାଇବାର ଆବଶ୍ୟକତା ଉପରେ ଜଙ୍ଗଲ ଏବଂ ପରିବେଶ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଏ.କେ. ଗୁପ୍ତା କହିଛନ୍ତି। ଏ ନେଇ ରାଜ୍ୟ ସରକାର ଆରମ୍ଭ କରିଥିବା 'ଷ୍ଟାର ରେଟିଂ ପ୍ରୋଗ୍ରାମ' ପ୍ରଦୂଷଣ ହ୍ରାସ କରିବା ଦିଗରେ ସହାୟକ ହେବ ବୋଲି ଆଇସିସି ଓଡ଼ିଶା ପରିଷଦ ଅଧ୍ୟକ୍ଷ ଏମ୍.ସି. ଥୋମାସ ସୂଚନା ଦେଇଛନ୍ତି। ଗ୍ରୀନ ହାଉସ ଗ୍ୟାସ ନିର୍ଗମନ ହ୍ରାସ ପାଇଁ ନୂଆ ଟେକ୍ନୋଲୋଜି ସ୍ଥାପନକୁ ସରକାରୀ ପ୍ରୋତ୍ସାହନ ଉପରେ ପରିଷଦର ଉପାଧ୍ୟକ୍ଷ ଜେ.ବି ପାଣି ଗୁରୁତ୍ୱାରୋପ କରିଥିଲେ।

## ଫ୍ଲିପକାର୍ଟ-ୱାଲମାର୍ଟ ଡିଲ୍ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୨୭-୧:** ଫ୍ଲିପ୍‌କାର୍ଟ-ୱାଲମାର୍ଟ ଡିଲ୍‌କୁ କମ୍ପିଟିଶନ କମିଶନର ମଞ୍ଜୁରୀକୁ ବିରୋଧ କରି ଆଗତ ମାମଲାରେ ରାଷ୍ଟ୍ରୀୟ କମ୍ପାନୀ ଆଇନ ଅପିଲୀୟ ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଏଟି) ରାୟ ସଂରକ୍ଷିତ ରଖିଛନ୍ତି। ଖୁଚୁରା ବ୍ୟବସାୟୀ ପ୍ରତିନିଧି ସଂଗଠନ କନଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି) ପକ୍ଷରୁ ଗତ ବର୍ଷ ଅଗଷ୍ଟରେ ମାମଲା ଆଗତ କରାଯାଇଥିଲା। ବିଚାରପତି ଏସ.ଜେ.ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ଅପିଲୀୟ ନ୍ୟାୟାଧିକରଣର ଦୁଇ ସଦସ୍ୟବିଶିଷ୍ଟ ଖଣ୍ଡପୀଠ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିଥିଲେ।

## ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିବେ ଗୋୟଲ

ନୂଆଦିଲ୍ଲୀ,୨୭-୧



କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ସୋମବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସିଇଓଙ୍କୁ ଭେଟିବେ। ଦେଶର ବ୍ୟାଙ୍କିଙ୍ଗ ଶିଳ୍ପର ସ୍ଥିତି କିଭଳି ରହିଛି ତା'ର ସମୀକ୍ଷା ବୈଠକରେ ହେବ। ବ୍ୟାଙ୍କଗୁଡ଼ିକର ସ୍ଥିତିରେ ଉନ୍ନତି ଆଣିବା ନେଇ ବିଭିନ୍ନ ପ୍ରସଙ୍ଗ ବୈଠକରେ ସ୍ଥାନିତ ହେବ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ୨୦୧୯-୨୦ ଲାଗି ଉପସ୍ଥାପନ ହେବାକୁ ଥିବା ବଜେଟର ୩ ଦିନ ଆଗରୁ ଏଭଳି ଏକ ବୈଠକ ଅନୁଷ୍ଠିତ ହେଉଛି। ବୈଠକ ସାରା ଦିନ ହେବାକୁ ଥିବାବେଳେ ଏଥିରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ଅସୁସ୍ଥତା ଯୋଗୁ ବର୍ତ୍ତମାନ ଗୋୟଲଙ୍କୁ ଅର୍ଥ ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଭାର ପ୍ରଦାନ କରାଯାଇଛି। ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ ଧାରା, ଅନାଦାୟ ଋଣ ଭଳି ପ୍ରସଙ୍ଗ ବୈଠକରେ ଆଲୋଚନାର ପରିସରଭୁକ୍ତ ହେବ। ସେହିଭଳି ଏମ୍‌ଏସ୍‌ଏମ୍‌ଇ, କୃଷି ଏବଂ ରିଟେଲ କ୍ଷେତ୍ରକୁ ଋଣ ପ୍ରଦାନ ମଧ୍ୟ ଆଲୋଚ୍ୟ ବସ୍ତୁ ହେବ। ଗତ ୯ ମାସରେ ବ୍ୟାଙ୍କଗୁଡ଼ିକର କାର୍ଯ୍ୟଧାରା କିଭଳି ରହିଛି ତାକୁ ମଧ୍ୟ ବିଚାର କରାଯିବ ବୋଲି ଜଣାଯାଇଛି।



### OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH

(District Child Protection Unit)
Odisha State Child Protection Society, W & CD Department,
Govt. of Odisha, Ph: 06622-273343

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁ ଗତ ୨୮।୧୨।୨୦୧୮ରୁ ସୁନ୍ଦରଗଡ଼ର ଏକ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି। ଏହି ଶିଶୁ ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼
ମୋ. ନଂ.: ୯୯୩୮୧୭୦୪୫୦/ ଅଫିସ୍: ୦୬୬୨୨-୨୭୩୩୪୩
ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ. ନଂ: ୯୪୩୭୧୯୬୯୫୦/ ଅଫିସ୍: ୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ/ ବୟସ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ରାଜୁ | ୦୬।୧୨।୨୦୧୮ | ପୁଅ | Cradle Baby Point, ODISHA-SAA, Ashiyana Colony, PO/PS: Bishra, Dist: Sundargarh, Odisha |  |

Sd./- District Child Protection Officer, Sundargarh

### OFFICE OF THE PANCHAYAT SAMITI, GUNUPUR

TENDER CALL NOTICE

No.219/PS, Gunupur Date: 25.01.2019

The Block Development Officer, Gunupur on behalf of Panchayat Samiti, Gunupur invites (%) percentage rate bids in sealed tenders in registered post for the work as detailed in the table here under fromt the class of eligible contractors of equal grade / class registered with the State Governemnt / authorities shall be enclosed along with the bid.
The bidder may submit bids for the work in conformity with detailed tender call notice to be drawn up in State PWD F2 contract form.

| Sl. No. | Name of the work | Amount put to tender in rupees | EMD to deposit 1% of the tender amount | Cost of tender documents (non refundable) | Class of contractor | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of road from Abada to Gajapati District boarder UNDER CRITICAL GAP FUND (NRuM) | Rs. 2489920/- | Rs.24899/- | Rs. 6000/- | 'C' & 'B' | 3 (Three) Clalendar Months |
| 2 | Construction of road from Badamasing to Rubudising UNDER CRITICAL GAP FUND (NRuM) | Rs. 1989304/- | Rs. 19893/- | Rs. 6000/- | 'C' & 'D' | 3 (Three) Calendar Months |
| 3 | Construction of road from Karanjasing to Gajapati District boarder UNDER CRITICAL GAP FUND (NRuM) | Rs. 1994355/- | Rs. 19943/- | Rs. 6000/- | 'C' & 'D' | 3 (Three) Calendar Months |

Date of selliilng of tener paper :- **28.01.2019 to 04.02.2019 (Office hour 10.00 AM to 4.00 PM) (Except Sunday & Public holidays)**
Dated of receipt of tender paper :- **Upto 05.02.2019 (During Office hour upto 11.00 AM)**
Dated of opening of tender paper :- **05.02.2019 (Time 12.00 AM on wards)**

The tender documents can be downloaded from official District website (www.rayagada.nic.in) and the cost of tender document (Non-refudnable) shall be deposited at the time of receipf of the tender document in shape of bank draft in favour of Block Development Officer, Gunupur or may be purchased from the office of the undersigned against a non-refudable fee towards the cost of document as indicated in column No.-5.

1. Tender must accompany with 1% EMD as mentioned above in shape of NSC / KVP / Bank draft (any Nationalised Bank) duly pledged in favour of Block Development Officer, Gunupur payable at Gunupur along with attested copies of valid and update GST / PAN / TIN without which the tender will liable for rejection.
2. Tenderers are requested to quote their rate both in words and figures. The tenderers are requested to put the signature on every overwriting or any correction made in their tendered rate. The tender filled in figure only but without mentioning in words shall be liable for rejection for which no tender papers cost shall be refunded.

Sd./- Block Development Officer, Gunupur

### କଟକ ଉନ୍ନୟନ କର୍ତ୍ତୃପକ୍ଷ

C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 9 ରେ ପ୍ଲଟ ନଂ -5F/737 ଟିକୁ ଶ୍ରୀମତୀ ସଂଯୁକ୍ତା ସାମନ୍ତରାୟ, ସ୍ୱାମୀ - ⁄ ସନ୍ତୋଷ କୁମାର ସାମନ୍ତରାୟ, ସା - ଶ୍ୟାମଘନପୁର, ଥା - ରାଜରଣପୁର, ଜିଲ୍ଲା - ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ସଂଯୁକ୍ତା ସାମନ୍ତରାୟ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଭିକାରୀ ଚରଣ ଦାଶ, ପିତା - ⁄ ବନବିହାରୀ ଦାଶ, ସା/ପୋ - କଳାପଥର, ଥା - ବୈଦେଶ୍ୱର, ଜିଲ୍ଲା - କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସଚିବ

### କଟକ ଉନ୍ନୟନ କର୍ତ୍ତୃପକ୍ଷ

C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 7 ରେ ପ୍ଲଟ ନଂ -G/392 ଟିକୁ ଶ୍ରୀ ଦିଗପାଲ ଚନ୍ଦ୍ର ଝା, ପିତା - ପରମାନନ୍ଦ ଝା, ସା - ମାରୱାରୀ ହିନ୍ଦୀ ବିଦ୍ୟାଳୟ, ବାଲୁବଜାର, ଚାନ୍ଦିନୀଚୌକ, କଟକଙ୍କୁ ଆବଣ୍ଟନ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେ ସତ୍ୟପାଠ ଜରିଆରେ ତାଙ୍କର ସ୍ଥାୟୀ ଠିକଣା ସା -ପକରା, ପୋ-ଥା-ବିହିପୁର, ଜିଲ୍ଲା - ଭାଗଲପୁର, ରାଜ୍ୟ - ବିହାର ଦର୍ଶାଇ ଅଛନ୍ତି । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଦିଗପାଲ ଚନ୍ଦ୍ର ଝା ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସୁନନ୍ଦ ଶତପଥୀ, ପିତା - ଦୀନବନ୍ଧୁ ଶତପଥୀ, ସା/ପୋ - କୃଷ୍ଣପୁର ଶାସନ, ଥା - ବାଲିଚନ୍ଦ୍ରପୁର, ଜିଲ୍ଲା - ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସଚିବ

### GOVERNMENT OF ODISHA
### OFFICE OF THE EXECUTIVE ENGINEER
### MINOR IRRIGATION DIVISION, SAMBALPUR

Phone No.(0663)-2412791, E-mail : eemisbp@yahoo.co.in

**'e' Procurement Notice**

**Bid Reference No. EE MID SBP 21/2018-19**

No.160// MID Date.17.01.2019

No.1177-A: Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works:- | Civil construction works. |
| 2 | No of Works:- | 2 (Two) Nos. |
| 3 | Estimated cost:- | Varies approximately from Rs.57.00 lakh to Rs.65.80 lakh |
| 4 | Period of completion | 04 (Four) Calendar months |
| 5 | Date and Time of availability of bid documents in the portal :- | From dt.05.02.2019 at.10.00 AM to dt.18.02.2019 up to 5.00 PM. |
| 6 | Last date / time of receipt of bids in the portal :- | Dt.18.02.2019 up to 5.00 PM |
| 7 | Date of opening of Bid:- | Dt.19.02.2019 at 11.00 AM onwards |
| 8 | Name and address of the OIT:- | Executive Engineer, Minor Irrigation Division, Sambalpur |

**Further details can be seen from the e-Procurement market place **http://tendersodisha.gov.in**.

**Sd./- 17.01.2019**
**Executive Engineer**
**M.I.Division, Sambalpur**

32036/11/0023/1819

### DISTRICT PLANNING & MONITORING UNIT (P&S), NUAPADA
### TENDER CALL NOTICE

**Tender Call Notice No: 143** **Date : 25.01.2019**

1. On behalf of COLLECTOR & DISTRICT MAGISTRATE, NUAPADA, ODISHA sealed bids are invited from eligible resourceful, experienced & bonafide contractors as per the enclosed list (Table-1).

**Table - 1 : Date & Time Schedule**

| | | |
|---|---|---|
| 1 | Name of the Work | Supply, Installation and Commissioning of CCTV Surveillance System for Nuapada. Odisha |
| 2 | Estimated Cost | 90.00 Lakh |
| 3 | Period of completion | 2 Months |
| 4 | Earnest Money (1% of EC) | Rs. 90,000.00 |
| 5 | Tender Paper Cost (Non Refundable) | Rs. 10,000.00 |
| 6 | Tender Publication Date | 25.01.2019 |
| 7 | Starting of Document Download | 25.01.2019 |
| 8 | Last Date of Bid Submission | 08.02.2019 |
| 9 | Opening of Technical Bid & Financial Bid | 12.02.2019, 11.00 AM |

Details of the projects and all terms & conditions can be downloaded from the District Website namely: - **www.nuapada.nic.in** from 25.01.2019 to 08.02.2019. The last date for receipt of the tender complete in all respect is 08.02.2019 up to 3.00 PM through Registered Post /Speed Post only. All other mode of submission of Tender will be rejected.

**Sd./- Collector & District Magistrate, Nuapada**

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୨୮ ଜାନୁୟାରୀ, ୨୦୧୯





ଯଥେଷ୍ଟ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ହୋଇସାରିଛି । ଏଥର ଆମ ଦେଶକୁ ସିଙ୍ଗଲ୍ସ ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିବା।
–ମହେଶ ଭୂପତି, ଭାରତର ପୂର୍ବତନ ଟେନିସ୍ ଖେଳାଳି



ଇଞ୍ଜୁରୀ ପାଇଁ ଖେଳକୁ ଫେରିବା ଅସମ୍ଭବ ଥିବାବେଳେ ଅଷ୍ଟ୍ରେଲିଆନ ଓପନ୍‌ରେ ରନର୍ସଅପ୍ ମୋ ପାଇଁ ଟାଇଟଲ ବିଜୟ ଭଳି।
–ପେତ୍ରା କ୍ୱିଟୋଭା, ଚେକ୍‌ରିପବ୍ଲିକ ଟେନିସ୍ ଖେଳାଳି

## ସଂକ୍ଷେପରେ

### ଶ୍ରୀୟଙ୍କାଙ୍କୁ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୨୭।୧(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ଶ୍ରୀୟଙ୍କା ଷଡ଼ଙ୍ଗୀ ଜର୍ମାନୀର ମ୍ୟୁନିକ୍‌ଠାରେ ଅନୁଷ୍ଠିତ ଏଚ୍ ଆଣ୍ଡ ଏନ୍ କପ୍ ଅନ୍ତର୍ଜାତୀୟ ଶୁଟିଂ ପ୍ରତିଯୋଗିତାର ମିକ୍ସଡ୍ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଗତ ୨୩ରେ ଆରମ୍ଭ ହୋଇ ରବିବାର ଶେଷ ହୋଇଥିଲା। କିଟ୍ ବିଶ୍ୱବିଦ୍ୟାଳୟରେ ଏମବିଏ ପ୍ରଥମବର୍ଷର ଛାତ୍ରୀ ଶ୍ରୀୟଙ୍କା ୨୦୦୯ରୁ ଭାରତୀୟ ଶୁଟିଂ ଦଳର ସଦସ୍ୟଭାବେ ଖେଳି ଆସୁଛନ୍ତି। ସେ ଏକମାତ୍ର ଓଡ଼ିଆଭାବେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଶୁଟିଂ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଶ୍ରୀୟଙ୍କାଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଅଧିକ ସଫଳତା ଅର୍ଜନ କରିବା ପାଇଁ ଶୁଭକାମନା ଜଣାଇଛନ୍ତି।

### ତେନ୍ଦୁଲକର, ଆଫ୍ରିଦୀଙ୍କ ରେକର୍ଡ ଭାଙ୍ଗିଲେ ପୌଡେଲ

**ଦୁବାଇ, ୨୭।୧ (ପି.ଟି.):** ଏକ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ସର୍ବକନିଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଅର୍ଦ୍ଧଶତକ ହାସଲ କରି ନେପାଳର ରୋହିତ ପୌଡେଲ ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ଦୀର୍ଘ ୨୯ବର୍ଷର ରେକର୍ଡକୁ ସେ ଭଙ୍ଗ କରିଦେଇଛନ୍ତି। ପୌଡେଲ ୧୬ ବର୍ଷ ୧୪୬ ଦିନରେ ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଦୁବାଇଠାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ଦିନିକିଆରେ ସେ ୫୮ ବଲ୍‌ରେ ୫୫ ରନ କରିଥିଲେ। ନେପାଳ ଏହି ମ୍ୟାଚରେ ସଂଯୁକ୍ତ ଆରବ ଏମିରେଟ୍ସକୁ ୧୪୫ ରନରେ ପରାସ୍ତ କରିଥିଲା। ତେନ୍ଦୁଲକର ୧୯୮୯ରେ ଫୈସଲାବାଦଠାରେ ପାକିସ୍ତାନ ବିପକ୍ଷ ଏକ ଟେଷ୍ଟ ମ୍ୟାଚରେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେତେବେଳକୁ ତାଙ୍କୁ ୧୬ ବର୍ଷ ୨୧୩ ଦିନ ହୋଇଥିଲା। ପୌଡେଲ ଆହୁରି ମଧ ଶାହିଦ ଆଫ୍ରିଦୀଙ୍କୁ ପଛରେ ପକାଇ ଜଣେ ସର୍ବକନିଷ୍ଠ ଖେଳାଳି ଭାବେ ଅନ୍ତର୍ଜାତୀୟ ଦିନିକିଆ ଅର୍ଦ୍ଧଶତକ ହାସଲ କରିବା ସୌଭାଗ୍ୟ ଅର୍ଜନ କରିଛନ୍ତି। ଆଫ୍ରିଦୀଙ୍କୁ ଯେତେବେଳେ ୧୬ ବର୍ଷ ଓ ୨୧୭ ଦିନ ହୋଇଥିଲା, ସେ ଶ୍ରୀଲଙ୍କା ବିପକ୍ଷରେ ୩୭ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ଦକ୍ଷିଣ ଆଫ୍ରିକା ମହିଳା ଖେଳାଳି ଜୋହମାରି ଲଗ୍‌ଟେନବର୍ଗ ମାତ୍ର ୧୪ବର୍ଷ ବୟସରେ ଉଭୟ ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ଅର୍ଦ୍ଧ ଶତକ ହାସଲ କରିଛନ୍ତି।

### ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍‌ର ବୃହତ୍ ବିଜୟ

**ବ୍ରିଜ୍‌ଟାଉନ୍, ୨୭।୧(ପି.ଟି.):** ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ୱେଷ୍ଟଇଣ୍ଡିଜ୍ ବୃହତ୍ ୩୮୧ ରନରେ ବିଜୟ ହାସଲ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୱେଷ୍ଟଇଣ୍ଡିଜ୍ ୧-୦ରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂକରି ୨୮୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୭୭ ରନରେ ଅଲଆଉଟ ହୋଇଥିଲା। ଫଳରେ ୱେଷ୍ଟଇଣ୍ଡିଜ୍ ୨୧୨ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଏହା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ୍ ୬ ଉଇକେଟ ହରାଇ ୪୧୫ ରନରେ ପାଳି ଘୋଷଣା କରିଥିଲା। ଫଳରେ ଇଂଲଣ୍ଡ ସମ୍ମୁଖରେ ୬୨୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ଚତୁର୍ଥ ଦିନରେ ୮୦.୪ ଓଭରରେ ୨୪୬ ରନ କରି ଅଲଆଉଟ ହୋଇ ପରାଜୟ ବରଣ କରିଥିଲା। ଦ୍ୱିତୀୟ ଇନିଂସରେ ଅପରାଜିତ ୨୦୨ ରନର ଅପରାଜିତ ଦ୍ୱିଶତୀକୟ ପାଳି ଖେଳିଥିବା ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଉଇକେଟ କିପର ବ୍ୟାଟ୍ସମ୍ୟାନ ଶେନ ଡୋରିଚ୍ ମଧ ଅପରାଜିତ ୧୧୬ ରନର ଶତକୀୟ ପାଳି ଖେଳିଥିଲେ। ସପ୍ତମ ଉଇକେଟ ଯୋଡିରେ ହୋଲ୍ଡର ଓ ଡୋରିଚ୍ ଅପରାଜିତ ୨୯୫ ରନ ସଂଗ୍ରହ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ମାଉଣ୍ଟ ମାଉଁଗାନୁଇ, ୨୭।୧(ପି.ଟି.)

ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ସୋମବାର ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଭାରତ ମଧ୍ୟରେ ଆୟୋଜନ ହେବାକୁ ଯାଉଛି ତୃତୀୟ ଦିନିକିଆ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ବୃହତ୍ ବିଜୟ ହାସଲ କରି ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨–୦ରେ ଅଗ୍ରଣୀ ହାସଲ କରିଛି। ଫଳରେ ତୃତୀୟ ମ୍ୟାଚ୍ ଜିତି ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୩–୦ରେ ଅଗ୍ରଣୀ ହାସଲ କରିବା ସହ ଆଗୁଆ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ଏହାପୂର୍ବରୁ ଅଷ୍ଟ୍ରେଲିଆରେ ଭାରତ ଟେଷ୍ଟ ଓ ଦିନିକିଆ ସିରିଜରେ ବିଜୟୀ ହୋଇ ଇତିହାସ ସୃଷ୍ଟି କରିଥିଲା। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ପାଇଁ ସିରିଜର ଅନ୍ତିମ ଦୁଇଟି ମ୍ୟାଚ୍‌ରୁ କୋହଲିଙ୍କୁ ଅନ୍ତିମ ଦୁଇଟି ମ୍ୟାଚ୍ ସହ ଟି୨୦ ସିରିଜରୁ ବିଶ୍ରାମ ଦିଆଯାଇଛି। ଫଳରେ କୋହଲି ନିଜ ନେତୃତ୍ୱରେ ସିରିଜ ଜିତିବା ପାଇଁ ପ୍ରୟାସ କରିବେ। ଏହା ପୂର୍ବରୁ ୨୦୧୪ ଗସ୍ତରେ ଭାରତ ୦–୪ରେ ନ୍ୟୁଜିଲାଣ୍ଡଠାରୁ ସିରିଜ ପରାଜୟ ବରଣ କରିଥିଲା। ତେଣୁ ଭାରତ ଏହି ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି।

ଏହି ମ୍ୟାଚ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଏକ ଟିଭି ଶୋ'ରେ ମହିଳାଙ୍କ ପ୍ରତି ଅଶୋଭନୀୟ ମନ୍ତବ୍ୟ ଦେଇ ପାଣ୍ଡ୍ୟା ବାସନ୍ଦ ହୋଇଥିଲେ। ଫଳରେ ଗସ୍ତ ଅଧାରୁ ତାଙ୍କୁ ସ୍ୱଦେଶ ଫେରାଇ ଦିଆଯାଇଥିଲା। ତେବେ ତାଙ୍କ ଉପରେ ବାସନ୍ଦ ଉଠାଇ ଦିଆଯାଇଥିବାରୁ ସେ ଦଳରେ ପୁଣି ସାମିଲ ହୋଇଛନ୍ତି। ପାଣ୍ଡ୍ୟ ଫେରିବା ପରେ ଦଳ ସନ୍ତୁଳିତ ହେବା ସହ ଦୃଢ ହେବ। ପାଣ୍ଡ୍ୟାଙ୍କ ବଦଳରେ ତାମିଲନାଡୁ ଅଲରାଉଣ୍ଡର ବିଜୟ ଶଙ୍କର ଖେଳିବାର ସୁଯୋଗ ହାସଲ କରିଥିଲେ। ଦ୍ୱିତୀୟ ଦିନିକିଆରେ ସେ ମାତ୍ର ୨ ଓଭର ବୋଲିଂ କରିବାର ସୁଯୋଗ ପାଇଥିଲେ। ଶଙ୍କର ଏପର୍ଯ୍ୟନ୍ତ ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ସେ ପାଣ୍ଡ୍ୟାଙ୍କ ଭଳି ପ୍ରଭାବୀ ପ୍ରଦର୍ଶନ କରି ନ ଥିବା ଲକ୍ଷ୍ୟ କରାଯାଇଛି। ପାଣ୍ଡ୍ୟ ଉଭୟ ବଲ ଓ ବ୍ୟାଟ୍‌ରେ କମାଲ କରିବାର କ୍ଷମତା ରଖନ୍ତି। ଏକଥା ମଧ ସେ ପୂର୍ବରୁ ପ୍ରମାଣ କରିଛନ୍ତି। ଗତ କେତୋଟି ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲେ ମଧ ପାଣ୍ଡ୍ୟାଙ୍କ ଅନୁପସ୍ଥିତି ଦଳର ସନ୍ତୁଳନକୁ ପ୍ରଭାବିତ କରିଥିବା ଲକ୍ଷ୍ୟ କରାଯାଇଛି।

ଅପରପକ୍ଷରେ ଘରୋଇ ଦଳର ଅଧିନାୟକ କେନ୍ ୱିଲିୟମସନ ଫର୍ମରେ ରହିଛନ୍ତି। ପ୍ରଥମ ଦିନିକିଆରେ ସେ ସର୍ବାଧିକ ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ଦିନିକିଆରେ ମଧ ସେ ତାଙ୍କ ଛୋଟିଆ ଇନିଂସରେ ଦମ୍ ଦେଖାଇଥିଲେ। ସେହିପରି ଡଗ୍ ବ୍ରାସ୍‌ୱେଲ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ଓ ଅନ୍ୟମାନେ ବିଫଳ ହୋଇଥିଲେ। ତେଣୁ ଏହି ମ୍ୟାଚ୍ ଜିତି ନ୍ୟୁଜିଲାଣ୍ଡ ସିରିଜ ବଞ୍ଚାଇବାକୁ ଚେଷ୍ଟା କରିବ। ତେବେ ଏଥିପାଇଁ ନ୍ୟୁଜିଲାଣ୍ଡକୁ ଉଭୟ ବୋଲିଂ ଓ ବ୍ୟାଟିଂରେ ଉଚ୍ଚକୋଟୀର ପ୍ରଦର୍ଶନ କରିବାକୁ ପଡିବ।

**ତୃତୀୟ ଦିନିକିଆ ଆଜି**
**ସମୟ: ସକାଳ ୭.୩୦**
**ସ୍ଥାନ: ବେ ଓଭାଲ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ଦୀନେଶ କାର୍ତ୍ତିକ, ବିଜୟ ଶଙ୍କର, ଶୁଭମନ ଗିଲ୍, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ମହମ୍ମଦ ସିରାଜ, ଖଲିଲ ଅହମ୍ମଦ, ରବୀନ୍ଦ୍ର ଜାଡେଜା ଓ ହାର୍ଦ୍ଦିକ ପାଣ୍ଡ୍ୟା।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ରସ ଟେଲର, ଟମ୍ ଲାଥମ, ମାର୍ଟିନ ଗୁପ୍ଟିଲ, କଲିନ୍ ଡି ଗ୍ରାଣ୍ଡହୋମ, ଟ୍ରେଣ୍ଟ ବୋଲ୍ଟ, ହେନେରୀ ନିକୋଲ୍ସ, ଡଗ୍ ବ୍ରାସ୍‌ୱେଲ, ଲୋକି ଫର୍ଗୁସନ, ମ୍ୟାଟ ହେନେରୀ, କଲିନ୍ ମୁନରୋ, ଇଶ୍ ସୋଧି, ମିଚେଲ ସାଣ୍ଟନର ଓ ଟିମ୍ ସୌଦି।

## ଦ୍ୱିତୀୟ ଦିନିକିଆରେ ଭାରତ ବିଜୟୀ

ଶନିବାର ବେ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୯୦ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୨୪ ରନ ବୃହତ୍ ସ୍କୋରର ପିଛା କରି ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ୨୩୪ ରନ କରି ଅଲଆଉଟ ହୋଇ ଯାଇଥିଲା। ବ୍ୟକ୍ତିଗତ ୮୭ ରନ ସ୍କୋର କରିବାସହ ଭାରତର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିବା ରୋହିତ ଶର୍ମା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ବିଜୟ ଫଳରେ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୨–୦ରେ ଅଗ୍ରଣୀଲାଭ କରିଛି। ସିରିଜର ତୃତୀୟ ମ୍ୟାଚ ସୋମବାର ଏଠାରେ ଅନୁଷ୍ଠିତ ହେବ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ରୋହିତଙ୍କ ୮୭(୯୬ ବଲ, ୯ ଚୌକା, ୩ ଛକା), ଶିଖର ଧାୱନଙ୍କ ୬୬(୬୭ ବଲ, ୯ ଚୌକା), ଅଧିନାୟକ ବିରାଟ କୋହଲିଙ୍କ ୪୩(୪୫ ବଲ, ୫ ଚୌକା), ଅମ୍ବାତି ରାୟୁଡୁଙ୍କ ୪୭(୪୯ ବଲ, ୩ ଚୌକା, ୧ ଛକା) ଏବଂ ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କ ୪୮(୩୩ ବଲ, ୫ ଚୌକା, ୧ ଛକା) ଓ କେଦାର ଯାଦବଙ୍କ ଦ୍ରୁତ ୨୨(୧୦ ବଲ, ୩ ଚୌକା, ୧ ଛକା) ରନର ଇନିଂସ ସହାୟତାରେ ୫୦ ଓଭରରେ ୪ ଉଇକେଟ ହରାଇ ୩୨୪ ରନ କରିଥିଲା। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ଟ୍ରେଣ୍ଟ ବୋଲ୍ଟ ଓ ଲୋକି ଫର୍ଗୁସନ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ବଡ଼ ପାର୍ଟନରଶିପ୍ ଅଭାବରୁ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ଯାଇଥିଲା। ଦଳ ପକ୍ଷରୁ କେବଳ ଡଗ୍ ବ୍ରାସ୍‌ୱେଲ ୫୭ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଟମ୍ ଲାଥାମ ୩୪ ଓ କଲିନ ମୁନ୍‌ରୋ ୩୧ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ୪, ଭୁବନେଶ୍ୱର କୁମାର ଓ ଯୁଜବେନ୍ଦ୍ର ଚହଲ ୨ଟି ଲେଖାଏ ଏବଂ ମହମ୍ମଦ ସାମି ଓ କେଦାର ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ନ୍ୟୁଜିଲାଣ୍ଡର ଉଇକେଟ୍ ପତନ ପରେ ଖୁସି ମୁହୂର୍ତ୍ତରେ ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ।

### ସଂକ୍ଷିପ୍ତ ସ୍କୋର

ଭାରତ ୫୦ ଓଭରରେ ୩୨୪/୪(ରୋହିତ–୮୭, ଶିଖର–୬୬, ଧୋନୀ–୪୮*, ରାୟୁଡୁ–୪୭, କୋହଲି–୪୩, ବୋଲ୍ଟ–୨/୬୧, ଫର୍ଗୁସନ–୨/୮୧)। ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ୨୩୪/ଅଲଆଉଟ(ବ୍ରାସୱେଲ–୫୭, ଲାଥାମ–୩୪, ମୁନ୍‌ରୋ–୩୧, କୁଲଦୀପ–୪/୪୫, ଭୁବନେଶ୍ୱର–୨/୪୨, ଯୁଜବେନ୍ଦ୍ର–୨/୫୨, ସାମି–୧/୪୩, କେଦାର–୧/୩୫)।

## ପରାଜୟରୁ ଭାରତୀୟ ମହିଳା ହକି ଦଳର ଅଭିଯାନ

ମୁର୍ସିଆ(ସ୍ପେନ୍),୨୭।୧(ପି.ଟି.)

ସ୍ପେନ୍ ଗସ୍ତରେ ଯାଇଥିବା ଭାରତୀୟ ମହିଳା ହକି ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ଲଢ଼େଇ କରିଥିଲେ ମଧ ଆୟୋଜକ ସ୍ପେନ୍‌ଠାରୁ ୨–୩ ଗୋଲରେ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଉଦିତା ଦ୍ୱାଦଶ ମିନିଟ୍‌ରେ ପ୍ରଥମ ଓ ଗୁରଜିତ୍ କୌର ୪୮ତମ ମିନିଟ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ ସ୍ପେନ ତରଫରୁ ୨୩ତମ ମିନିଟରେ ମାରିଆ ଟୋଷ୍ଟ, ୩୯ତମ ମିନିଟରେ ଲୋଲା ରେଇରା ଓ ୪୦ତମ ମିନିଟରେ ବେଗୋନା ଗାର୍ସିଆ ଗୋଲ ସ୍କୋର କରିଥିଲେ।

## ସୌରାଷ୍ଟ୍ର ଫାଇନାଲ ନିକଟତର

କର୍ଣ୍ଣାଟକ, ୨୭।୧(ପି.ଟି.)

ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରାଙ୍କ ଅପରାଜିତ ଶତକ ବଳରେ ସୌରାଷ୍ଟ୍ର ଟିମ୍ ଚଳିତ ରଣ୍ଜୀ ଟ୍ରଫି ଫାଇନାଲର ନିକଟତର ହୋଇଛି। ୨ୟ ସେମିଫାଇନାଲ ମ୍ୟାଚ୍‌ରେ ଘରୋଇ କର୍ଣ୍ଣାଟକ ପକ୍ଷରୁ ଧାର୍ଯ୍ୟ ୨୭୯ ରନର ଟାର୍ଗେଟ୍‌କୁ ପିଛା କରି ସୌରାଷ୍ଟ୍ର ରବିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ୟ ଇନିଂସରେ ୩ ଉଇକେଟ୍ ହରାଇ ୨୨୪ ରନ ସଂଗ୍ରହ କରିଛି। ପୂଜାରା ୨୧୬ ବଲରୁ ୧୦୮ ରନ (୧୪ ଚୌକା) ଓ ସେଲଡନ୍ ଜ୍ୟାକସନ ୯୦ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ପୂଜାରାଙ୍କ ଏହା ୪୯ତମ ଶତକ ଥିଲା। ଉଭୟ ପୂଜାରା ଓ ଜ୍ୟାକସନଙ୍କ ମଧ୍ୟରେ ଅସମାପ୍ତ ୪ର୍ଥ ଉଇକେଟ୍ ଭାଗୀଦାରିରେ ୨୦୧ ରନ୍ ସଂଗୃହିତ ହୋଇଛି। କର୍ଣ୍ଣାଟକ ପକ୍ଷରୁ ଆର୍. ବିନୟ କୁମାର ୨ ଓ ଅଭିମନ୍ୟୁ ମିଥୁନ ଗୋଟିଏ ଉଇକେଟ୍ ଅକ୍ତିଆର କରିଛନ୍ତି। ସୋମବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ସୌରାଷ୍ଟ୍ରକୁ ଫାଇନାଲରେ ସ୍ଥାନ ପକ୍କା କରିବା ପାଇଁ ଆଉ ୫୫ ରନ୍ ଆବଶ୍ୟକ ହେଉଛି। ପୂର୍ବରୁ ପ୍ରଥମ ଦଳ ଭାବେ ଡିଫେଣ୍ଡିଂ ଚାମ୍ପିୟନ ବିଦର୍ଭ ଫାଇନାଲରେ ସ୍ଥାନ ସୁରକ୍ଷିତ କରିସାରିଛି।



ରାଜ୍ୟ ଜୁନିୟର କୁସ୍ତି ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ ।

## ଜାତୀୟ ଜୁନିୟର କୁସ୍ତି ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୨୭।୧(କ୍ରୀଡ଼ା ପ୍ରତିନିଧି)

ଫେବୃୟାରୀ ୧ରୁ ୪ ପର୍ଯ୍ୟନ୍ତ ଗୁଜରାଟରେ ଜାତୀୟ ଜୁନିୟର କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ କୁସ୍ତି ପ୍ରତିଯୋଗିତା କରାଯାଇ ଓଡ଼ିଶା ଦଳ ମନୋନୟନ କରାଯାଇଛି। ପୁରୁଷ ବିଭାଗରେ ସଦାଶିବ ବାରିକ, ସତ୍ୟପ୍ରକାଶ ବେହେରା, କୃଷ୍ଣଚନ୍ଦ୍ର ଖୁଣ୍ଟିଆ, କରମା ଦାସ, ଲୋକନାଥ ପାଢ଼ୀ, କାହ୍ନୁଚରଣ ସୋରେନ, କାଳୀପ୍ରସାଦ ବେହେରା, ଜ୍ୟୋତିଜୀବନ ଜେନା, ଶିବଶଙ୍କର ପୂଜାପଣ୍ଡା, ଅଭିଷେକ ନାୟକ ଓ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ଏବଂ ମହିଳା ବିଭାଗରେ ରୋଜାଲିନ ପାଲ୍, ଅର୍ଚ୍ଚନା ପଟ୍ଟନାୟକ, ଶିବାନୀ ଜେନା, ବନିତା ପାତ୍ର, ପୂଜା ମହାରଣା, ଚିନ୍ମୟୀ ସାମଲ, ମଧୁସ୍ମିତା ଦେବନାଥ, ବିଉଟି ସାମଲ, ରାଜମହିଣି ମୁଖି ଓ ଶିଳ୍ପା ସାହୁ କୃତିତ୍ୱ ଅର୍ଜନ କରିଛନ୍ତି। ରାଜ୍ୟ ପ୍ରତିଯୋଗିତାକୁ ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ଶ୍ୟାମସୁନ୍ଦର ମହାପାତ୍ର, କୃଷ୍ଣମୋହନ ପାତ୍ର, ସନ୍ତୋଷ ସାହୁ, ପ୍ରକାଶ ମହାରଣା ପରିଚାଳନା କରିଥିଲେ। ରାଜ୍ୟ କୁସ୍ତି ଆସୋସିଏଶନର ସାଧାରଣ ସମ୍ପାଦକ ବିନୋଦ ଦାସ, ଉପସଭାପତି ସନ୍ତୋଷ କୁମାର ଦାସ, କୋଷାଧ୍ୟକ୍ଷ ଦେବେନ୍ଦ୍ର ସାହୁ, କିଶୋର ବେହେରା, ଭାରତ ଭୂଷଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଇଣ୍ଡୋନେସିଆ ମାଷ୍ଟର୍ସ: ସାଇନା ଚାମ୍ପିୟନ

ଜାକର୍ତ୍ତା,୨୭।୧(ପି.ଟି.)

ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ତାରକା ସାଇନା ନେହ୍ୱାଲ ଇଣ୍ଡୋନେସିଆ ମାଷ୍ଟର୍ସ ଟାଇଟଲ ହାସଲ କରିଛନ୍ତି। ଦୀର୍ଘ ଦୁଇବର୍ଷ ପରେ ସେ ତାଙ୍କର ପ୍ରଥମ ବିଡବ୍ଲ୍ୟୁଏଫ୍ ଟାଇଟଲ ଜିତିଛନ୍ତି। ରବିବାର ଏଠାରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରୁ ୩ଥର ବିଶ୍ୱଚାମ୍ପିୟନଶିପ୍ ଟାଇଟଲ ତଥା ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସ୍ପେନ୍‌ର କାରୋଲିନା ମାରିନ୍ ଗୋଡରେ ଆଘାତ ସମସ୍ୟା କାରଣରୁ ଓହରିଯାଇଥିଲେ। ଫଳରେ ସାଇନା ଚାମ୍ପିୟନ ଘୋଷିତ ହୋଇଥିଲେ। ପୂର୍ବରୁ ୨୦୧୭ରେ ସାଇନା ମାଲେସିଆରେ ଶେଷଥର ପାଇଁ ବିଡବ୍ଲ୍ୟୁଏଫ୍ ଟାଇଟଲ ହାସଲ କରିଥିଲେ। ମାରିନ୍ ଓହରିବା ବେଳକୁ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ପ୍ରଥମ ଗେମ୍‌ରେ ୪–୧୦ରେ ପଛାଇଥିଲେ। ଫାଇନାଲ ମୁକାବିଲାରେ ଭଲ ଆରମ୍ଭ କରିଥିଲେ ମଧ ମାରିନ ଆହତ ହୋଇ ଓହରିଯିବା ଦୁର୍ଭାଗ୍ୟଜନକ ବୋଲି ସାଇନା କହିଛନ୍ତି। ଗତବର୍ଷ ମଧ ସାଇନା ଆଘାତ ସମସ୍ୟା ଦେଇ ଗତି କରିଥିଲେ। ତେବେ ଏହା ପରେ ସାଇନା ଦୃଢ଼ ପ୍ରତ୍ୟାବର୍ତ୍ତନ କରିବାକୁ ସକ୍ଷମ ହୋଇଛନ୍ତି। ଏହି ଟୁର୍ନାମେଣ୍ଟର ସେମିଫାଇନାଲ ଓ ଫାଇନାଲ ଖେଳିପାରିଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେକରୁଛି। ସାଇନା ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ଏସିଆନ ଗେମ୍ସରେ ସେ ବ୍ରୋଞ୍ଜ୍ ଜିତିଥିଲେ। ଏହା ବ୍ୟତୀତ ସେ ଡେନ୍‌ମାର୍କ, ଇଣ୍ଡୋନେସିଆ ମାଷ୍ଟର୍ସ ଓ ସୟଦ ମୋଦି ଆନ୍ତର୍ଜାତିକ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ।



ପଦକ ସହ ସାଇନା ନେହ୍ୱାଲ।

# ଜୋକୋଭିଚ୍‌ଙ୍କୁ ୭ମ ଅଷ୍ଟ୍ରେଲିଆନ ଓପନ ଟାଇଟଲ

ମେଲବୋର୍ନ, ୨୭।୧ (ଏଏଫ୍‌ପି)

**ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍**

ରବିବାର ଫାଇନାଲରେ ରାଫାଲ ନାଡାଲଙ୍କୁ ୬–୩, ୬–୨, ୬–୩ ସେଟ୍‌ରେ ପରାସ୍ତ କରି ନୋଭାକ୍ ଜୋକୋଭିଚ୍ ରେକର୍ଡ ୭ମ ଥର ପାଇଁ ଅଷ୍ଟ୍ରେଲିଆନ ଓପନ୍ ଟେନିସ୍ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ବିଶ୍ୱର ନମ୍ବର ୱାନ ସର୍ବୀୟ ଖେଳାଳିଙ୍କ ଏହା ହେଉଛି ମୋଟ ଉପରେ ୧୫ ତମ ଗ୍ରାଣ୍ଡସ୍ଲାମ ଟାଇଟଲ। ରୋଜର ଫେଡରର ଓ ରଏ ଇମର୍ସନ ପୂର୍ବରୁ ୬ଥର ଲେଖାଏଁ ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିପାରିଛନ୍ତି। ୩୧ବର୍ଷୀୟ ଜୋକୋଭିଚ୍ ତାଙ୍କୁ ଅତିକ୍ରମ କରିଯାଇଛନ୍ତି। ରଡ୍ ଲାଭର ଆରେନାଠାରେ ତ୍ରୁଟିହୀନ ଖେଳ ପ୍ରଦର୍ଶନ ସହ ସେ ଏହି ମ୍ୟାଚକୁ ୨ଘଣ୍ଟା ୪ମିନିଟ୍‌ରେ ଜିତିନେଇଥିଲେ। ୨୦୧୨ରେ ଅଷ୍ଟ୍ରେଲିଆନ ଓପନ ଫାଇନାଲ ୫ ଘଣ୍ଟା ୫୩ ମିନିଟ ଧରି ଚାଲିଥିଲା। ଗ୍ରାଣ୍ଡସ୍ଲାମ ଇତିହାସର ଏହାକୁ ସବୁଠାରୁ ଦୀର୍ଘତମ ମ୍ୟାଚ ବୋଲି ବିବେଚନା କରାଯାଇ ଆସୁଛି। ଏଠାରେ ତାହାର ପୁନରାବୃତ୍ତି ଦେଖିବାକୁ ମିଳି ନ ଥିଲା। ମ୍ୟାଚ ଆରମ୍ଭରେ ନାଡାଲ ନର୍ଭସ ହୋଇ ପଡ଼ିବାରୁ ଜୋକୋଭିଚ୍ ସେଥିରୁ ତୁରନ୍ତ ଫାଇଦା ଉଠାଇଥିଲେ। ମ୍ୟାଚ୍‌ପରେ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହାଥିଲା ମୋ ଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ ଫାଇନାଲ। ନାଡାଲଙ୍କ ବିପକ୍ଷରେ ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲି। ଅନ୍ୟପକ୍ଷରେ ନାଡାଲ କହିଛନ୍ତି ୨୦୧୮ରେ ଆଘାତଜନିତ ସମସ୍ୟା ପରଠାରୁ ମୁଁ ଏପର୍ଯ୍ୟନ୍ତ ମୋର ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନାହିଁ।





ମହିଳା ସିଙ୍ଗଲ୍ସ ଟ୍ରଫି ସହ ନାଓମି ଓସାକା । ପୁରୁଷ ସିଙ୍ଗଲ୍ସ ଫାଇନାଲରେ ରାଫାଲ ନାଡାଲଙ୍କୁ ହରାଇବା ପରେ ନୋଭାକ ଜୋକୋଭିଚ୍ ।

### ଓସାକା ନୂଆ ଚାମ୍ପିୟନ

୨୧ ବର୍ଷୀୟା ଜାପାନ ମହିଳା ଟେନିସ୍ ତାରକା ନାଓମି ଓସାକା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆ ଓପନ୍ ଟେନିସ୍ ଟାଇଟଲ ହାସଲ କରିଛନ୍ତି। ଶନିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ଚତୁର୍ଥ ସିଡ ମାନ୍ୟତା ପାଇଥିବା ଓସାକା ୭–୬, ୫–୭, ୬–୪ ସେଟ୍‌ରେ ଅଷ୍ଟମ ସିଡ୍ ଚେକ୍ ଗଣରାଜ୍ୟର ପେଟ୍ରା କ୍ୱିଟୋଭାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ବିଜୟୀ ହେବା ପାଇଁ ଓସାକାଙ୍କୁ ୨ ଘଣ୍ଟା ୨୭ ମିନିଟ ସମୟ ଆବଶ୍ୟକ ହୋଇଥିଲା। ଏଥିସହିତ ସେ ପ୍ରଥମ ଏସୀୟ ଖେଳାଳି ଭାବେ କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ୍ ଜିତି ଏକ ବିରଳ ସଫଳତା ହାସଲ କରିଛନ୍ତି। ଏହାପୂର୍ବରୁ ସେ ଗତ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ ଟାଇଟଲ ଜିତିଥିଲେ। ଏହାପୂର୍ବରୁ ମାର୍ଟିନା ହିଙ୍ଗିସ୍ ୧୯୯୮ରେ ଓ ସର୍ବକନିଷ୍ଠ ଖେଳାଳିଭାବେ କାରୋଲିନ ଓଜନିଆକି ୨୦୧୦ରେ କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ। ଏଥି ସହିତ ଓସାକା ବିଶ୍ୱ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନ ହାସଲ କରିଛନ୍ତି।

ନିଜ ପ୍ରଦର୍ଶନରେ ଓସାକା ଖୁସି ଜାହିର କରିଛନ୍ତି। ଅନ୍ୟପଟେ କ୍ୱିଟୋଭା ଅସନ୍ତୋଷ ଜାହିର କରିଛନ୍ତି। ୨୦୧୬ରେ କ୍ୱିଟୋଭାଙ୍କୁ ଜଣେ ଦୁର୍ବୃତ୍ତ ଛୁରିରେ ଆକ୍ରମଣ କରିଥିଲା ଓ ତାଙ୍କ ହାତରେ ଆଘାତ ଲାଗିଥିଲା। ଏହି ଘଟଣା ପରେ ସେ ପ୍ରଥମଥର ପାଇଁ ଗ୍ରାଣ୍ଡସ୍ଲାମ ଫାଇନାଲ ମ୍ୟାଚ୍ ଖେଳିଥିଲେ।

## ଜାତୀୟ ସିନିୟର ହକିରେ ନିଶାନ୍ ଟେକ୍ନିକାଲ ଅଫିସିଆଲ

ଭୁବନେଶ୍ୱର, ୨୭।୧(କ୍ରୀଡ଼ା ପ୍ରତିନିଧି)

ଜାତୀୟ ସିନିୟର ହକି(ଡିଭିଜନ–ଏ)ର ୯ମ ସଂସ୍କରଣ ଗ୍ୱାଲିୟରଠାରେ ଚଳିତମାସ ୩୧ରୁ ଫେବୃୟାରୀ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଓଡ଼ିଶାର ନିଶାନ ଜ୍ୟୋତି ମହାନ୍ତି ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ନିର୍ବାହ କରିବେ। ମୁଁ ଦ୍ୱିତୀୟଥର ପାଇଁ ଏହି ଗୁରୁଦାୟିତ୍ୱ ବହନ କରିବାକୁ ଯାଉଛି। ଅନେକ ଜାତୀୟ/ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ମୁଁ ଅମ୍ପାୟର, ଅଫିସିଆଲ ଓ ଜଜ୍ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଛି। ତେଣୁ ହକି ଇଣ୍ଡିଆ ଖୁସି ହୋଇ ମୋ ଉପରେ ପୁଣି ଆସ୍ଥା ପ୍ରକଟ କରିଛି ବୋଲି ନିଶାନ ପ୍ରକାଶ କରିଛନ୍ତି।





ଶ୍ରୀଲଙ୍କା ବିପକ୍ଷରେ ବିପୁଳ ବିଜୟ ଦ୍ୱାରା ଆମେ ପୁନର୍ବାର ଶକ୍ତିଶାଳୀ ଦଳରେ ପରିଣତ ହେବାକୁ ଯାଉଥିବା ସୂଚିତ ହେଉଛି।–ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



ବିଶ୍ୱକପ୍ ପାଇଁ ଭାରତୀୟ କ୍ରିକେଟ ଦଳରେ ଅଲରାଉଣ୍ଡର ସ୍ଥାନ ଲାଗି ଏକାଧିକ ଖେଳାଳି ଦାବିଦାର ହେବା ଏକ ଭଲ ଲକ୍ଷଣ।

–କେଦାର ଯାଦବ, ଭାରତୀୟ କ୍ରିକେଟର

**ସଂକ୍ଷେପରେ**

## ବର୍ଣ୍ଣବୈଷମ୍ୟ ଆକ୍ଷେପ: ସର୍ଫରାଜ ୪ ମ୍ୟାଚ୍‌ରୁ ବାସନ୍ଦ



ଦୁବାଇ, ୨୭।୧(ପି.ଟି.): ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ପାକିସ୍ତାନ ଅଧିନାୟକ ସର୍ଫରାଜ ଅହମ୍ମଦଙ୍କୁ ୪ଟି ମ୍ୟାଚ୍‌ରୁ ବାସନ୍ଦ କରିଛି। ଡର୍ବାନରେ ଗତ ମଙ୍ଗଳବାର ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ଅବସରରେ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର ଆଣ୍ଡି ଫେଲୁକାଓ୍ୱଙ୍କ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିବାରୁ ଆଇସିସି ଶନିବାର ତାଙ୍କୁ ବାସନ୍ଦ କରିଛି। ସର୍ଫରାଜ ମଧ ଆଇସିସି ବର୍ଣ୍ଣବୈଷମ୍ୟ ଆଚରଣ ବିଧି ଉଲ୍ଲଂଘନ କରିଥିବା ସ୍ୱୀକାର କରିଛନ୍ତି। ୩୧ ବର୍ଷୀୟ ସର୍ଫରାଜ ଏବେ ଚଳିତ ସିରିଜ ଅନ୍ତିମ ଦୁଇଟି ଦିନିକିଆ ଓ ଫେବୃୟାରୀ ୧ ତାରିଖରୁ ଆରମ୍ଭ ହେବାକୁ ଥିବା ଟି୨୦ ସିରିଜର ପ୍ରଥମ ଦୁଇଟି ମ୍ୟାଚ ଖେଳିପାରିବେ ନାହିଁ। ବର୍ଣ୍ଣବୈଷମ୍ୟ ନେଇ ଆଇସିସି ତା'ର କଡ଼ା ଆଭିମୁଖ୍ୟ ସ୍ପଷ୍ଟ କରିଛି ଓ ଏଭଳି ଘଟଣାକୁ ବରଦାସ୍ତ କରାଯିବ ନାହିଁ ବୋଲି ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଡେଭିଡ ରିଚାର୍ଡଶନ କହିଛନ୍ତି। ମ୍ୟାଚ୍‌ର ୩୭ ତମ ଓଭରରେ ଉଇକେଟ କିପିଙ୍ଗ୍ କରିବା ବେଳେ ସର୍ଫରାଜ ଫେଲୁକାଓ୍ୱୋଙ୍କୁ ଆକ୍ଷେପ କରି କିଛି କହିଥିଲେ ଓ ତାହା ଷ୍ଟମ୍ପରେ ଥିବା ମାଇକ୍ରୋନ ଫୋନ୍‌ରେ ଶୁଣିବାକୁ ମିଳିଥିଲା। ଏହା ପରେ ଅବଶ୍ୟ ସର୍ଫରାଜ ଟୁଇଟ୍ କରି କ୍ଷମା ମାଗିଥିଲେ। ସେ ମଧ ଫେଲୁକାଓ୍ୱୋଙ୍କୁ କ୍ଷମା ମାଗିଥିଲେ। ଫେଲୁକାଓ୍ୱୋ ମଧ ତାଙ୍କୁ କ୍ଷମା କରିଦେଇଥିଲେ। ସର୍ଫରାଜଙ୍କ ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମଧ କ୍ଷମା ପ୍ରାର୍ଥନ କରିଥିଲା। ବର୍ଣ୍ଣବୈଷମ୍ୟ ଆଚରଣବିଧି ଅନୁଚ୍ଛେଦ ୭.୩ ଅନୁସାରେ ସର୍ଫରାଜ ଏକ ଶିକ୍ଷାଗତ କାର୍ଯ୍ୟକ୍ରମରେ ସାମିଲ ହେବେ।

# ସିଦ୍ଧେଶ୍ୱର ଚାମ୍ପିୟନ

ପୁରୁଣା ଭୁବନେଶ୍ୱର, ୨୭।୧(ଡି.ଏନ.ଏ.)

ବାଙ୍କୁଆଳ ଯୁବକସଂଘ ଓ ଭଗବତୀ ୟୁଥ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜଗବନ୍ଧୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କଟକର ସିଦ୍ଧେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ସ୍ଥାନୀୟ ବାଙ୍କୁଆଳ ଖେଳ ପଡ଼ିଆରେ ଅନୁଷ୍ଠିତ ଫାଇନାଲରେ ସିଦ୍ଧେଶ୍ୱର ସ୍ପୋର୍ଟିଂ ୪୧ ରନରେ ଫ୍ରେଣ୍ଡ୍ସ କ୍ଲବକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସିଦ୍ଧେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୮ ରନ କରିଥିଲା। ଜବାବରେ ଫ୍ରେଣ୍ଡ୍ସ କ୍ଲବ ପୂରା ୨୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୧୨୭ ରନ କରିବାକୁ ସକ୍ଷମ ହୋଇଥିଲା। ଭାଜପା ନେତା ଅମୀୟ ଦାଶ ଅତିଥିଭାବେ ଯୋଗଦେଇ ଟ୍ରଫି ସହ ଚାମ୍ପିୟନ ଦଳକୁ ୨୦,୦୦୦ ଓ ରନର୍ସଅପ୍ ଦଳକୁ ୧୫,୦୦୦ଟଙ୍କା ପ୍ରଦାନ କରିଥିଲେ। ସିଦ୍ଧେଶ୍ୱର ଦଳର ରସାନନ୍ଦ ସ୍ୱାଇଁ ମ୍ୟାନ ଅଫ ଦି ମ୍ୟାଚ ଏବଂ ଅମିତ ଦାସ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା, କର୍ପୋରେଟର ବିନୋଦିନୀ ଜେନା, ସାମାଜିକ କର୍ମୀ କବିରାଜ ସ୍ୱାଇଁ, ବାବୁ ସିଂ, ଉଗ୍ରସେନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋକ ସାମନ୍ତରାୟ, ସୁନୀଲ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ।



ଚାମ୍ପିୟନ ସିଦ୍ଧେଶ୍ୱର ସ୍ପୋର୍ଟିଂ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ରାଜ୍ୟସ୍ତରୀୟ ନେହେରୁ କପ୍ କବାଡ଼ି ଉଦ୍‌ଘାଟିତ

## ସେମିରେ ଯାଜପୁର, ଭୁବନେଶ୍ୱର, ଢେଙ୍କାନାଳ, ଓଡିଶା ପୋଲିସ

ରସୁଲପୁର, ୨୭।୧(ଡିଏନଏ)

ଯାଜପୁର ଜିଲା ରସୁଲପୁର ବ୍ଲକର ରସୁଲପୁର ପଞ୍ଚାୟତସ୍ଥିତ ନେହେରୁ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଯୁବନେତା ବିଶ୍ୱଜିତ୍ ପତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଓଡ଼ିଶା କବାଡି ରେଫରି ବୋର୍ଡର ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ସତ୍ୟବ୍ରତ ଦାସ, ବରିଷ୍ଠ ନାଗରିକ ନରେନ୍ଦ୍ର ପଣ୍ଡା, ଯୁବନେତା ବିଶ୍ୱଜିତ୍ ସାହୁ, ସନ୍ତୋଷ ସାହୁ, ଭାସ୍କର ମଲିକ, ଜିତେନ୍ଦ୍ର ମଲିକ, ମନସ୍ୱିନୀ ସାହୁ, କୃଷ୍ଣକାନ୍ତ ପଣ୍ଡା, ଅଭୟ ମହାନ୍ତି, ଅନାଦି ସାହୁ, ସାନ୍ତନୁ ମଲିକ, ପ୍ରଦୀପ ସାହୁ, ପୂର୍ଣ୍ଣଚନ୍ଦ୍ର ସେଠୀ, ସୁରେଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଢେଙ୍କାନାଳ, ଓଡ଼ିଶା ପୋଲିସ, କୁଆଖିଆ ସ୍ପୋର୍ଟିଂ, କଟକ, ପିପିଲି, ନେହେରୁ କ୍ଲବ, ପୁରୀ, କିଶୋର କ୍ଲବ-ଭୁବନେଶ୍ୱର, ଯାଜପୁର ଭଳି ୯ଟି କବାଡି ଦଳ ଯୋଗ ଦେଇଛନ୍ତି। ପ୍ରଥମ ଦିବସ ମ୍ୟାଚ୍‌ରେ ଯାଜପୁର, ଓଡ଼ିଶା ପୋଲିସ, କିଶୋର କ୍ଲବ- ଭୁବନେଶ୍ୱର, ସାଇ ହଷ୍ଟେଲ, ଢେଙ୍କାନାଳ ସେମି ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏଠାରେ ଯୋଗ ଦେଇଥିବା ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା।

# ଖରାଖାଇ ଜିତିଲା ମଞ୍ଜୁଶ୍ରୀ ଦେବୀ କ୍ରିକେଟ

ରାଜନଗର, ୨୭।୧

ରାଜନଗର ବ୍ଲକ ସନ୍ଥପଡ଼ାଠାରେ ଚାଲିଥିବା ମଞ୍ଜୁଶ୍ରୀ ଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭୁବନେଶ୍ୱରର କ୍ଷେତ୍ରପାଳ ସ୍ପୋର୍ଟିଂ କ୍ରିକେଟ କ୍ଲବକୁ ୭୦ ରନରେ ହରାଇ ଆଳିର ଖରାଖାଇ କ୍ରିକେଟ ଟିମ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇ ଖରାଖାଇ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୭୧ ରନ କରିଥିଲା। ଆଜମଲ ଖାନ ୫୩ ଓ ଶ୍ରୀକାନ୍ତ ମହାନ୍ତି ୩୯ ରନ କରିଥିଲେ। କ୍ଷେତ୍ରପାଳ ଟିମ୍‌ର ଚିନ୍ମୟ ପଣ୍ଡା ୩ ଓ ବିଶ୍ୱଭୂଷଣ ୨ଟି ଉଇକେଟ ନେଇଥିଲେ। ୧୭୨ ରନର ବିଜୟ ଲକ୍ଷ୍ୟ ନେଇ କ୍ଷେତ୍ରପାଳ ଟିମ୍ ୧୭.୪ ଓଭରରେ ୧୦୧ ରନ କରି ଅଲଆଉଟ ହୋଇଥିଲା। ଦଳର ବିଶ୍ୱଭୂଷଣ ୪୨ ରନ କରିଥିଲେ। ଆଳିର ସଞ୍ଜୀବ ସାହୁ ୩, ଶ୍ରୀକାନ୍ତ ମହାନ୍ତି ୨ଟି ଉଇକେଟ ଅକ୍ତିଆର କରିଥିଲେ। ଆଜମଲ ଖାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଶ୍ରୀକାନ୍ତଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସତ୍ୟବାଦୀ ଜେନା, ଡ. ପଦ୍ମଚରଣ ରାଉତ, ସେଣ୍ଟ ଜାଭିୟର ହାଇସ୍କୁଲର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମଞ୍ଜୁଶ୍ରୀ ଦେବୀ ଉପଦେଷ୍ଟା କୈଳାସ ଚନ୍ଦ୍ର ମହାନ୍ତି, ଗାଳ୍ପିକ ପ୍ରଦୀପ ନାୟକ, ସଚ୍ଚିଦାନନ୍ଦ ପାତ୍ର ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ବିଭାଂଶୁଙ୍କ ଶତକ: ବିଜେଇଏମ୍ ଚାମ୍ପିୟନ

ଭୁବନେଶ୍ୱର, ୨୭।୧(ସ୍ପୋର୍ଟ୍ସ ବ୍ୟୁରୋ)

ଦି ଭେଟେରାନ୍ କ୍ରିକେଟ ଆସୋସିଏଶନ (ଭିସିଏଓ)ଆନୁକୂଲ୍ୟରେ ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବିଜେଇଏମ୍ ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ବିଜେଇଏମ୍ ୬୧ ରନରେ କିସ୍‌କୁ ପରାସ୍ତ କରିଛି। ଟସ୍ ଜିତି ବିଜେଇଏମ୍ ନିର୍ଦ୍ଧାରିତ ୩୦ ଓଭରରେ ୬ ଉଇକେଟ୍ ହରାଇ ୧୯୪ ରନ କରିଥିଲା। ଦଳ ପକ୍ଷରୁ ବିଭାଂଶୁ ଶେଖର ରାୟ ୧୧୦ ରନର ଶତକୀୟ ଇନିଂସ ଖେଳିଥିଲେ। କିସ ପକ୍ଷରୁ ରମେଶ ମେଲକା ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ କିସ୍ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍ ହରାଇ ୧୩୩ ରନ କରିବାକୁ ସକ୍ଷମ ହୋଇଥିଲା। ଚାମ୍ପିୟନ ଦଳର ସାଇପ୍ରସାଦଙ୍କୁ ୩ଟି ଉଇକେଟ୍ ମିଳିଥିଲା।

ଉଦ୍‌ଯାପନୀ ଉତ୍ସବରେ ବିଜେବି କଲେଜର ପ୍ରିନ୍ସିପାଲ ପ୍ରସନ୍ନ କୁମାର ମହାନ୍ତି, ବି. ରାଜଶେଖର ସୁବୁଦ୍ଧି ଓ ପଲ୍ଲବୀ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭିସିଏଓର ସଭାପତି ଅଶୋକାନନ୍ଦ ଜେନା, ଉପସଭାପତି ବଳଭଦ୍ର ପଟ୍ଟନାୟକ, ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଭୁପେନ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଚାମ୍ପିୟନ ବିଜେଇଏମ୍ ସ୍କୁଲକୁ ଟ୍ରଫି ସହ ୮ ହଜାର ଟଙ୍କା ଏବଂ ରନର୍ସଅପ୍ କିସ୍‌କୁ ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।




ଟାଇଟଲ ବିଜୟୀ ବିଜେଇଏମ୍ ସ୍କୁଲ୍ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

DADLS-257

## ଓଡ଼ିଶା : ପ୍ରଗତିର ନୂଆ ପରିଭାଷା

ଓଡ଼ିଶା ସରକାର

- ରାଜ୍ୟର କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ତଥା ଭୂମିହୀନ କୃଷି ଶ୍ରମିକଙ୍କ ପାଇଁ ନୂଆ ଯୁଗାନ୍ତକାରୀ 'କାଳିଆ' ଯୋଜନା ।
- ବିଗତ ୪ ବର୍ଷରେ ୮ ଲକ୍ଷ ହେକ୍ଟର ଅଧିକ ଜମିକୁ ଜଳସେଚନ ସୁବିଧା । ଏପ୍ରିଲ ୨୦୧୯ ସୁଦ୍ଧା ହାସଲ ହେବ ୧୦ ଲକ୍ଷ ହେକ୍ଟର ଅଧିକ ଜମିକୁ ଜଳସେଚନ ଲକ୍ଷ୍ୟ ।
- 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ' ଯୋଜନାରେ ପରିବାର ପାଇଁ ବାର୍ଷିକ ୫ଲକ୍ଷ ଟଙ୍କା ଏବଂ ପରିବାରର ମହିଳାଙ୍କ କ୍ଷେତ୍ରରେ ୭ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା । ସମସ୍ତଙ୍କ ପାଇଁ ସବୁଠି ସମୁଚିତ ସ୍ୱାସ୍ଥ୍ୟସେବା ।
- 'ମମତା' ଯୋଜନାରେ ଉପକୃତ ହେଲେଣି ୩୪ ଲକ୍ଷ ମା' ।
- ମିଶନ ଶକ୍ତି ଜରିଆରେ ୭ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ମହିଳାଙ୍କ ଆର୍ଥିକ ସଶକ୍ତିକରଣ । ୩ ଲକ୍ଷ ନୂଆ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ମୂଳଧନ । ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଡିଜିଟାଲ ସଶକ୍ତିକରଣ ପାଇଁ ୩ ଲକ୍ଷ ଟଙ୍କା ଲେଖାଏଁ ସହାୟତା ।
- ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ରାଜ୍ୟର ୨୫ ଲକ୍ଷ ହିତାଧିକାରୀଙ୍କୁ ନିଜସ୍ୱ ପାଣ୍ଠିରୁ 'ନିଜ ଖାଦ୍ୟ ସୁରକ୍ଷା' ଯୋଜନାରେ ସାମିଲ ।
- ରାତ୍ରିକାଳୀନ ଆହାର ବ୍ୟବସ୍ଥାର ଶୁଭାରମ୍ଭ ।
- ମଧୁବାବୁ ପେନ୍‌ସନ୍ ଯୋଜନାରେ ୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ସମିଲ । ଉପକୃତ ହେଉଥିବା ୪୮ ଲକ୍ଷ ହିତାଧିକାରୀଙ୍କ ଭତ୍ତା ପରିମାଣ ୩୦୦ ରୁ ୫୦୦ ଟଙ୍କା ଓ ୫୦୦ ରୁ ୭୦୦ ଟଙ୍କାକୁ ବୃଦ୍ଧି ।
- ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ରାଜ୍ୟର ୫୦ ହଜାର କଳାକାରଙ୍କୁ ମାସିକ ୧୨ଶହ ଟଙ୍କା ଆର୍ଥିକ ସହାୟତା ।
- 'ଆମ ଗାଁ ଆମ ବିକାଶ' ଯୋଜନାରେ ରାଜ୍ୟର ୩୧୪ ବ୍ଲକର ୬୭୯୮ଟି ଗ୍ରାମ ପଞ୍ଚାୟତ ନିମନ୍ତେ ୬୨,୮୫୭ ମୌଳିକ ଭିତ୍ତିଭୂମି ବିକାଶ ପ୍ରକଳ୍ପ ପାଇଁ ୧୫୫୪ କୋଟି ଟଙ୍କା ମଞ୍ଜୁର ।
- ପିଠା : ସଶକ୍ତିକରଣ ଓ ସଚେତନତା– ରାଜ୍ୟର ୩୧୪ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ପ୍ରତିମାସ ୧୫ ରୁ ୨୦ ତାରିଖ ମଧ୍ୟରେ ସ୍ୱତନ୍ତ୍ର ଭାବେ 'ପିଠା କ୍ୟାମ୍ପ' ଜରିଆରେ ହିତାଧିକାରୀମାନଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା, ମିଶନ ଶକ୍ତି ଗୋଷ୍ଠୀଙ୍କୁ ସହାୟତା, ଚିକିତ୍ସା ଓ ଶିକ୍ଷା ସହାୟତା, ଏଲଇଡ଼ିବଲ୍, ବିଦ୍ୟୁତିକରଣ ଭଳି ବିବିଧ ଆବଶ୍ୟକୀୟ ସୁବିଧା ପ୍ରଦାନ ।
- ରାଜ୍ୟର ସହରାଞ୍ଚଳର ୩ ହଜାର ବସ୍ତିର ୧୮ ଲକ୍ଷ ବାସିନ୍ଦାଙ୍କ ପାଇଁ ବିଶ୍ୱର ସର୍ବବୃହତ୍ ବସ୍ତିବାସିନ୍ଦା ଭୂମି ଅଧିକାର ପ୍ରକଳ୍ପ 'ଜାଗା' କାର୍ଯ୍ୟକାରୀ ।
- ରାଜ୍ୟର ଜନଜାତି ସମ୍ପ୍ରଦାୟଙ୍କ ସାମଗ୍ରିକ ବିକାଶ ଲକ୍ଷ୍ୟରେ ୯ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ।
- ମାଲକାନଗିରି ଜିଲ୍ଲାର ୧୫୧ଟି ଅଗମ୍ୟ ଗ୍ରାମର ୩୦ ହଜାରରୁ ଉର୍ଦ୍ଧ୍ୱ ବାସିନ୍ଦାଙ୍କ ଜୀବନରେଖା ଐତିହାସିକ 'ଗୁରୁପ୍ରିୟା ସେତୁ' କାର୍ଯ୍ୟକ୍ଷମ । ସ୍ୱାଭିମାନ ଅଞ୍ଚଳ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୧୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ।
- ଗ୍ରାମାଞ୍ଚଳର ୯୫ ଲକ୍ଷରୁ ଉର୍ଦ୍ଧ୍ୱ ଘରକୁ ବିଦ୍ୟୁତ୍ ଶକ୍ତି ଯୋଗାଣ ।
- ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବସତିଗୁଡିକୁ ପର୍ଯ୍ୟାପ୍ତ ନିରାପଦ ପାନୀୟଜଳ ଯୋଗାଇଦେବା ଲକ୍ଷ୍ୟରେ 'ବସୁଧା' ଯୋଜନା ।
- ରାଜ୍ୟରେ ମେକ୍ ଇନ୍ ଓଡିଶା କନ୍‌କ୍ଲେଭ୍–୨୦୧୮ ସଫଳତାର ସହିତ ଆୟୋଜିତ । ଏହାଦ୍ୱାରା ୪.୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଓ ପ୍ରାୟ ୬ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ।
- ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଜରିଆରେ ବିଗତ ୫ ବର୍ଷ ମଧ୍ୟରେ ରାଜ୍ୟର ୯ ଲକ୍ଷରୁ ଉର୍ଦ୍ଧ୍ୱ ଯୁବକ ଯୁବତୀଙ୍କ ଦକ୍ଷତା ବିକାଶ ।
- ୨୦୨୦ ମସିହା ସୁଦ୍ଧା ରାଜ୍ୟରେ ୧୦୦୦ ଟି ଷ୍ଟାର୍ଟ–ଅପ୍‌ର ଲକ୍ଷ୍ୟ । ବିଶ୍ୱ ବଜାର ନିମନ୍ତେ ଦକ୍ଷମାନବ ସମ୍ବଳ ସୃଷ୍ଟି ଲକ୍ଷ୍ୟରେ ଭୁବନେଶ୍ୱରଠାରେ 'ବିଶ୍ୱ ଦକ୍ଷତା କେନ୍ଦ୍ର' ନିର୍ମାଣ ।
- ସତ୍ୟବାଦୀଠାରେ ଓଡିଆ ବିଶ୍ୱ ବିଦ୍ୟାଳୟର ଶୁଭାରମ୍ଭ ।
- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ଉଚ୍ଚ ପ୍ରଶଂସିତ ଏବଂ ଅନୁକରଣୀୟ ।



ସୂଚନା ଓ ଲୋକସମ୍ପର୍କ ବିଭାଗ










15001/13/0560/1819





ମାଲକାନଗିରି: ସାଧାରଣତନ୍ତ୍ର ଦିବସରେ ମନ୍ତ୍ରୀ ସୁଶାନ୍ତ ସିଂ ଅଭିବାଦନ ଗ୍ରହଣ କରୁଛନ୍ତି । | କାଲିମେଲା: ଭାରତୀୟ ବିଦ୍ୟାନିକେତନ ଗୁରୁକୁଳ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ । | ବାଲିମେଲାରେ ଅତିଥିମାନେ ଅଭିବାଦନ ଗ୍ରହଣ କରୁଛନ୍ତି ।




■ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

# ମାଲକାନଗିରି ଜିଲା ଏକ ସଂଗ୍ରାମୀ ମାଟି

**ମାଲକାନଗିରି/ ପାଣ୍ଡ୍ରିପାଣି/ମାଥିଲି/ ଚିତ୍ରକୋଣ୍ଡା/କାଲିମେଲା/ବାଲିମେଲା, ୨୭।୧(ଡି.ଏନ.ଏ)**

ମାଲକାନଗିରି ଜିଲା ଏକ ଶହୀଦ ଓ ସଂଗ୍ରାମୀର ମାଟି । ଏଠାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ସମେତ ବହୁ ବୀର ଗାନ୍ଧିଜୀଙ୍କ ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ଦେଶ ପାଇଁ ବଳିଦାନ ଦେଇଛନ୍ତି। ଅବିଭକ୍ତ କୋରାପୁଟ ଜିଲାର ବହୁ ସଂଗ୍ରାମୀ ପ୍ରାଣବଳି ଦେଇ ଦେଶକୁ ବ୍ରିଟିଶ ଶାସନରୁ ମୁକ୍ତ କରିଥିଲେ । ପାପଡ଼ାହାଣ୍ଡି ଓ ମାଥିଲିରେ ବହୁ ବୀର ନିଜର ପ୍ରାଣବଳି ଦେଇଥିବାରୁ ସେମାନଙ୍କୁ ବିପ୍ଳବୀ ସଲାମ ବୋଲି ଶକ୍ତି, ଶ୍ରମ ଓ ରାଜ୍ୟ କର୍ମଚରୀ ବୀମା ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି। ଜିଲା ସଦର ମହକୁମାସ୍ଥିତ ଡି.ଏନ.କେ. ଖେଳ ପଡ଼ିଆଠାରେ ଶନିବାର ଆୟୋଜିତ ୭୦ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ପତାକା ଉତ୍ତୋଳନ କରି ଅନୁଷ୍ଠିତ ପରେଡରେ ଅଭିବାଦନ ଗ୍ରହଣ କରି ଏହି ଅବସରରେ ସେ ପୁଣି କହିଛନ୍ତି ଯେ, ଏହି ଜିଲାର ଆଦିବାସୀ ଜନଜାତିଙ୍କର କର୍ତ୍ତବ୍ୟ, ନିଷ୍ଠା ଓ ଅକ୍ଳାନ୍ତ ପରିଶ୍ରମ ମାଲକାନଗିରିର ଅର୍ଥନୈତିକ ଓ ସାଂସ୍କୃତିକ ବିକାଶକୁ ସମୃଦ୍ଧ କରିଛି। ସରକାର ଜିଲାର ଅନୁସୂଚିତ ଜାତି ଓ ଜନଜାତିର ବିକାଶ ପାଇଁ ବହୁ ଯୋଜନା କରିଛନ୍ତି। ସ୍ୱାଭିମାନ ଅଞ୍ଚଳରେ ଗୁରୁପ୍ରିୟା ସେତୁ ନିର୍ମାଣ ସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଜଙ୍ଗଲ ଜମି ପଟ୍ଟା, ଭୂମିହୀନଙ୍କୁ ପଟ୍ଟା, ବିଜୁ ପକ୍କା ଗୃହ, ମେଡିକାଲ କଲେଜ ପ୍ରତିଷ୍ଠା, ମଧୁବାବୁ ପେନ୍‌ସନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପରେଡରେ ପ୍ରାୟ ୩୨ଟି ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଓଡିଶା ପୋଲିସ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ମାଲକାନଗିରି ଜିଲାରେ ୩ଜଣ ଓଏଏସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପରିବାରବର୍ଗଙ୍କୁ ମନ୍ତ୍ରୀ ସମ୍ମାନିତ କରିଥିଲେ। ପରେଡରେ ଯୋଗ୍ୟ ବିବେଚିତ ଦଳ ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ଏସ୍.ପି. ଜଗମୋହନ ମୀନା, ବିଧାୟକ ମାନସ ମାଡକାମି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ.ଗୁଣନିଧି ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମଧ୍ୟାହ୍ନରେ ଜିଲାପାଳ ଓ ଏସ୍.ପି. ଏକାଦଶ ମଧ୍ୟରେ କୌତୁକ କ୍ରୀଡା ପ୍ରତିଯୋଗିତା ହୋଇଥିଲା।

ମାଲକାନଗିରି ବ୍ଲକର ବୀରଲକ୍ଷ୍ମଣପୁର, ମାର୍କାପାଲି, ଗଙ୍ଗଲା ଓ ପାଣ୍ଡ୍ରିପାଣି ପଞ୍ଚାୟତରେ ଥିବା ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ସହ ଅନ୍ୟାନ୍ୟ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପାଣ୍ଡ୍ରିପାଣି ସରସତୀ ଶିଶୁ ବିଦ୍ୟାମନ୍ଦିର, ପାଣ୍ଡ୍ରିପାଣି ଓ ବୀରଲକ୍ଷ୍ମଣପୁର ସେବା ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରଭାତଫେରି କରି ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ପଞ୍ଚାୟତଗୁଡିକରେ ସରପଞ୍ଚମାନେ ପତାକା ଉତ୍ତୋଳନ କରିଥିଲେ । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅରୁଣ କୁମାର ଗିରି ପତାକା ଉତ୍ତୋଳନ କରିଥିଲେ। ମାର୍କାପାଲି ପଞ୍ଚାୟତର ବିଚଲକୋଟାରେ ବ୍ୟବସାୟୀ ସଂଘ ପକ୍ଷରୁ ଗଣତନ୍ତ୍ର ଦିବସ ପାଳନ କରାଯାଇଛି । ବିଚଲକୋଟାରେ ବୀରଲକ୍ଷ୍ମଣପୁର ପୂର୍ବତନ ନାଏବ ସରପଞ୍ଚ ରାମକୃଷ୍ଣ ମାଡକାମୀ ଓ ସମାଜସେବୀ ସନ୍ତୋଷ କୁମାର ପାତ୍ର ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ବ୍ୟବସାୟୀ ସଂଘ ଓ ଯୁବକ ସଂଘ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ପ୍ରତିଯୋଗିତା ହୋଇଥିଲା। ପାଣ୍ଡ୍ରିପାଣି ସରପଞ୍ଚ ଶିବ ଖେମୁଡୁ କେତେକ ଶିକ୍ଷାନୁଷ୍ଠାନରେ ପତାକା ଉତ୍ତୋଳନ କରି ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବୀରଲକ୍ଷ୍ମଣପୁର ପଞ୍ଚାୟତର ପାହାଡ ଉପରେ ଥିବା ମେଟାଗୁଡା ଗ୍ରାମସ୍ଥିତ ସରକାରୀ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି।

ମାଥିଲି ବ୍ଲକର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ମାଥିଲି ଖେଳପଡିଆ ପରିସରରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା । ବିଡିଓ ଆଶିଷ କୁମାର ଭୋଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଅତିଥି ଭାବେ ଡିଏସପି ଦିଲିପ କୁମାର ଦାସ, ଆଇଆଇସି ଜନ ଖୁଜୁର, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ନାୟକ, ଜିଲା ପରିଷଦ ସଭ୍ୟ ବାଲରାଜୁ କପେ, ଶାନ୍ତିଲତା ମାଝି, ସରପଞ୍ଚ ଗୌରୀ ବଟେ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତି ରଞ୍ଜନ, କୁନାଲ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ସେହିପରି ପଞ୍ଚାୟତ କାର୍ଯ୍ୟାଳୟରେ ମଧ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା । ପିଇଓ ଅଶୋକ ମହାରଣା ପତାକା ଉତ୍ତୋଳନ କରିଥିଲେ ।

ଚିତ୍ରକୋଣ୍ଡା ମିନି ଷ୍ଟାଡିୟମଠାରେ ତହସିଲଦାର ଟି.ପଦ୍ମନାଭ ଦୋରା ଏବଂ ଅତିରିକ୍ତ ତହସିଲଦାର ଚନ୍ଦ୍ରମଣି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଷ୍ଟମ ବିଏନ ସୀମା ସୁରକ୍ଷାବାହିନୀର ମୁଖ୍ୟ ଅଧିକାରୀ ସେନା ନାୟକ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ବିଡ଼ିଓ ଲରିମାନ ଖରସେଲ, ଥାନା ଅଧିକାରୀ ରାମ ପ୍ରସାଦ ନାଗ, ବିଏସଏଫ କମାଣ୍ଡାଣ୍ଟ ଏ.କେ. ଆର୍ଯ୍ୟ, ଡାକ୍ତର ସୁରେଶ ଝଙ୍କାର,ଏସାର ଫାଉଣ୍ଡେସନର ବରିଷ୍ଠ ପରିଚାଳକ ସବଲ କୁମାର ଝା, ସମାଜସେବୀ ଦେବେନ୍ଦ୍ର ଦାସ ଙ୍କ ସହ ଚିତ୍ରକୋଣ୍ଡା ପଞ୍ଚାୟତର ୧୫ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ୨୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଏସଏସଡ଼ି ବାଳିକା ଉଚ୍ଚ ବିଦ୍ୟାଳୟ ଅଧିକାର କରିଥିଲେ। ୨ ସ୍ଥାନରେ ଓଡିଶା ଆଦର୍ଶ ବିଦ୍ୟାଳୟ ଏବଂ ୩ୟ ହୋଇଥିଲେ ଡ଼ିଏଭି ଗୁରୁକୁଳ ଓ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ। ପରେଡ ପ୍ରତିଯୋଗିତାରେ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ଜେଆରସି ଦଳ ପ୍ରଥମ, ଓଡିଶା ଆଦର୍ଶ ବିଦ୍ୟାଳୟ ୨ୟ, ସ୍ଥାନ ଅଧିକାର କରିଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଷୀରୋଦ ବେହେରା ପରିଚାଳନା କରିଥିଲେ।

କାଲିମେଲା ବ୍ଲକରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ସ୍ଥାନୀୟ ଖେଳପଡିଆ ନିକଟରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା । ମୁଖ୍ୟଅତିଥି ଭାବେ ବିଡିଓ ଉମା ଶଙ୍କର ଦଳାଇ ପତାକା ଉତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ବ୍ଲକ ସଦରରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ, ଅଶ୍ରମ ବିଦ୍ୟାଳୟ, ଶିଶୁ ବିଦ୍ୟା ମନ୍ଦିର, ଭାରତୀୟ ବିଦ୍ୟାନିକେତନ ଗୁରୁକୁଳ ବିଦ୍ୟାଳୟ,ଲକ୍ଷ୍ମଣ ନାୟକ ଇଂଲିଶ ବିଦ୍ୟାଳୟ,ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ପରେଡରେ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ନେଇ ୨ଦିନ ପୁର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସଭାରେ ପଞ୍ଚାୟତର ସମିତିର ପୂର୍ବତନ ଉପାଧ୍ୟକ୍ଷ ଚୈତନ୍ୟ ଚୌଧୁରୀ, କାଲିମେଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ବାରୋଇ, ଡାକ୍ତର ଅବିଦ ହୁସେନ ଖାନ,ଜିପିଇଓ କାର୍ତ୍ତିକ ନାୟକ,ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ କଙ୍କଣ କୁମାର ବିଶ୍ୱାସ,ବିଏସଓ ଦେଶା କାମରାମଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

ବାଲିମେଲାଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକରେ ସକାଳ ୮ଟାରେ ପତାକା ଉତ୍ତୋଳନ କରାଯାଇଥିଲା। ବାଲିମେଲା ସହରରେ ଥିବା ବାଲିମେଲା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଆଇଏମ୍‌ଏସ୍‌ଟି ସ୍କୁଲ, ଡ୍ରଗ୍‌ଲାଇନ ଉପ୍ରା ବିଦ୍ୟାଳୟ, ୟୁଜେଏମ୍‌ସ୍କୁଲ, ବଜାର ୟୁପି ସ୍କୁଲ, ବିବେକାନନ୍ଦ ସ୍ମାର୍ଟ ସ୍କୁଲ ଓ ୧୨ ନଂ କଲୋନୀ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପରେଡରେ ଅଂଶଗ୍ରହଣ କରିଥିଲେ । ଏହି ମିନିଷ୍ଟାଡିୟମ୍‌ରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଲକ୍ଷ୍ମୀ ପାଙ୍ଗୀ, ବିଏସ୍‌ଏଫ୍‌ର ୪ଜଣ ମୁଖ୍ୟ ଅଧିକାରୀ, ଆଦିବାସୀ ସଂଘ ଜିଲା ଉପଦେଷ୍ଟା ରାଜେନ୍ଦ ପଣ୍ଡା, ଓର୍କେଲ ଥାନାଧିକାରୀ ଜଗଦିଶ ବାରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟିର ଉନ୍ନତି ପାଇଁ ମିଳିବ ୨ କୋଟି

**ମାଥିଲି, ୨୭।୧ (ସ୍ୱ.ପ୍ର.)**

ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ମାଟିର ଉନ୍ନତି ପାଇଁ ମିଳିବ ୨ କୋଟି ୫୩ ଲକ୍ଷ ଟଙ୍କା । କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁମ୍ମା ପଞ୍ଚାୟତ ସଦରରେ ଜିଲା ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ତରଫରୁ ଏହି ଘୋଷଣା କରାଯାଇଛି । ଅବହେଳିତ ଶହୀଦ ମାଟି ପାଇଁ ବିକାଶ ପରିଷଦ ପକ୍ଷରୁ ୨ କୋଟି ୫୩ ଲକ୍ଷ ଟଙ୍କା ଉନ୍ନତୀକରଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା କୋରାପୁଟ ଏମପି ଝିନ୍ନ ହିକ୍‌କା ମତ ରଖିଥିଲେ । ଶହୀଦ ମାଟିକୁ ଉପେକ୍ଷା କରାଯାଉଥିବା ଅଭିଯୋଗ କରି କୋରାପୁଟ ଜିଲା ଶହୀଦ ଲକ୍ଷ୍ମଣ ନାୟକ ଯୁବସେନା ତରଫରୁ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ଏଥିରେ ଶହୀଦ ମାଟିର ଉନ୍ନତି ପାଇଁ ୧୦୦ କୋଟି ଅନୁଦାନ ଦେବାକୁ ଦାବି କରାଯାଇଥିଲା। ପାନୀୟ ଜଳ, ଯୋଗାଯୋଗ ଓ ରାସ୍ତାଘାଟ ଆଦି ମୌଳିକ ସେବା ପାଇବାରୁ ତେନ୍ତୁଳିଗୁମ୍ମାବାସୀ ବଞ୍ଚିତ ହେଉଥିଲେ । ଏନେଇ ଲୋକଙ୍କ ସମସ୍ୟା ଉପସ୍ଥାପନା କରିବାରେ ଧରିତ୍ରୀ ସେତେବେଳେ ପ୍ରମୁଖ ଭୂମିକା ନେଇଥିଲା । ଏସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସମସ୍ୟାକୁ ଗୁରୁତ୍ୱ ଦେଇ ପ୍ରଶାସନିକ ଅଧିକାରୀଙ୍କୁ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ କୋରାପୁଟ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ କମୁଲୁ ଜାନି, ବୈପାରିଗୁଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ କାଣ୍ଡିକି , ବିକାଶ ପରିଷଦ ସଦସ୍ୟ ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ବିଧାୟକ ପ୍ରଫୁଲ ପାଙ୍ଗି, କୋରାପୁଟ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥାର ପ୍ରଶାସକ କୁରୁ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

# ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ମାଲକାନଗିର,୨୭।୧(ଡି.ଏନ.ଏ.)**

ସ୍ଥାନୀୟ କନିଷ୍ଠ ମହିଳା ମହାବିଦ୍ୟାଳୟରେ ଦୀର୍ଘ ଏକ ମାସ ଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ୍ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷ ଦୁଷନ୍ତ ଜେନା କହିଲେ ଯେ, ଏହି ତାଲିମ୍ ଦ୍ୱାରା ଜଣେ ଛାତ୍ରୀ ନିଜକୁ ସୁରକ୍ଷିତ ମନେ କରିବା ସହ ତାଲିମ୍ ପାଇଥିବା କୌଶଳକୁ ଯେ କୌଣସି ସମସ୍ୟା ସମୟରେ ଉପଯୋଗ କରିପାରିବେ ବୋଲି କହିଥିଲେ। ଶିବିରରେ ୨୧୦ ଜଣ ଛାତ୍ରୀ ତାଲିମ୍ ନେଇଥିଲେ। ମାଷ୍ଟର ଟ୍ରେନର ଭାବେ ମମତା ମାଡକାମି, ସବିତା ବୁରୁଦା ପ୍ରଶିକ୍ଷଣ ଦେଇଥିଲେ । ପୋଗ୍ରାମ୍ ଅଧିକାରୀ ଅଧ୍ୟାପକ ମଧୁସ୍ମିତା ମହାନ୍ତି , ଲାବଣ୍ୟ ସାମଲ, କୃଷ୍ଣଚନ୍ଦ୍ର ସେଠୀ, ପ୍ରଶାନ୍ତ କୁମାର ଶତପଥୀ, ଇନ୍ଦୁ ରେଖା ପଟ୍ଟନାୟକ, ସୋରଭ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଶିବିର ଚାଲିଥିଲା। ଶିକ୍ଷାର୍ଥୀଙ୍କୁ ମାନପତ୍ର ସହ ଆତ୍ମରକ୍ଷା ସମ୍ପର୍କିତ ପୁସ୍ତକ ପ୍ରଦାନ କରାଯାଇଥିଲା ।

# କେନ୍ଦୁପତ୍ର କର୍ମଚାରୀଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର

**ମାଲକାନଗିରି,୨୭।୧(ଡି.ଏନ୍.ଏ.)**

ଶୁକ୍ରବାର ଜୟପୁର କେନ୍ଦୁପତ୍ର ବନଖଣ୍ଡ ପକ୍ଷରୁ ମାଲକାନଗିରି ସଦର ମହକୁମା କେନ୍ଦୁପତ୍ର ବନାଞ୍ଚଳ କାର୍ଯ୍ୟାଳୟ ପ ରିସରରେ ସ୍ଥାୟୀ ଏବଂ ଋତୁକାଳୀନ କେନ୍ଦୁପତ୍ର କର୍ମଚାରୀଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୟପୁର କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଇଫତାର ଉର୍ଜାମନ୍ ଖାନ୍, ମାଲକାନଗିରି ବନାଞ୍ଚଳ ଅଧିକାରୀ ଶୁଭେନ୍ଦୁ କୁମାର ପଟ୍ଟନାୟକ, ବାଲିମେଳା ବନାଞ୍ଚଳ ଅଧିକାରୀ ୟୁ. ନାଇଡୁ, ଜୟପୁର ବନାଞ୍ଚଳ ଅଧିକାରୀ ନରସିଂହ ଚନ୍ଦ୍ର ପଣ୍ଡା, କତାମେଟା ବନାଞ୍ଚଳ ଅଧିକାରୀ ଜଗନ୍ନାଥ ନିଆଲଙ୍କ ସମେତ ସମସ୍ତ ବନପାଳ, ବନରକ୍ଷୀ ଏବଂ ୪ଟି ବନାଞ୍ଚଳର କାର୍ଯ୍ୟରତ ସ୍ଥାୟୀ ଏବଂ ଋତୁକାଳୀନ କର୍ମଚାରୀମାନେ ଉପସ୍ଥିତ ଥିଲେ। ପଦାଧିକାରୀମାନେ ଆଗାମୀ ମାସରେ କେନ୍ଦୁ ଗୋଛା କଟେଇ ଓ କେନ୍ଦୁପତ୍ର ସମ୍ବନ୍ଧୀୟ ବିଭିନ୍ନ ପଦ୍ଧତି ଏବଂ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଚେକର ଏବଂ ମୁନିଷମାନଙ୍କ ଦାୟିତ୍ୱ ସମ୍ପର୍କରେ ତାଲିମ ଦେଇଥିଲେ। ଏହି ତାଲିମ ଗୁଡିକ ମଧ୍ୟରେ ଗଛା କଟେଇ, କେନ୍ଦୁପତ୍ର ଖରିଦ, ସୁଖେଇବା, ଫାଳ କେନ୍ଦୁପତ୍ର ବସ୍ତା ଭର୍ତ୍ତି ପ୍ରକ୍ରିୟା, ପତ୍ର ମୁଲ୍ୟାୟନର ପ୍ରଣାଳୀ, ଫାଳ ବସ୍ତା ତିଆରି କରିବା ପ୍ରଣାଳୀ, ଶୁଖିଲା ବସ୍ତାର ନିରୀକ୍ଷଣ ପ୍ରଣାଳୀ, ଫାଳ ବସ୍ତାର ଆକାର ଓ ଓଜନ, କେନ୍ଦୁପତ୍ର ବସ୍ତା ଭର୍ତ୍ତି ପଦ୍ଧତି ନେଇ ତାଲିମ ଦେଇଥିଲେ।

# ନାୟକଗୁଡା କସ୍ତୁରବା ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମୁହଁ ଖୋଲିଲେ

**ମାଥିଲି, ୨୭।୧ (ସ୍ୱ.ପ୍ର.)**

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡା କସ୍ତୁରବା ବାଳିକା ଉଚ୍ଚ ବିଦ୍ୟାଳୟରେ ଅନିୟମିତତା ହେଉଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ରବିବାର ଛାତ୍ରୀମାନେ ମୁହଁ ଖୋଲିଛନ୍ତି । ଗଣମାଧ୍ୟମ ସମ୍ମୁଖରେ ଖାଦ୍ୟପେୟ ରେ ବିଦ୍ୟାଳୟରେ କୌଣସି ଅନିୟମିତତା ହେଉ ନ ଥିବା ଛାତ୍ରୀମାନେ ମତ ରଖିଛନ୍ତି । ଛାତ୍ରୀଙ୍କ ସମସ୍ୟା ଅନେକ ରହିଛି । ଆବଶ୍ୟକ ନଳକୂପ ନ ଥିବାରୁ ଏବଂ ପାଣି ଉଠାଇବାକୁ ବିଦ୍ୟୁତ୍ ବ୍ୟବସ୍ଥା ନ ଥିବାରୁ ଛାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । କିଛି ସ୍ୱାର୍ଥନେଷୀ ବ୍ୟକ୍ତି ବିଦ୍ୟାଳୟକୁ ବଦନାମ କରିବାକୁ ଷଡଯନ୍ତ୍ର ଚଳାଇଛନ୍ତି। ଖାଦ୍ୟପେୟର ସଠିକ ହେଉ ନ ଥିବା ନେଇ ସେମାନେ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଉଦ୍ଦେଶ୍ୟମୂଳକ ବୋଲି ଛାତ୍ରୀମାନେ ପ୍ରକାଶ କରିଛନ୍ତି । ପୂର୍ବରୁ ନାୟକଗୁଡା ବିଦ୍ୟାଳୟରେ ଖାଦ୍ୟପେୟ ସମ୍ପର୍କରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରାଯାଇଥିଲା । ରବିବାର ଛାତ୍ରୀଛାତ୍ରଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝିବାକୁ କିଛି ଗଣମାଧ୍ୟମ ପ୍ରତିନିଧି ବିଦ୍ୟାଳୟକୁ ଯାଇଥିଲେ । ତେବେ ଖାଦ୍ୟପେୟରେ କୌଣସି ଅସୁବିଧା ହେଉ ନ ଥିବା ଛାତ୍ରୀମାନେ ପ୍ରକାଶ କରିଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଜିଲ୍ଲାରେ କୃଷି, ଶିକ୍ଷାରେ ହୋଇଛି ଅଗ୍ରଗତି

**ରାୟଗଡା ଅଫିସ୍, ୨୭।୧**


ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ପରେଡ଼ରେ ଅଭିବାଦନ ଗ୍ରହଣ କରୁଛନ୍ତି ।

ରାୟଗଡା ସହରର ଜିସିଡି ଖେଳ ପଡିଆରେ ଶନିବାର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏଥିସହ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ସାଧାରଣତନ୍ତ୍ର ଦିବସ ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ । ସ୍ୱାଧୀନତା ସଂଗ୍ରାମରେ ଏହି ମାଟିର ମଣିଷ ତଥା ପ୍ରକୃତିର ସନ୍ତାନ ନିର୍ଭୀକ ଆଦିବାସୀ ଦେଶ ଓ ଜାତିର ମାନରକ୍ଷା କରିବା ପାଇଁ ରକ୍ତ ଦେଇଛନ୍ତି ବୋଲି କହିଥିଲେ । ଏଥିସହ ଜିଲାରେ କୃଷି, ଗମନାଗମନ ଓ ଶିକ୍ଷାକ୍ଷେତ୍ରରେ ବହୁତ ଅଗ୍ରଗତି ହୋଇଥିବା ମନ୍ତ୍ରୀ କହିଥିଲେ । ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜିଲାସ୍ତରୀୟ ଉତ୍ସବରେ ୩୭ଟି ଦଳ ପରେଡ୍ ପରିବେଷଣ କରିଥିଲେ । ଜିଲାର ବିଭିନ୍ନ ବିଭାଗର ୧୩ଟି ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯାଇଥିଲା । ପରେଡ୍‌ରେ ବରିଷ୍ଠବର୍ଗରେ ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରଥମ, କନିଷ୍ଠବର୍ଗରେ ରାୟଗଡା ବାଳିକା ଉଚ୍ଚ ବିଦ୍ୟାଳୟ ପୁରସ୍କୃତ ହୋଇଥିଲା । ସେହିଭଳି ପ୍ରଜ୍ଞାପନ ମେଢ଼କୁ ପ୍ରଦର୍ଶନରେ ରାୟଗଡା ଆଇଟିଡିଏକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଜିଲା ପୋଲିସ ଓ କୃଷି ବିଭାଗର ମେଢ଼କୁ ଯୁଗ୍ମ ଭାବେ ଦ୍ୱିତୀୟ ଓ ଜିଲା ନିର୍ବାଚନ ବିଭାଗର ମେଢ଼କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଥମଥର ପାଇଁ ରାୟଗଡା ଜିଲା କୋଲନରା ବ୍ଲକ୍‌କୁ ବାହ୍ୟ ଶୌଚମୁକ୍ତ ଭାବେ ବ୍ଲକ୍ ଅଧ୍ୟକ୍ଷା ଗୀତା ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଗୁହା ପୁନମ ତାପସ କୁମାର, ଏସ୍‌ପି ରାହୁଲ ପିଆର୍, ଡିଆର୍‌ଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ରତୁରାଜ, ଉପଜିଲାପାଳ ପ୍ରବୀର କୁମାର ନାୟକ, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ପରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କର ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

■ ମାଓବାଦୀଙ୍କୁ ସଚେତନ କରିବା ଆଶା

# ପଦଯାତ୍ରାରେ ଭ୍ରମଣ କରୁଛନ୍ତି ଗଗନ

**ରାୟଗଡା ଅଫିସ୍, ୨୭।୧**


ଗଗନ ବିହାରୀ ନାୟକ ।

ମାଓବାଦୀଙ୍କୁ ସଚେତନ କରିବା ନେଇ ପଦଯାତ୍ରାରେ ବାହାରିଥିବା ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ୍ ଭଏରପୁର ପଞ୍ଚାୟତ ଅନ୍ତର୍ଗତ ରଗଡିପଡା ଗ୍ରାମର ଗଗନ ବିହାରୀ ନାୟକ ରାୟଗଡ଼ାରେ ପହଞ୍ଚିଛନ୍ତି । ଜଣେ ଡ୍ରାଇଭର ହୋଇ ମାଓବାଦୀଙ୍କୁ ସଚେତନ କରିବା ନିଶା ତାଙ୍କୁ ଘାରିଛି । ମାଓବାଦୀମାନେ ହିଂସାର ମାର୍ଗରେ ଯାଇ ନିରୀହ ଲୋକଙ୍କୁ ହତ୍ୟା କରିବା ସହ ଦେଶର ସମ୍ପତ୍ତିକୁ ନଷ୍ଟ କରୁଛନ୍ତି । ତେଣୁ ସେମାନେ ହିଂସା ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବା ନେଇ ସଚେତନ କରିବେ । ଏଥିସହ ଅଙ୍ଗଦାନ ଓ ବହୁମୁଖୀ ସମସ୍ୟା ସମାଧାନ ପାଇଁ ମଧ ସେ ସଚେତନତା ଅଭିଯାନ ଜାରି ରଖିଛନ୍ତି। ଦିନକୁ ୩୫କି.ମି ଚାଲି ବର୍ତ୍ତମାନ ସୁଦ୍ଧା ଢେଙ୍କାନାଳ,କଟକ, ଖୋର୍ଦ୍ଧା, ନୟାଗଡ, କନ୍ଧମାଳ ଜିଲା ଭ୍ରମଣ କରି ସାରିଲେଣି । ଏଠାରୁ କୋରାପୁଟ ଅଭିମୁଖେ ଯାଉଛନ୍ତି। ମାଲକାନଗିରି ଜିଲାରେ ଶେଷହେବ ତାଙ୍କର ପଦଯାତ୍ରା। ମାଲକାନଗିରି ଜିଲାରେ ମାଓବାଦୀଙ୍କ ସହ ସାକ୍ଷାତ ହେବ ବୋଲି ମୋର ଆଶା ରହିଛି ବୋଲି କହିଛନ୍ତି ଗଗନ ।

## ସଂକ୍ଷେପରେ

### 'ଜବାବ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ ଆଜି



ମୁନିଗୁଡ଼ା,୨୭।୧(ଡି.ଏନ୍.ଏ.): ମୁନିଗୁଡ଼ାରେ ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହେବ । ଏଥିରେ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ୍, ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବେ । ସେ ହେଲିକେପ୍ଟର ଯୋଗେ ସିଆରପିଏଫ୍ ମୁଖ୍ୟ କାର୍ଯ୍ୟାଳୟ ନିକଟ ପଡିଆରେ ଅବତରଣ କରି ସେଠାରୁ ଏକ ରୋଡ ଶୋ'ରେ ଯାଇ ବନ ବିଭାଗ ଡାକ ବଙ୍ଗଳା ପ୍ରମୁଖ ପଡିଆରେ ପହଞ୍ଚିବେ। ସେଠାରେ ଆୟୋଜିତ ଜିଲାସ୍ତରୀୟ ଜନସଭାକୁ ସମ୍ବୋଧିତ କରିବେ । ଜିଲା ସାଧାରଣ ସମ୍ପାଦକ ରାମଚନ୍ଦ୍ର ବେହେରା, ପୂର୍ବତନ ମନ୍ତ୍ରୀ ତଥା ଏମ୍‌ପି ଜୟରାମ ପାଙ୍ଗି, ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ଜିଲା ଭାଜପା ସଭାପତି ଶିବଶଙ୍କର ଉଲ୍ଲାକା ଯୋଗ ଦେବେ ।

### ଭାରତ ପ୍ରଭାତ ସଂଘର ବାର୍ଷିକ ଉତ୍ସବ



ରାୟଗଡା ଅଫିସ୍, ୨୭।୧: ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଭାରତ ପ୍ରଭାତ ଶାଖାର ଶନିବାର ୪୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ତେଜସ୍ୱୀ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସତ୍ୟବାଦୀ ପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସଂଘର ବିଭାଗ ପ୍ରଚାରକ ସୁବ୍ରତ ସାମନ୍ତରାୟ ଯୋଗ ଦେଇଥିଲେ । ଅତିଥିମାନେ ରାଜା ଭରତଙ୍କ ନାମରେ ଆରମ୍ଭ ହୋଇଥିବା ଏହି ଶାଖା ଏବଂ ଆର୍‌ଏସ୍‌ଏସ୍‌ର ପ୍ରତିଷ୍ଠାତା ଡା. କେଶବ ବଳିରାମ ହେଡଗୱାରଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ଯୁବ ସମାଜ ସଂଘରେ ସାମିଲ ହୋଇ ସୁସ୍ଥ ଶରୀର ସହ ସମାଜକୁ ଉଚିତ ବାର୍ତ୍ତା ଦେବା ନେଇ କହିଥିଲେ । କାର୍ଯ୍ୟକ୍ରମକୁ ନଗର କାର୍ଯ୍ୟବାହ ଚିତ୍ତରଞ୍ଜନ ପ୍ରଧାନ ଓ ନଗର ପ୍ରଚାର ପ୍ରମୁଖ ଶିବାଜୀ ଦାଶ ପରିଚାଳନା କରିଥିଲେ । ଏହି ଅବସରରେ ସଂଘ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା ।

### ଚକ୍ଷୁ ଚିକିତ୍ସାକେନ୍ଦ୍ର ଉଦ୍‌ଘାଟିତ



ମୁନିଗୁଡ଼ା,୨୭।୧(ଡ଼ି.ଏନ.ଏ): ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ଥିବା ନିଉହୋପ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିସରରେ ଏକ ପ୍ରାଥମିକ ଚକ୍ଷୁ ଚିକିତ୍ସାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ମିଶନ ଫର ଭିଜନର ମ୍ୟାନେଜର ସୁବ୍ରାକାନ୍ତି ଭଟ୍ଟାଚାରିୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବରିଷ୍ଠ ଆଇନଜ୍ଞ ବୃନ୍ଦାବନ ଗୌଡ଼, ନିଉହୋପ ସ୍ୱେଚ୍ଛାସେବୀ ସଂସ୍ଥାର ଡ଼ାଇରେକ୍ଟର ଏଲିଜା ଟି. ରୋଜ ଓ ନିର୍ଦ୍ଦେଶିକା ଏଲିଜା ଟି. ରୁତ୍ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମୁନିଗୁଡ଼ା ଓ ଆଖପାଖ ଗ୍ରାମାଞ୍ଚଳର ଲୋକଙ୍କର ଉନ୍ନତମାନ ଚକ୍ଷୁ ସେବା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପଦ୍ମା ସାହୁ, ନକୁଳ ନାଏକ,ନିରଞ୍ଜନ ନାଏକ, ସିଲନ୍ତି ନୁଣ୍ଡୁକା, କୃଷ୍ଣ ପୁଷିକା ସହଯୋଗ କରିଥିଲେ ।

### ରକ୍ତଦାନ ଶିବିର

ଆସିକା,୨୭।୧(ଡି.ଏନ୍.ଏ.)- ଆସିକା କଳିଙ୍ଗାରୋଡସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ତପସ୍ୟାଧାମ ଶାଖାରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଆଶ୍ରମର ସଞ୍ଚାଳିକା ବ୍ରହ୍ମାକୁମାରୀ ଲିଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବଂଶୀଧର ନାହାକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ


ଉପଜିଲାପାଳ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି ।


ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଛାତ୍ରମାନେ ମାସ ଡ୍ରିଲ ପ୍ରଦର୍ଶନ କରୁଛନ୍ତି ।

**ଗୁଣପୁର/ଆମ୍ବାଦୋଳା, ୨୭।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ମିନି ଷ୍ଟାଡିୟମଠାରେ ୭୦ତମ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ଶନିବାର ପାଳିତ ହୋଇଯାଇଛି । ଏଥିରେ ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସାଢେ ୪ଟା ସମୟରେ ରାମଧୂନ, ସାଢେ ୫ଟା ସମୟରେ ପ୍ରଭାତ ଫେରି ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା । ଏହାପରେ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ ସକାଳ ସାଢେ ୭ଟା ସମୟରେ ପତାକା ଉତ୍ତୋଳନ ହୋଇଥିଲା । ସାଢେ ୮ଟାରେ ମିନିଷ୍ଟାଡିୟମଠାରେ ଉପଖଣ୍ଡସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପରେଡ଼ରେ ୧୭ଟି ଗ୍ରୁପ ଅଂଶ ଗ୍ରହଣ କରିଥିଲେ । ଏନସିସିରେ ଗୁଣପୁର କଲେଜ ପ୍ରଥମ ହୋଇଥିବାବେଳେ ଥାୟାରାମା ମହିଳା ମହାବିଦ୍ୟାଳୟ ୨ୟ ଏବଂ ସରକାରୀ ଉଚ୍ଚବିଦ୍ୟାଳୟ ୩ୟ ହୋଇଥିଲେ । ସିଭିଲିଆନରେ ଗାନ୍ଧୀ ପବ୍ଲିକ ସ୍କୁଲ ୧ମ , ବିଦ୍ୟା ନିକେତନ ୨ୟ ହୋଇଥିଲେ । ମାସ ଡ୍ରିଲରେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ୧ମ ହୋଇଥିଲେ । ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ତହସିଲଦାର ନମ୍ରତା ମୋଦି, ବିଡିଓ ଗାୟତ୍ରୀ ଦେବୀ, ଏସଡିପିଓ ଅଶ୍ୱିନୀ ନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, ଆଇଆରବିଏନର କମାଣ୍ଡାଣ୍ଟ ସଫେଦ କୁମାର ଶତପଥୀ, ଡେପୁଟି କମାଣ୍ଡାଣ୍ଟ ରମେଶଚନ୍ଦ୍ର ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

ମୁନିଗୁଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ଆମ୍ବାଦୋଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସହକାରୀ ଶିକ୍ଷକ ବୃନ୍ଦାବନ ସାହୁ ପତାକା ଉତ୍ତୋଳନ କରିଥିଲେ । ସେହିପରି ଅମଳାଭଟା ପଞ୍ଚାୟତରେ ସରପଞ୍ଚ ତ୍ରିପତି ମିର୍ଦ୍ଧା, ସରସ୍ୱତୀ ଶିଶୁ ମନ୍ଦିରରେ ପରିଚାଳନା କମିଟି ସଭାପତି ବିରାଟ ବେହେରା, ନେତାଜୀ କ୍ଲବରେ କେ. ଶ୍ରୀନିବାସ ରାଓ,ଶାନ୍ତିଛକ ମା' ମାଣିକେଶ୍ୱରୀ ଯୁବକ ସଂଘରେ ଯୁବନେତା ତଥା ଏମପି ପ୍ରତିନିଧି ଧୀରେନ୍ଦ୍ର ପାଣିଗ୍ରାହୀ, ଜଙ୍ଗଲ ବିଭାଗରେ ବନପାଳ ଚନ୍ଦ୍ରଶେଖର ସାହୁ ପତାକା ଉତ୍ତୋଳନ କରିଥିଲେ । ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଶାଖା ପରିଚାଳକ ହୃଦାନନ୍ଦ ମିଶ୍ର, ମା' ଠାକୁରାଣୀ ନାରୀ ସଂଘରେ ସମିତି ସଭ୍ୟା ଅର୍ଣ୍ଣ ପାତ୍ର, ବିବେକାନନ୍ଦ ୟୁଥ କ୍ଲବରେ ଖେଳ ସମ୍ପାଦକ ଅନଙ୍ଗ କରକରିଆ, ବାଲିସାହି ଘୁମୁରା ଦଳ ତରଫରୁ ନାଏବ ସରପଞ୍ଚ ସୁଶୀଲ କୁମାର ସିଂ,ସାମନ୍ତ ମହାବିଦ୍ୟାଳୟରେ ପ୍ରତିଷ୍ଠାତା ରମେଶ ଚନ୍ଦ୍ର ସାମନ୍ତ, ଇନ୍ଦିରାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ପରିଚାଳନା କମିଟି ସଭାପତି ତ୍ରିନାଥ ପାତ୍ର ପତାକା ଉତ୍ତୋଳନ କରିଥିଲେ ।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଆମ୍ବାଦୋଳା,୨୭।୧(ଡ଼ି.ଏନ.ଏ)**

ଆମ୍ବାଦୋଳା ଥାନା ଅନ୍ତର୍ଗତ ଆମ୍ବାଦୋଳା ଲେଭଲ କ୍ରସିଂ ନିକଟ ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି । ସେ ହେଲେ ଆମ୍ବାଦୋଳା ଥାନା ଅନ୍ତର୍ଗତ ଘମଟଗୁଡ଼ା ଗ୍ରାମର ଲାଛି ପିଡ଼ିକାକାଙ୍କ ପୁଅ ରାମ ପିଡ଼ିକାକା(୨୫) । ରାମଙ୍କ ମାନସିକ ବିକୃତ ଥିବାରୁ ସେ ୨ ଦିନ ହେବ ଘରୁ କେଉଁଆଡ଼େ ଚାଲିଯାଇଥିଲେ । ରେଳ ଧାରଣାରେ ମୁଣ୍ଡ ଗଣ୍ଡି ଅଲଗା ହୋଇ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା । ଖବରପାଇ ଜିଆରପି ଏଏସଆଇ ମକାରୁ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ । ତାଙ୍କର ମୃତ୍ୟୁର କାରଣ ଜଣାପଡ଼ି ନାହିଁ।

## ରକ୍ତଦାନ ପାଇଁ ଜିଆଇଇଟି ସମ୍ମାନିତ

**ଗୁଣପୁର,୨୭।୧(ଡି.ଏନ.ଏ)**

ବହୁଳ ମାତ୍ରରେ ରକ୍ତଦାନ କରିଥିବା ହେତୁ ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟକୁ ସମ୍ମାନିତ କରାଯାଇଛି । ରାୟଗଡାଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଜିଆଇଇଟି ବିଶ୍ୱବିଦ୍ୟାଳୟ ଏନଏସଏସ ୟୁନିଟ୍ ସଂଯୋଜକ ଡ.ପ୍ରେମାଂଶୁ ରଥଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ ।



# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ଗୁଡାରୀ, ୨୭।୧ (ଡି.ଏନ୍.ଏ.)**

ଗୁଡାରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୮ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ଭାରତୀ ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଶିକ୍ଷାଦାନ, ସଂସ୍କୃତି, ଶିଷ୍ଟାଚାର ଓ ବ୍ୟବହାର ପ୍ରଦାନରେ ଶିଶୁ ମନ୍ଦିର ଆଗୁଆ ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗାୟତ୍ରୀ ଦେବୀ ସାହୁ, ସିଆରପିଏଫ୍ କମାଣ୍ଡାଣ୍ଟ ଅଶୋକ କୁମାର, ସମ୍ପାଦକ ବିଷ୍ଣୁପ୍ରସାଦ ଦେଓ ଉପସ୍ଥିତ ଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ, ଗୁରୁମା ଓ ଅଭିଭାବକ ଉପସ୍ଥିତ ଥିଲେ ।

# ଆମ ପୋଲିସ ବୈଠକ


ଆମ ପୋଲିସ ବୈଠକରେ ଆଲୋଚନା ଚାଲିଛି ।

**ଗୁଣପୁର,୨୭।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସହରର ବାବୁଲି ନଗର ଏବଂ ବୃନ୍ଦାବତୀ ନଗର ଛକଠାରେ ଆମ ପୋଲିସ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଆଇଆଇସି ରବୀନ୍ଦ୍ର କୁମାର ପାତ୍ର, ନବ ନିର୍ମାଣ ସମିତି ଅଧ୍ୟକ୍ଷ ଅକ୍ଷୟ ଦାସ,ବରିଷ୍ଠ ନାଗରିକ ସଂଘ ସଭାପତି ସୂର୍ଯ୍ୟ ନାରାୟଣ ରଥ, ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ପାଢୀ, କାଳୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଅକ୍ଷୟ ଦାସ ପରିଚାଳନା କରିଥିଲେ । ରମେଶ ଲିମା ଧନ୍ୟବାଦ ଦେଇଥିଲେ । ସାହିର ଶେଷ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବା, ଘର ବାହାରକୁ ଗଲେ ପୋଲିସକୁ ସୂଚନା ଦେବା, ବାଇକ ଚଲାଇବା ସମୟରେ ହେଲମେଟ ପିନ୍ଧିବା, ଘରଭଡା ଦେବା ସମୟରେ ଯେଉଁମାନେ ରହିବାକୁ ଚାହୁଛନ୍ତି ତାଙ୍କର ବିସ୍ତୃତ ବିବରଣୀ ପୋଲିସକୁ ପ୍ରଦାନ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା ।

# ବ୍ରାହ୍ମଣ ସମାଜର ବାର୍ଷିକ ଉତ୍ସବ

**ମୁନିଗୁଡ଼ା,୨୭।୧(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ା ଗୁପ୍ତା କଲୋନୀଠାରେ ଥିବା ବ୍ରାହ୍ମଣ ସମାଜର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷ ବ୍ରହ୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଭାଗବତ ପ୍ରବଚକ କମ୍ବୁଧର ହୋତା ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ଗୌରୀଶଙ୍କର ରଥ, ବିଦ୍ୟାଧର ଦାସ, କ୍ଷମାସାଗର ଦାସ, ପଦ୍ମନ ପାଢୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମାଜର ଉନ୍ନତି ଦିଗରେ ଓ ଆଗାମୀ ଦିନରେ କିପରି ସଂଘ ଉନ୍ନତିମୂଳକ କାମ କରି ପ୍ରଶଂସନୀୟ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ବ୍ଲକର ୬୦ ଜଣ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯାଇଥିଲା। ବ୍ଲକର ଗରିବ ବ୍ରାହ୍ମଣ ପିଲାମାନଙ୍କୁ ମାଗଣାରେ ବ୍ରତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ଅବସରରେ ଶହୀଦ ହେମନ୍ତ ପତ୍ରାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ବାଳକୃଷ୍ଣ ରଥ ଏହାକୁ ପରିଚାଳନା କରିଥିଲେ ।


ଉତ୍ସବରେ ଉପସ୍ଥିତ ଅତିଥି ।

# ପାଟିକାଙ୍କ ଘରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର

**ରାମନାଗୁଡ଼ା,୨୭।୧(ଡ଼ି.ଏନ.ଏ)**


ପାଟିକାଙ୍କ ଘରେ ଚାଲିଥିବା ଅଙ୍ଗନୱାଡ଼ି କେନ୍ଦ୍ର ।

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଗୁଲୁଣ୍ଡି ପଞ୍ଚାୟତ ଅଧୀନ ଢେପାଗୁଡ଼ା ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ପାଟିକାଙ୍କ ଘରେ ଚାଲିଛି । ଏଠାରେ ଥିବା ଅଙ୍ଗନୱାଡ଼ି ଗୃହ ଛାତରୁ ସିମେଣ୍ଟ ଖଣ୍ଡ ଖସିବାରୁ ବିଭାଗୀୟ ଯନ୍ତ୍ରୀ ତାକୁ ଅସୁରକ୍ଷିତ ଘୋଷଣା କରିଥିଲେ । ତେଣୁ ବିଭାଗ ତରଫରୁ କୌଣସି ବିକଳ୍ପ ବ୍ୟବସ୍ଥା କରା ନ ଯାଇ ପାଟିକାଙ୍କ ଘରେ ଉକ୍ତ କେନ୍ଦ୍ର ଚାଲୁଛି। ଇତିମଧ୍ୟରେ ଏକ ବର୍ଷରୁ ଉର୍ଦ୍ଧ୍ୱ ଦିନ ବିତିଥିଲେ ମଧ୍ୟ ନୂତନ କୋଠା ନିର୍ମାଣ କରାଯାଇ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଫଳରେ ଛୋଟ ଛୋଟ ପିଲା ପାଟିକାଙ୍କ ବାରଣ୍ଡାରେ ପଢୁଛନ୍ତି। କେନ୍ଦ୍ରର ସରଞ୍ଜାମ ପାଟିକାଙ୍କ ଘରେ ରଖାଯାଉଛି । ପାଟିକା ପରିବାର ସହ ପଡ଼ିଶା ଘରେ ରହୁଛନ୍ତି । ନିଜର ପକ୍କା ଘର ଥିଲେ ମଧ୍ୟ ଚାକିରି କରୁଥିବାରୁ ନିଜ ଘର ବିଭାଗକୁ ଦେଇ କଷ୍ଟେମଷ୍ଟେ ଚଳୁଛନ୍ତି ବୋଲି ପାଟିକା କହିଛନ୍ତି । ଏନେଇ ସିଡ଼ିଏମଓଙ୍କୁ ପଚାରିବାରୁ , ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି । କିନ୍ତୁ ଅନୁଦାନ ଆସି ନ ଥିବାରୁ କାମ ହୋଇ ପାରୁନାହିଁ ବୋଲି କହିଛନ୍ତି। ତୁରନ୍ତ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି ।